# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-252 ♦WEDNESDAY ♦11 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୫୨ ♦ବୁଧବାର ♦୧୧ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




**ବଂଶିକାଙ୍କ ହାତ ଧରିବେ କୁଲ୍‌ଦୀପ୍**

▶ପୃଷ୍ଠା ୧୨ ଦେଖନ୍ତୁ...

**ଦଶମ ଦିନରେ ମହାଯୁଦ୍ଧ**

# ଭୟଙ୍କର ହେଉଛି ଆକ୍ରମଣ

## ଲିଟରେ ତୈଳ ବି ବାହାରକୁ ଯିବାକୁ ଦେବୁନି: ଇରାନ

### ଇସ୍ରାଏଲ-ଆମେରିକା ରାଷ୍ଟ୍ରଦୂତଙ୍କୁ ବିଦାକଲେ ତୈଳ ଟ୍ୟାଙ୍କର ଛାଡ଼ିବୁ

### ହର୍ମୁଜ ଜଳପଥ ବନ୍ଦ କଲେ ଆକ୍ରମଣ ୨୦ ଗୁଣା ବଢ଼ିବ: ଟ୍ରମ୍ପ

### ଆମେରିକାକୁ ଇରାକର ପରାମର୍ଶ: ଆମ ଦେଶକୁ ବ୍ୟବହାର କରନି

### ତେହରାନ ପରମାଣୁ ପରୀକ୍ଷାଗାରରେ ଇସ୍ରାଏଲର ଆକ୍ରମଣ

■ ତେହରାନ/ୱାସିଂଟନ, ୧୦।୩ (ଏଜେନ୍ସି): ଦୁଇ ଦୁଇଟି ଯୁଦ୍ଧ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛି। ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ବଡ଼ ବଡ଼ ଦାବି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଯୁଦ୍ଧରେ ମାତିଛନ୍ତି। ଗୋଟିଏ ପରେ ଗୋଟିଏ ଦେଶକୁ ନିଜ ଇଙ୍ଗିତରେ ନଚେଇବା ପାଇଁ ଟ୍ରମ୍ପ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଭେନେଜୁଏଲା ପରେ ଇରାନରେ ଆକ୍ରମଣ କରି ବିଶ୍ୱବାସୀଙ୍କ ପାଇଁ ଟ୍ରମ୍ପ କାଳ ପାଲଟିଛନ୍ତି। ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଥିବା ଆମେରିକା ରାଷ୍ଟ୍ରପତି ଅନ୍ୟ ଦେଶର ସର୍ବେସର୍ବା ହେବାକୁ ଚାହୁଁଛନ୍ତି। ମାତ୍ର ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ଇରାନ ବରଦାସ୍ତ କରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣକୁ ଇରାନ ଦୃଢ଼ ଜବାବ ଦେଉଛି। ଯୁଦ୍ଧରେ ନଇଁବୁ ନାହିଁ। ଆମେ ଅସ୍ତ୍ରବିରତି ଚାହୁନୁ। ଏହି ଯୁଦ୍ଧରେ ଦେଶର ସ୍ଥିତି ଭାରି ରହିଛି ବୋଲି କୁହାଯାଇଛି। କ୍ରମାଗତ ୧୧ ଦିନରେ ବାହାରିନ, ସାଉଦି ଆରବ, କୁଏଇ, ୟୁଏଇ ଆଦିରେ ଇରାନ ଡ୍ରୋନ ଆକ୍ରମଣ କରିଛି। ହର୍ମୁଜ ଷ୍ଟ୍ରିଟକୁ ଇରାନ ବନ୍ଦ କରି ଆମେରିକା ଏବଂ ▶ପୃଷ୍ଠା-୭

### ଇରାନ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ-ପୁଟିନ ଆଲୋଚନା

■ ୱାସିଂଟନ, ୧୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନକୁ ଅକୁଣ୍ଠ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଏହାର କିଛି ସମୟ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ରୁଷ ପ୍ରତିପକ୍ଷଙ୍କ ସହ କଥା ହୋଇଛନ୍ତି। ଆମେରିକା ପକ୍ଷରୁ ହୋଇଥିବା ଏହି ଆଲୋଚନା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଟ୍ରମ୍ପ ଏବଂ ପୁଟିନ ଇରାନ ଓ ୟୁକ୍ରେନ ଯୁଦ୍ଧ, ବିଶ୍ୱ ତୈଳ ବଜାର ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଭୟ ଯୁଦ୍ଧର ସମାଧାନ ଉପରେ ଜୋର ଦେଇଥିଲେ। ଏହି ଆଲୋଚନା ଗଠନମୂଳକ ଥିଲା ବୋଲି କ୍ରେମଲିନ ▶ପୃଷ୍ଠା-୭

## ସାରା ଏସିଆରେ ଇନ୍ଧନ ସଙ୍କଟ



- ବାଣିଜ୍ୟିକ ସିଲିଣ୍ଡର ଉପରେ କେନ୍ଦ୍ର ସରକାରଙ୍କ କଟକଣା
- ଏଲ୍‌ପିଜି ଉତ୍ପାଦନ ବୃଦ୍ଧି ପାଇଁ ବିଶୋଧନାଗାରକୁ ନିର୍ଦ୍ଦେଶ
- ପାକିସ୍ତାନରେ ମନ୍ତ୍ରୀଙ୍କ ବେତନ ବନ୍ଦ; ବିଦେଶ ଯାତ୍ରା ସ୍ଥଗିତ
- ଥାଇଲାଣ୍ଡରେ ଅଫିସ୍ ଲିଫ୍ଟ ବନ୍ଦ, ଭିଏତନାମରେ ଘରୁ କାମ

■ ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣର ପ୍ରଭାବ ଏବେ ସାରା ବିଶ୍ୱରେ ପଡ଼ିଛି। ସାରା ୟୁରୋପ ଓ ଏସୀୟ ମହାଦେଶ ଏବେ ନୂଆ ସଙ୍କଟର ସାମ୍ନା କରିବାକୁ ଯାଉଛି। ସାରା ବିଶ୍ୱକୁ ତୈଳ ଇନ୍ଧନ ଓ ପ୍ରାକୃତିକ ଗ୍ୟାସ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାର ପ୍ରଭାବରେ ବିଶ୍ୱ ପ୍ରଭାବିତ ହୋଇଛି। ୟୁରୋପୀୟ ଦେଶ ସମୂହ ରୁଷରୁ ପ୍ରାକୃତିକ ଗ୍ୟାସ ଆମଦାନୀ କରୁଥିବାରୁ କିଛି ପରିମାଣରେ ଆଶ୍ୱସ୍ତ ଅଛନ୍ତି, ମାତ୍ର ମଧ୍ୟପ୍ରାଚ୍ୟରୁ ତୈଳ ଓ ଗ୍ୟାସ ଆମଦାନୀ କରୁଥିବା ଏସୀୟ ଦେଶଗୁଡ଼ିକ ଗୁରୁତର ଇନ୍ଧନ ସଙ୍କଟକୁ ସମ୍ମୁଖୀନ ହେବାକୁ ଯାଉଛନ୍ତି। ଭାରତ ସରକାର ପ୍ରତିଷେଧାତ୍ମକ ପଦକ୍ଷେପ ସ୍ୱରୂପ ବାଣିଜ୍ୟିକ ଗ୍ୟାସ ଯୋଗାଣରେ କଟକଣା ଆରମ୍ଭ କରିଛନ୍ତି। ଯାହା ଫଳରେ ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ପ୍ରଭାବିତ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶକୁ ପୁନର୍ବିଚାର କରିବାକୁ ହୋଟେଲ ଶିଳ୍ପ ସଂଘ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଏହା ସହ ଏଲ୍‌ପିଜି ଉତ୍ପାଦନ ପାଇଁ ତୈଳ ବିଶୋଧନାଗାରଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏହା କେତେ ସମୟ ଧରି ଦେଶର ଆବଶ୍ୟକତାକୁ ମେଣ୍ଟାଇ ପାରିବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଇରାନ ଏବଂ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଯୋଗୁଁ ହରମୁଜ୍ ପ୍ରଣାଳୀ ବନ୍ଦ ରହିଛି। ପ୍ରତିବର୍ଷ ବିଶ୍ୱର ପ୍ରାୟ ୨୦% ତୈଳ ▶ପୃଷ୍ଠା-୭



## ଲୋକସଭାରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା

# ସରକାର-ବିରୋଧୀ ମୁହାଁମୁହିଁ

■ ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଲୋକସଭାରେ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ବେଳେ ସରକାର ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ଗୃହ ପରିଚାଳନା ବେଳେ ବିର୍ଲା ଆଦୌ ନିରପେକ୍ଷ ରହୁ ନାହାନ୍ତି ବୋଲି ବିରୋଧୀ ଦଳ ସଭ୍ୟ ଅଭିଯୋଗ କରିବା ସହିତ ତାଙ୍କୁ ବାଚସ୍ପତି ପଦରୁ ହଟାଇବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷରେ ସରକାର ଏବଂ ବିଶେଷ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବାଚସ୍ପତିଙ୍କ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ ତାଙ୍କର ବିନା ଅନୁମତିରେ ଗୃହରେ କେହି କହିପାରିବେ ନାହିଁ। ବାଚସ୍ପତିଙ୍କ ଏଭଳି କ୍ଷମତାକୁ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଚାଲେଞ୍ଜ କରୁଥିବାରୁ ସେ ତାଙ୍କର ସମାଲୋଚନା କରିଥିଲେ।

ଟିଏମ୍‌ସି ପକ୍ଷରୁ ଆଲୋଚନା ଆରମ୍ଭ କରି ମହୁଆ ମୈତ୍ର କହିଥିଲେ ଯେ ଗୃହ ପରିଚାଳନା ବେଳେ ବିର୍ଲା ଯେଉଁ ପ୍ରକାର ପକ୍ଷପାତ ନୀତି ଅବଲମ୍ବନ କରୁଛନ୍ତି, ତାହାର ଦୃଷ୍ଟାନ୍ତ କେଉଁଠି ମିଳିବ ନାହିଁ। ବିରୋଧୀଙ୍କର କୌଣସି ମୁଲତବୀ ପ୍ରସ୍ତାବକୁ ଅନୁମତି ଦେଉନାହାନ୍ତି, ବିରୋଧୀ ଦଳର ସଭ୍ୟଙ୍କୁ ସସପେଣ୍ଡ କରିବାରେ ତାଙ୍କର ରେକର୍ଡ ରହିଛି, ବହୁତ କମ୍ ବିଲକୁ ଯାଞ୍ଚ ପାଇଁ ସଂସଦୀୟ କମିଟିକୁ ପଠାଉଛନ୍ତି, ବିରୋଧୀ ସଭ୍ୟଙ୍କୁ କହିବାକୁ ଅନୁମତି ଦେଉ ନାହାନ୍ତି। ବିରୋଧୀ ସାଂସଦ କହିଲା ବେଳେ ସେମାନଙ୍କର ମାଇକ୍ ସୁଇଚ୍ ଅଫ୍ କରି ଦିଅନ୍ତି। ଅନ୍ୟପକ୍ଷରେ ବିବାଦୀୟ ମନ୍ତବ୍ୟ ଦେବାଲାଗି ସେ ବିରୋଧୀ ସଭ୍ୟଙ୍କୁ ଅନୁମତି ଦେଉଛନ୍ତି। ସେ କହିଲେ ଯେ ଏ ହେଉଛନ୍ତି ସେହି ବାଚସ୍ପତି ଯାହାଙ୍କ ଅମଳରେ ତାଙ୍କୁ ସଂସଦରୁ ବହିଷ୍କାର କରାଯାଇଥିଲା।

### ବିର୍ଲାଙ୍କୁ ପ୍ରଶଂସା କଲେ ରିଜିଜୁ

### ବିରୋଧୀଙ୍କୁ କହିବାକୁ ଦେଉନାହାନ୍ତି ବିର୍ଲା: ମହୁଆ

ଏବଂ ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଲା ଯେ ତାଙ୍କୁ ନିଜ ସପକ୍ଷରେ କହିବାକୁ ମଧ୍ୟ ବିର୍ଲା ଅନୁମତି ଦେଇନଥିଲେ।

ଆଲୋଚନା ଆରମ୍ଭ କରି ମନ୍ତ୍ରୀ ରିଜିଜୁ ବାଚସ୍ପତି ପଦ ହିସାବରେ ବିର୍ଲାଙ୍କ ଗୃହ ପରିଚାଳନାର ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ତାଙ୍କର ବିନା ଅନୁମତିରେ ଗୃହରେ କେହି କହିପାରିବେ ନାହିଁ, ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ବିରୋଧୀ ଦଳର ନେତା ହୁଅନ୍ତୁ। ତାଙ୍କୁ କହିବା ଲାଗି କାହାରି ଅନୁମତିର ଦରକାର ନାହିଁ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସେ ସମାଲୋଚନା ▶ପୃଷ୍ଠା-୭

## ଯୁଦ୍ଧରେ ଫସିଛନ୍ତି ଲକ୍ଷଲକ୍ଷ ଓଡ଼ିଆ

# ସରକାରଙ୍କ ନିରବତାକୁ ନେଇ ନବୀନଙ୍କ ଉଦ୍‌ବେଗ



**ତୁରନ୍ତ ସବୁ ଓଡ଼ିଆଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ଦାବି**

■ ଭୁବନେଶ୍ୱର, ୧୦।୩ (ସମିସ): ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଥିବାବେଳେ ସେଠାରେ ରହୁଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶା ସରକାର ବଡ଼ ବଡ଼ କଥା ନ କହି ତୁରନ୍ତ ସମସ୍ତ ଓଡ଼ିଆଙ୍କୁ ଯୁଦ୍ଧ ଅଞ୍ଚଳରୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ଫସି ରହିଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କ ଭୟ ଓ ଭାବାବେଗକୁ ମୁଁ ଅନୁଭବ କରିପାରୁଛି। ଶ୍ରମିକଙ୍କଠୁ ଆରମ୍ଭ କରି ▶ପୃଷ୍ଠା-୭

**କାଠଯୋଡ଼ି ପଠାରେ ବାଣ ବିସ୍ଫୋରଣ**

# ଥରିଲା କଟକ



**ଜନବସତି ଅଞ୍ଚଳରେ ବାଣ ନିଷ୍କ୍ରିୟ କରିବାକୁ ନେଇ ଉତ୍ତେଜନା**

■ କଟକ, ୧୦।୩ (ସମିସ): ସଦର ଥାନା ଅନ୍ତର୍ଗତ ବଢ଼େଇ ସାହି ନିକଟସ୍ଥ କାଠଯୋଡ଼ି ନଦୀ ପଠାରେ ଜବତ ବାଣ ନିଷ୍କ୍ରିୟ କଲା ବେଳେ ହୋଇଥିବା ପ୍ରଚଣ୍ଡ ବିସ୍ଫୋରଣକୁ ନେଇ ବିବାଦ ଦେଖା ଦେଇଛି। ସ୍ଥାନୀୟ ଜନସାଧାରଣ କମିଶନରେଟ୍ ପୁଲିସ ବିରୋଧରେ ମୁହଁ ଖୋଲିଛନ୍ତି। ବିସ୍ଫୋରଣରେ ହୋଇଥିବା ପ୍ରଚଣ୍ଡ ଶବ୍ଦକୁ ନେଇ ସଦର ଥାନା ପୁଲିସ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜନବସତି ଅଞ୍ଚଳରେ ପୁଲିସ ଜବତ ବାଣ ନିଷ୍କ୍ରିୟ କରିବାର ନିୟମ ନାହିଁ। କମିଶନରେଟ୍ ପୁଲିସର ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର (ଏସ୍‌ଓପି) ଅନୁଯାୟୀ, ଜନବସତି ଠାରୁ ଦୂରରେ ଜବତ ବାଣ ବିସ୍ଫୋରଣ କରିବାର ନିୟମ ରହିଥିବା ବେଳେ କେଉଁଭଳି ପୁଲିସ ଏଭଳି ବେନିୟମ କାର୍ଯ୍ୟ କରିଛି, ତାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଗତବର୍ଷ ଜୁନ୍ ୧୪ ତାରିଖରେ ଘଟଣାସ୍ଥଳରେ ଜବତ ବାଣ ନିଷ୍କ୍ରିୟ କଲା ବେଳେ ବିସ୍ଫୋରଣ ଘଟି ହାବିଲଦାର ପ୍ରଦୀପ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ୨ଜଣ ପୁଲିସ କର୍ମଚାରୀ ଗୁରୁତର ଆହତ ▶ପୃଷ୍ଠା-୭






# ଦୁଇ ବାଇକ୍ ମୁହାଁମୁହିଁ: ୩ ମୃତ

■ ବିଷମକଟକ/ଦୁର୍ଗୀ, ୧୦।୩ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିର ନିକଟ ଦେଇ ଯାଇଥିବା ୪୬ନମ୍ବର ରାଜ୍ୟ ରାଜପଥ ଆଜି ୩ଜଣଙ୍କ ମୁଣ୍ଡ ନେଇଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, କୋଲନରା ବ୍ଲକ୍ ବୁରୁଜୁଗୁଡ଼ା ଗ୍ରାମର ଆକାଶ ମାଣ୍ଡାଙ୍ଗି, ବୀରସିଂ ହିକକା ଓ ରବି ପିର୍ବାକା। ଏହି ଘଟଣାରେ ଅନ୍ୟ ଜଣେ ଯୁବକ ଧନୁର୍ଜୟ ହିକକା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଷମକଟକ ପୁଲିସ ମେଡିକାଲରେ ପହଞ୍ଚି ୩ ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ବୀରସିଂ, ଧନୁର୍ଜୟ ଓ ରବି ଏକ ବାଇକ୍‌ରେ ଦୁର୍ଗୀ ଗାଁରେ ହେଉଥିବା ଦୋଳଯାତ୍ରା ଦେଖିବା ପାଇଁ ଯାଇଥିଲେ। ଏହି ସମୟରେ ରାମନାଗୁଡ଼ା ବ୍ଲକ ବଡ଼ ବାଟପୁଲିସି ଗ୍ରାମର ଆକାଶ ମଣ୍ଡାଙ୍ଗି ନିଜର ଦୁଇ ଭଉଣୀଙ୍କୁ ▶ପୃଷ୍ଠା-୭




### ନ୍ୟାୟିପାଳିକାରେ ଦୁର୍ନୀତି ବିଷୟ ମାମଲା

## ନିଃସର୍ତ୍ତ କ୍ଷମା ମାଗିଲା ଏନ୍‌ସିଇଆରଟି

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟକୁ ନେଇ ନ୍ୟାସନାଲ କାଉନସିଲ ଅଫ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ତଥା ଏନସିଇଆରଟି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛି। ଏହି ବିଷୟକୁ ନେଇ ଦେଶର ବିବାଦ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଥିଲା। ସର୍ବୋଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରି ସରକାରଙ୍କୁ ସମାଲୋଚନା କରିଥିଲେ। ଏହାର ବିକ୍ରି ଉପରେ କଟକଣା ଲଗାଇ ଦେଇଥିଲେ। ନ୍ୟାୟପାଳିକାକୁ ବଦନାମ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ। ଏବେ ଏନ୍‌ସିଇଆରଟି ପକ୍ଷରୁ କୁହାଯାଇଛି ଯେ ସାମାଜିକ ବିଜ୍ଞାନର ଅଷ୍ଟମ ଶ୍ରେଣୀ (ପାର୍ଟ-୨) ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟୋଣ୍ଡ'ର ଚତୁର୍ଥ ଅଧ୍ୟାୟ 'ଦି ରୋଲ୍ ଅଫ୍ ଜୁଡିସିୟାରୀ ଇନ୍ ଆୱାର ସୋସାଇଟି' ଥିଲା। ଏହାକୁ ନେଇ ଏନସିଇଆରଟିର ନିର୍ଦ୍ଦେଶକ ଏବଂ ସଦସ୍ୟମାନେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ସମ୍ପୂର୍ଣ୍ଣ ବହିକୁ ପ୍ରତ୍ୟାହାର କରି ନିଆଯାଇଛି । ଏବେ ଏହା ଆଉ ଉପଲବ୍ଧ ନାହିଁ।

## ୨୬ ନେତା ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**୧୬ରେ ୧୧ ଆସନ ପାଇଁ ମୁକାବିଲା**

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ହେବାକୁ ଯାଉଛି। ମାତ୍ର ଏହା ପୂର୍ବରୁ ୭ ରାଜ୍ୟରୁ ୨୬ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଏନ୍‌ସିପି (ଶରଦ) ମୁଖ୍ୟ ଶରଦ ପାୱାର, କଂଗ୍ରେସର ଅଭିଷେକ ମନୁ ସିଂଘଭୀ, କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ, ବାବୁଲ ସୁପ୍ରିୟୋ, ପୂର୍ବତନ ଡିଜିପି ରାଜୀବ କୁମାର ପ୍ରମୁଖ ସାମିଲ ଅଛନ୍ତି। ଅନେକ ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ପ୍ରାର୍ଥୀ ଦେଇ ନ ଥିବାରୁ ଏପରି ହୋଇଛି। ଅନ୍ୟପଟେ ବିହାରର ୫, ଓଡ଼ିଶାର ୪, ହରିୟାଣାର ୨ ଆସନ ପାଇଁ ଆସନ୍ତା ୧୬ ତାରିଖରେ ମତଦାନ ହେବ। ଏହି ନିର୍ବାଚନରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ବିଜେପି ଅଧ୍ୟକ୍ଷ ନିତିନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ରହିଛି। ୧୦ ରାଜ୍ୟର ୩୭ ଆସନ ପାଇଁ ମତଦାନ ହେବାର ଥିଲା। ଏହି ସବୁ ଆସନ ପାଇଁ ୪୦ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏବେ ୧୧ ରାଜ୍ୟରେ ୧୪ ପ୍ରାର୍ଥୀ ମୈଦାନରେ ଅଛନ୍ତି। ଏଥିପାଇଁ ବିହାର, ଓଡ଼ିଶା, ହରିୟାଣାରେ ଗୋଟିଏ ଲେଖାଏଁ ଆସନରେ ମୁକାବିଲା ହେବ।

## ଜଣେ ଯୁବତୀଙ୍କ ଉପରେ ଦୁଇ ସ୍ୱାମୀଙ୍କ ଦାବି

ଶ୍ରୀନଗର, ୧୦।୩ (ଏଜେନ୍ସି): ଜମ୍ମୁ-କଶ୍ମୀରରୁ ଅଜବ ମାମଲା ସାମ୍ନାକୁ ଆସିଛି। ଜଣେ ଯୁବତୀଙ୍କ ଉପରେ ଦୁଇ ଜଣ ସ୍ୱାମୀ ଦାବି କରିଛନ୍ତି। ଏଥିପାଇଁ ଅଲଗା ଅଲଗା ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଉଭୟେ ଉକ୍ତ ଯୁବତୀଙ୍କୁ ପ୍ରେମ କରୁଥିବା କହିଛନ୍ତି। ଜଣେ ବ୍ୟକ୍ତି ରାଜସ୍ଥାନରେ ଏବଂ ଅନ୍ୟ ଜଣେ ଜମ୍ମୁ-କଶ୍ମୀର ହାଇକୋର୍ଟରେ ଯୁବତୀଙ୍କ ସହ ବିବାହ କରିଥିବା ଦାବି କରି ଆବେଦନ କରିଛନ୍ତି। ଅନ୍ୟପଟେ ଜମ୍ମୁ-କଶ୍ମୀରର ଅନନ୍ତନାଗ ନିବାସୀ ଏହି ଯୁବତୀ ସକିଲା ଅଖତରଙ୍କୁ ରାଜସ୍ଥାନ ପୁଲିସ ଦୀର୍ଘ ଦିନ ଧରି ଖୋଜୁଛି। ସୂଚନା ଅନୁଯାୟୀ, ରାଜସ୍ଥାନ ଡିଡୱାନା-କୁଚାମନ ଜିଲ୍ଲାର ବରଡୱା ଥାନା ଅନ୍ତର୍ଗତ ସୁଦରାସନ ଗ୍ରାମର ବାସିନ୍ଦା ଜିତେନ୍ଦ୍ର ସିଂହ ରାଜସ୍ଥାନ ହାଇକୋର୍ଟ ଯୋଧପୁର ଖଣ୍ଡପୀଠରେ ଏକ ବନ୍ଦୀ ପ୍ରତ୍ୟକ୍ଷୀକରଣ ଆବେଦନ ଦାଖଲ କରିଛନ୍ତି।ଜିତେନ୍ଦ୍ର ଦାବି କରିଛନ୍ତି ଯେ ସେ ଗତ ବର୍ଷ ଫେବୃଆରୀ ୧୬ରେ ପଞ୍ଜାବର ଫିରୋଜପୁରରେ ସକିଲାଙ୍କୁ ବିବାହ କରିଥିଲେ। ସେ ଆବେଦନରେ ବିବାହ ସମ୍ପର୍କିତ କାଗଜପତ୍ର ଏବଂ ଲିଭ୍-ଇନ୍ ସାର୍ଟିଫିକେଟ୍ ମଧ୍ୟ ଦାଖଲ କରିଛନ୍ତି। ସେ ସକିଲାଙ୍କୁ ତାଙ୍କ ପାଖକୁ ଫେରାଇ ଆଣିବାକୁ ଦାବି କରିଛନ୍ତି।

ତଦନ୍ତକାରୀ ଅଧିକାରୀ ତଥା ବରଡୱା ଥାନା ଅଧିକାରୀ ମହେନ୍ଦ୍ର ସିଂହ କହିଛନ୍ତି ଯେ, ଆଜି (ମଙ୍ଗଳବାର) ରାଜସ୍ଥାନ ହାଇକୋର୍ଟ ଯୋଧପୁରରେ ଶକିଲା ଅଖତର, ଜିତେନ୍ଦ୍ର ସିଂହ ଏବଂ ସଜ୍ଜୀର ଅହମ୍ମଦ ଖାନ୍ ମାମଲାର ଶୁଣାଣି ହୋଇଛି। ସରକାରୀ ଓକିଲ କୋର୍ଟକୁ ଜଣାଇଛନ୍ତି ଯେ ଜମ୍ମୁ-କଶ୍ମୀର ହାଇକୋର୍ଟରେ ଅହମ୍ମଦ ଏକ ସୁରକ୍ଷା ଆବେଦନ ଦାଖଲ କରିଛନ୍ତି। ଏଥିରେ ସକିଲା ନିଜ ଇଚ୍ଛାରେ ତାଙ୍କ ସ୍ୱାମୀ ଅହମ୍ମଦଙ୍କ ସହ ରହୁଥିବା କୁହାଯାଇଛି। ଏଭଳି ସ୍ଥିତିରେ କୋର୍ଟ ଜିତେନ୍ଦ୍ରଙ୍କୁ ମାମଲା ପ୍ରତ୍ୟାହାର କରିବାକୁ କହିଛନ୍ତି। ଅନ୍ୟପଟେ ୧୩ ତାରିଖରେ ଜମ୍ମୁ-କଶ୍ମୀର ହାଇକୋର୍ଟ ଏହି ମାମଲାର ଶୁଣାଣି କରିବେ।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଟ୍ରମ୍ପଙ୍କ ଭୟଙ୍କର ଯୋଜନା

## ତେଲ ପରିବହନ ପାଇଁ ଇରାନର ଖାର୍ଗ ଦ୍ୱୀପକୁ କରିବେ କବ୍‌ଜା!

ତେହରାନ, ୧୦।୩ (ଏଜେନ୍ସି): ଇରାନ ଆକ୍ରମଣ ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ପରେ ଗୋଟିଏ କୁଟୀଳ ଯୋଜନା ସାମ୍ନାକୁ ଆସିବାରେ ଲାଗିଛି। ଯୁଦ୍ଧ ପାଇଁ ହର୍ମୁଜ ଷ୍ଟ୍ରେଟକୁ ଇରାନ ବନ୍ଦ କରିଦେଇଛି। ଏପରି ସ୍ଥଳରେ ହର୍ମୁଜ ଷ୍ଟ୍ରେଟ ନିକଟରେ ଥିବା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦୀପର ମହତ୍ତ୍ୱ ବଢ଼ି ଯାଇଛି। ଏହି ମାର୍ଗ ଦେଇ ଇରାନର ୯୦ ପ୍ରତିଶତ ତୈଳ କାରବାର ହେଉଛି। ଏହାର ଇରାନର ପ୍ରମୁଖ ତୈଳ କେନ୍ଦ୍ର ପାଲଟି ଯାଇଛି। ତେଣୁ ଆମେରିକା ରାଷ୍ଟ୍ରପତି ଏହି ଦ୍ୱୀପକୁ କବ୍‌ଜା କରିବା ପାଇଁ ଚାହୁଁଛନ୍ତି। ଏଥିପାଇଁ ଟ୍ରମ୍ପ ସେନା ବି ପଠାଇ ପାରନ୍ତି। ଏବେ ଏହା ଉପରେ ବିଚାରବିମର୍ଶ ଜାରି ରହିଛି।

ସୂଚନା ଅନୁଯାୟୀ ଖାର୍ଗ ଦ୍ୱୀପରେ ବଡ଼ ବଡ଼ ତୈଳ ଟର୍ମିନାଲ୍, ପାଇପଲାଇନ, ଷ୍ଟୋରେଜ୍ ଟ୍ୟାଙ୍କ ଏବଂ ଜାହାଜରେ ତେଲ ଭରିବା ପାଇଁ ସୁବିଧା ରହିଛି। ଏଠାରୁ ପ୍ରତିଦିନ ପ୍ରାୟ ୭୦ ଲକ୍ଷ ବ୍ୟାରେଲ ପର୍ଯ୍ୟନ୍ତ ତେଲ ଜାହାଜରେ ଭର୍ତ୍ତି କରାଯାଇପାରିବ।

୧୯୬୦ରେ ବିଦେଶୀ ପୁଞ୍ଜିନିବେଶ ପରେ ଏହି ସ୍ଥାନକୁ ଏକ ବଡ଼ ତୈଳ ରପ୍ତାନୀ କେନ୍ଦ୍ର ଭାବେ ବିକଶିତ କରାଯାଇଥିଲା। ସେବେଠାରୁ ଏହା ଇରାନ ତୈଳ ଯୋଗାଣର ମେରୁଦଣ୍ଡ ପାଲଟିଛି। ହଡସନ୍ ଇନଷ୍ଟିଚ୍ୟୁଟର ସିନିୟର ଫେଲୋ ମାଇକେଲ୍ ଡୋରାନ୍ କହିଛନ୍ତି ଯେ ଯୁଦ୍ଧ ସତ୍ତ୍ୱେ ଇରାନର ସମ୍ପୂର୍ଣ୍ଣ ଅର୍ଥବ୍ୟବସ୍ଥାକୁ ଆମେରିକା ଛାରଖାର କରିବାକୁ ଚାହୁଁନାହିଁ। ଆମେରିକା ନିଜ ସୀମା ଭିତରେ ରହି



କିଛି ନିର୍ଦ୍ଦିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ କରିବ ନାହିଁ। ଯଦି ଏହି ସ୍ଥାନଗୁଡିକ ଉପରେ ଆକ୍ରମଣ ହୁଏ, ତେବେ ଇରାନ ବଡ଼ ଧରଣର ପାଲଟା ଆକ୍ରମଣ କରିପାରେ। ଏହା ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିପାରେ।

ଇରାନର ଅନେକ ସାମରିକ ଘାଟି ଏବଂ ଆଣବିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରି ଆମେରିକା ଏବଂ ଇସ୍ରାଏଲ୍ ଆକ୍ରମଣ କରୁଛନ୍ତି। ମାତ୍ର ଖାର୍ଗ ଦୀପ ଉପରେ ଏପର୍ଯ୍ୟନ୍ତ ଆକ୍ରମଣ ହୋଇନାହିଁ। ଏଠାରେ ଆକ୍ରମଣ ହେଲେ ବିଶ୍ୱରେ ତୈଳ ଦର ହୁ ହୁ ହୋଇ ବଢ଼ିବ। ଇରାନର ଅର୍ଥ ବ୍ୟବସ୍ଥା ଧ୍ୱଂସ ହୋଇଯିବ। ସାଟେଲାଇଟ୍ ଡାଟା ଏବଂ ଜାହାଜଗୁଡ଼ିକ ଉପରେ ନଜର ରଖୁଥିବା କମ୍ପାନୀଗୁଡିକ ଅନୁଯାୟୀ, ଯୁଦ୍ଧ ଜାରି ରହିଥିଲେ ବି ଇରାନ ଏଠାରୁ କ୍ରମାଗତ ଭାବରେ ତେଲ ରପ୍ତାନୀ

**■ ଖାର୍ଗ ଦୀପରୁ ଭୂତ ଜାହାଜରେ ଚାଲିଛି କାରବାର**
**■ ଦ୍ୱୀପ ଦେଇ ହେଉଛି ୯୦% ତୈଳ କାରବାର**
**■ ଆକ୍ରମଣ ହେଲେ ବିଶ୍ୱଯୁଦ୍ଧ ବିପଦ: ବିଶେଷଜ୍ଞ**

କରୁଛି। ରିପୋର୍ଟ ଅନୁଯାୟୀ, ଫେବୃଆରୀ ୨୮ ରୁ ଏପର୍ଯ୍ୟନ୍ତ ଟ୍ୟାଙ୍କର ଜରିଆରେ ୧.୨ କୋଟି ବ୍ୟାରେଲରୁ ଅଧିକ ତେଲ ବାହାରକୁ ପଠାଗଲାଣି। ପ୍ରକୃତ ସଂଖ୍ୟା ଏହାଠାରୁ ଅଧିକ ହୋଇଥାଇପାରେ। କାରଣ ଇରାନର ଅନେକ ଜାହାଜ ନିଜର ଟ୍ରାକିଂ ସିଷ୍ଟମ ବନ୍ଦ କରି ଚଳାଚଳ କରନ୍ତି। ଇରାନ ଅନେକ ସମୟରେ ଡାର୍କ ଫ୍ଲିଟ୍ ତଥା ଭୂତ ଜାହାଜ ବ୍ୟବହାର କରି କାରବାର କରୁଛି। ଏହି ଜାହାଜଗୁଡ଼ିକ ଅବସ୍ଥିତି ଦର୍ଶାଉଥିବା ଟ୍ରାକିଂ ମେସିନ୍ ବନ୍ଦ କରି ଦିଅନ୍ତି, ଫଳରେ ସେଗୁଡ଼ିକୁ ଟ୍ରାକ୍ କରିବା କଷ୍ଟକର ହୋଇଯାଏ। ପାରସ୍ୟ ଉପସାଗରରେ ଇରାନ ଉପକୂଳରୁ ପ୍ରାୟ ୨୫ ରୁ ୩୦ କିମି ଦୂରରେ ଖାର୍ଗ ଦୀପ ରହିଛି।

ନିକଟରେ ଏକ ବଡ଼ ତୈଳ ଟ୍ୟାଙ୍କର ହର୍ମୁଜ ଷ୍ଟ୍ରେଟ ଅତିକ୍ରମ କରିବା ସମୟରେ କିଛି ସମୟ ପାଇଁ ଟ୍ରାକିଂରୁ ଗାଏବ ହୋଇଯାଇଥିଲା। ପରେ ପୁଣି ଦୃଶ୍ୟମାନ ହୋଇଥିଲା। ସେହି ଜାହାଜଟି ଏସିଆ ଅଭିମୁଖେ ଯାଉଥିଲା। ହର୍ମୁଜ ନିକଟରେ ଥିବା ଖାର୍ଗ ଦୀପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ତୈଳ ମାର୍ଗ ମଧ୍ୟରୁ ଅନ୍ୟତମ। ବିଶ୍ୱର ପ୍ରାୟ ୨୦% ତେଲ ଏହି ପଥ ଦେଇ ଯାଇଥାଏ। ରିପୋର୍ଟ ଅନୁଯାୟୀ, ଯଦି ଖାର୍ଗ ଦୀପର ତୈଳ ଟର୍ମିନାଲକୁ ଧ୍ୱଂସ କରିଦିଆଯାଏ କିମ୍ବା ତାହାକୁ କବଜା କରାଯାଏ, ତେବେ ଇରାନର ସବୁଠାରୁ ବଡ଼ ଆୟ ବନ୍ଦ ହୋଇଯାଇପାରେ ବୋଲି ଆମେରିକା ବିଚାର କରୁଛି। ବିଶେଷଜ୍ଞଙ୍କ ଅନୁଯାୟୀ, ତେଲ ବିକ୍ରିରୁ ମିଳୁଥିବା ଅର୍ଥ ଇରାନର ସାମରିକ ଶକ୍ତି ପାଇଁ ସବୁଠାରୁ ବଡ଼ ଆର୍ଥିକ ଉତ୍ସ ପାଲଟି ଯାଇଛି । ଯଦି ଏହା ବନ୍ଦ ହୋଇଯାଏ, ତେବେ ଇରାନ ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବା କଷ୍ଟକର ହୋଇପଡ଼ିବ।

## ଆମେରିକା ସହ ଆଲୋଚନା ହେବନି: ଇରାନ

ତେହରାନ, ୧୦।୩ (ଏଜେନ୍ସି):ଆମେରିକା ସହିତ ଆଲୋଚନା କରିବାର ଆଉ କୌଣସି ସୁଯୋଗ ନାହିଁ। ଇରାନର ସେନା ଦୀର୍ଘକାଳୀନ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଛି। ଇରାନ ସର୍ବୋଚ୍ଚ ନେତାଙ୍କ ବୈଦେଶିକ ନୀତି ପରାମର୍ଶଦାତା କମାଲ ଖରାଜୀ ଏହା କହିଛନ୍ତି। ଏକ ସାକ୍ଷାତକାରରେ ସେ କହିଥିଲେ ଯେ ଆମେରିକା ପୂର୍ବରୁ ମଧ୍ୟ ଆଲୋଚନା ସମୟରେ ଦେଇଥିବା ନିଜର ପ୍ରତିଶ୍ରୁତି ପୂରଣ କରିନାହିଁ। ଆଲୋଚନା ଜାରି ଚାଲିଥିବାବେଳେ ହିଁ ଇରାନ ଉପରେ ଆକ୍ରମଣ କରାଯାଇଛି। ବର୍ତ୍ତମାନର ଯୁଦ୍ଧ ଦୀର୍ଘ ସମୟ ଧରି ଚାଲିପାରେ। ଏହା ସେପର୍ଯ୍ୟନ୍ତ ଜାରି ରହିପାରେ ଯେପର୍ଯ୍ୟନ୍ତ ଆମେରିକା ଓ ତା'ର ସହଯୋଗୀମାନଙ୍କ ଉପରେ ଆର୍ଥିକ ଚାପ ନ ବଢ଼ିଛି। ଇରାନର ସାମରିକ ଏବଂ ରାଜନୈତିକ ନେତୃତ୍ୱ ଏହି ସଂଘର୍ଷରେ ଏକଜୁଟ ଅଛନ୍ତି। ଦେଶ ଦୀର୍ଘ ସମୟ ପର୍ଯ୍ୟନ୍ତ ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି।

### ପାଟ୍ରିୟଟ ଡିଫେନ୍ସ ସିଷ୍ଟମ ମୁତୟନ କଲା ତୁର୍କୀ



ଇରାନ ଆକ୍ରମଣକୁ ଦେଖି ତୁର୍କୀ ନିଜ ଦେଶରେ ପାଟ୍ରିଅଟ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ଦେଶର ସୀମା ଏବଂ ଆକାଶମାର୍ଗର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ତୁର୍କୀ ପ୍ରତିରକ୍ଷା ମନ୍ତ୍ରାଳୟ କହିଛି। ଏଥିପାଇଁ ନାଟୋ ଏବଂ ଅନ୍ୟ ସହଯୋଗୀ ଦେଶମାନଙ୍କ ସହିତ ମଧ୍ୟ କ୍ରମାଗତ ଭାବରେ ଆଲୋଚନା ଚାଲିଛି। ଏହି ପ୍ରତିରକ୍ଷା ପ୍ରଣାଳୀକୁ ବିମାନ, କ୍ରୁଜ୍ ମିସାଇଲ୍, ଟାକ୍ଟିକାଲ୍ ବାଲିଷ୍ଟିକ୍ ମିସାଇଲ୍, ଡ୍ରୋନ୍ ଏବଂ କିଛି ହାଇପରସୋନିକ୍ କ୍ଷେପଣାସ୍ତ୍ରକୁ ରୋକିବା ପାଇଁ ଡିଜାଇନ୍ କରାଯାଇଛି। ତୁର୍କୀର ମାଲାତ୍ୟା ସହରରେ ପାଟ୍ରିଅଟ୍ ଡିଫେନ୍ସ ସିଷ୍ଟମ ଲଗାଯାଉଛି। ଏହି ସହରରେ କୁରିଜେକ ସାମରିକ ଘାଟୀ ରହିଛି। ଏଠାରେ ଆମେରିକୀୟ ସୈନିକ ମଧ୍ୟ ମୁତୟନ ଅଛନ୍ତି।

### ଟ୍ରମ୍ପଙ୍କ ଧମକ: ସାବଧାନ ରୁହ; ନଚେତ ହତ୍ୟା କରାଯିବ



ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇଙ୍କ ନିଯୁକ୍ତିକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସବୁଠାରୁ ବଡ଼ ଭୁଲ କହିଛନ୍ତି। ସେ ତାଙ୍କୁ ଚେତାବନୀ ଦେଇଛନ୍ତି। ଶାନ୍ତିରେ ରଖାଇ ଦେବେନି ବୋଲି କହିଛନ୍ତି। ମାତ୍ର ଏହାକୁ ନେଇ ଇରାନ ରକ୍ତମୁଖା ହୋଇ ଉଠିଛି। ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି ଆମେରିକା ରାଷ୍ଟ୍ରପତିଙ୍କୁ ଧମକ ଦେଇଛନ୍ତି। ତୁମଠାରୁ ବଡ଼ ଲୋକମାନେ ମଧ୍ୟ ଇରାନକୁ ଧ୍ୱଂସ କରିପାରିଲେ ନାହିଁ। ନିଜ ସତର୍କ ରୁହ, ନଚେତ୍ ତୁମେ ବି ହତ୍ୟାର ଶିକାର ହେବ ବୋଲି ଲାରିଜାନି ଟ୍ରମ୍ପଙ୍କୁ ଚେତାଇ ଦେଇଛନ୍ତି। ଅନ୍ୟପଟେ ଟ୍ରମ୍ପ କହିଛନ୍ତି ଯେ ଇରାନ ବିରୁଦ୍ଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ଆମେରିକା ଅନେକ କ୍ଷେତ୍ରରେ ବିଜୟ ହାସଲ କରିସାରିଛି, କିନ୍ତୁ ସମ୍ପୂର୍ଣ୍ଣ ବିଜୟ ମିଳିନାହିଁ। ଆମେରିକା ଏବେ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଭାବରେ ଆଗକୁ ବଢ଼ିବ। ଅନ୍ତିମ ବିଜୟ ହାସଲ କରି ଏହି ବିପଦକୁ ସବୁଦିନ ପାଇଁ ଶେଷ କରିବ। ରିପବ୍ଲିକାନ୍ ନେତାମାନଙ୍କ ବୈଠକରେ ଟ୍ରମ୍ପ କହିଛନ୍ତି ଯେ ଏହି ଅଭିଯାନ ପରେ ସମ୍ପୂର୍ଣ୍ଣ ବିଶ୍ୱ ପୂର୍ବପେକ୍ଷା ଅଧିକ ସୁରକ୍ଷିତ ହୋଇଯିବ। ଏହ ଅଭିଯାନ ବହୁତ ଶୀଘ୍ର ଶେଷ ହୋଇପାରେ।

## ଯୁଦ୍ଧରେ କେଉଁ ଦେଶର କ'ଣ କ୍ଷତି

**ଭାରତ:** କାତାର ଏବଂ ୟୁଏଇରୁ ଦେଶ ୫୯% ଏଲଏନଜି କ୍ରୟ କରିଥାଏ। ହର୍ମୁଜ ଷ୍ଟ୍ରେଟ ବନ୍ଦ ହେବା ଯୋଗୁଁ ଏହି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକଙ୍କୁ ମହଙ୍ଗା ମାଡ଼ ସହିବାକୁ ପଡୁଛି।

**ପାକିସ୍ତାନ:** କାତାର-ୟୁଏଇ ଉପରେ ନିର୍ଭରଶୀଳତା ଯୋଗୁଁ ଗମ୍ଭୀର ଶକ୍ତି ସଙ୍କଟ ଦେଖାଦେଇଛି। ମନ୍ତ୍ରୀମାନଙ୍କ ବିଦେଶ ଯାତ୍ରା ଉପରେ ରୋକ୍ ଲଗାଇ ଦିଆଯାଇଛି। ସ୍କୁଲଗୁଡ଼ିକୁ ଦୁଇ ସପ୍ତାହ ପାଇଁ ବନ୍ଦ କରାଯାଇଛି ଏବଂ 'ୱର୍କ ଫ୍ରମ୍ ହୋମ୍' ପାଇଁ ପରାମର୍ଶ ଦିଆଯାଇଛି।

**ବାଂଲାଦେଶ:** ପେଟ୍ରୋଲ-ଡିଜେଲ ବିକ୍ରି ଉପରେ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ବନ୍ଦ କରିଦିଆଯାଇଛି

**ଭିଏତନାମ:** ଜାଳେଣି ବଞ୍ଚାଇବା ପାଇଁ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ କୁହାଯାଇଛି।

**ଇଜିପ୍ଟ:** ରନ୍ଧନ ଗ୍ୟାସ ଦର ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଥାଇଲାଣ୍ଡ: ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ସାଉଦି ଆରବ:** ବିଶ୍ୱର ସବୁଠାରୁ ବଡ଼ ତୈଳ ବିଶୋଧନାଗାର 'ରାସ୍ ତନୁରା' ଆକ୍ରମଣ ଯୋଗୁଁ ଅଚଳ ହୋଇପଡ଼ିଛି।

### ପ୍ରବାସୀ ସଙ୍କଟ

ଉପସାଗରୀୟ ଦେଶଗୁଡ଼ିକରେ ଫସି ରହିଥିବା ପ୍ରାୟ ୫୨,୦୦୦ ଭାରତୀୟ ସ୍ୱଦେଶ ଫେରିଛନ୍ତି।ଇରାନରୁ ପ୍ରାୟ ୮୦ ହଜାର ଆଫଗାନ ନାଗରିକ ଫେରିଲେଣି। ପ୍ରତିଦିନ ୨,୦୦୦ ଆଫଗାନୀ ସୀମା ପାର୍ କରୁଛନ୍ତି। ମାର୍ଚ୍ଚ ୨ ରୁ ଏପର୍ଯ୍ୟନ୍ତ ୮୦ ହଜାରରୁ ଅଧିକ ସିରିଆ ନାଗରିକ ଲେବାନନ୍‌ରୁ ଫେରିଲେଣି। ଇସ୍ରାଏଲ ଆକ୍ରମଣରେ ଲେବାନନର ୫ ଲକ୍ଷ ଲୋକ ଦେଶ ଛାଡ଼ିଲେଣି।

### ବିମାନ ସଙ୍କଟ

ଇରାନ ଏବଂ ଇସ୍ରାଏଲ ନିଜର ଆକାଶମାର୍ଗ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ୟୁଏଇ, କାତାର ଏବଂ କୁଏତ ମଧ୍ୟ ବାୟୁସୀମା ବନ୍ଦ କରିଛନ୍ତି, ଯାହା ଫଳରେ ହଜାର ହଜାର ବିମାନ ଉଡ଼ାଣ ବାତିଲ ହୋଇଛି। ଇରାକ ଆକାଶମାର୍ଗ ବନ୍ଦ ରଖିବା ଅବଧିକୁ ଆଉ ୭୨ ଘଣ୍ଟା ପାଇଁ ବଢ଼ାଇ ଦେଇଛି। ପାକିସ୍ତାନ ମଧ୍ୟ ନିଜ ବାୟୁସୀମାର କିଛି ଅଂଶ ବନ୍ଦ ରଖିଛି।

**■ କରୋନା ଟିକାର ପାର୍ଶ୍ୱ ପ୍ରତିକ୍ରିୟାରେ ମୃତ୍ୟୁ ମାମଲା**

## କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): କରୋନା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଜନିତ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ପାର୍ଶ୍ୱ ପ୍ରତିକ୍ରିୟା ମାମଲାରେ କ୍ଷତିପୂରଣ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ତ୍ରୁଟିଶୂନ୍ୟ କ୍ଷତିପୂରଣ ନୀତି ଆଣିବାକୁ କହିଛନ୍ତି। ଏହି ନୀତି ମାଧ୍ୟମରେ ଔଷଧ କିମ୍ବା ଟିକା ନେବା ଦ୍ୱାରା କୌଣସି ବ୍ୟକ୍ତିଙ୍କର କ୍ଷତି ହେଲେ ତାଙ୍କୁ କ୍ଷତିପୂରଣ ମିଳିବ। ପାର୍ଶ୍ୱ ପ୍ରତିକ୍ରିୟା ପାଇଁ କାହାର ଭୁଲ୍ ସାବ୍ୟସ୍ତ ନ ହେଲେ ବି କ୍ଷତିପୂରଣ ଦିଆଯିବ। ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ବେଞ୍ଚ ଏହା ମଧ୍ୟ କହିଛନ୍ତି ଯେ ଟିକାକରଣର ପାର୍ଶ୍ୱ ପ୍ରତିକ୍ରିୟାର ଅନୁଧ୍ୟାନ ପାଇଁ ବର୍ତ୍ତମାନ ଥିବା ବ୍ୟବସ୍ଥା ଜାରି ରହିବ। ଏଥିପାଇଁ ପୃଥକ ଭାବେ କୌଣସି ବିଶେଷଜ୍ଞ କମିଟି ଗଠନ କରିବାର ଆବଶ୍ୟକତା ନାହିଁ।୨୦୨୧ରେ ରଚନା ଗଙ୍ଗୁ ଏବଂ ବେଣୁଗୋପାଳନ ଗୋବିନ୍ଦନଙ୍କ ପକ୍ଷରୁ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। କରୋନା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ଉଭୟଙ୍କ ଝିଅମାନଙ୍କ ମୃତ୍ୟୁ ହୋଇଥିବା ଦାବି କରିଥିଲେ।

ରାୟ ଶୁଣାଣି ସୁପ୍ରିମକୋର୍ଟ ତିନୋଟି ବଡ଼ ନିର୍ଦ୍ଦେଶ ଦେଇଥିଲେ। ଖଣ୍ଡପୀଠ କହିଥିଲେ ଯେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ତଥ୍ୟ ସମୟ ସମୟରେ ସାର୍ବଜନୀନ କରାଯିବ। ଏହି ନିଷ୍ପତ୍ତିର ଅର୍ଥ ଏହା ନୁହେଁ ଯେ ଜଣେ ବ୍ୟକ୍ତି ଅନ୍ୟ ଆଇନଗତ ପଦକ୍ଷେପ ଗ୍ରହଣ କରିପାରିବେ ନାହିଁ। ସେହିପରି କ୍ଷତିପୂରଣ ନୀତିକୁ ନେଇ ସରକାର କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷ ନିଜର ଭୁଲ୍ ସ୍ୱୀକାର କରିଥିବା ଧରାଯିବ ନାହିଁ। ସୂଚନାଯୋଗ୍ୟ ଯେ ଦେଶରେ କୋଭାକ୍ସିନର ୩୬ କୋଟି ଡୋଜ, କୋର୍ବେଭାକ୍ସର ୭.୩୮ କୋଟି ଏବଂ କୋଭିସିଲ୍ଡର ୧୭୫ କୋଟି ଡୋଜ ଲାଗିଥିଲା। ଗତ ବର୍ଷ ନଭେମ୍ବରରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ।

## ୟୁସିସି ଲାଗୁ କରିବାର ସମୟ ଆସିଯାଇଛି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଦେଶରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବାର ସମୟ ଆସିଯାଇଛି। ଏହା ଉପରେ ନିଷ୍ପତ୍ତି ନେବାର କାମ କୋର୍ଟଙ୍କ ନୁହେଁ। ସଂସଦ ଏ ନେଇ ନିଷ୍ପତ୍ତି ନେଉ। ଏହା ନୀତିଗତ ମାମଲା। ଆଇନ ଆଣିବା ସଂସଦର ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସରିୟତ ଆଇନ-୧୯୩୭ର କିଛି ଧାରାକୁ ରଦ୍ଦ ଦାବିରେ ଆଗତ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି। ଏହି ଧାରାରେ ମୁସଲମାନ ମହିଳାଙ୍କ ସହ ଭେଦଭାବ ହେଉଥିବା ଅଭିଯୋଗ କରାଯାଇଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଥିଲେ ଯେ ଏହି ଧାରାକୁ ରଦ୍ଦ କରିଦେଲେ ମୁସଲମାନ ସମୁଦାୟର ସମ୍ପତ୍ତି ବଣ୍ଟନକୁ ନେଇ କୌଣସି ସ୍ପଷ୍ଟ ଆଇନ ରହିବ ନାହିଁ। ଏହା ଦ୍ୱାରା ଆଇନଗତ ଶୂନ୍ୟତା ସୃଷ୍ଟି ହୋଇପାରେ। ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଅନେକ ଥର ସରକାରଙ୍କୁ ୟୁସିସି ଲାଗୁ କରିବା ପାଇଁ କହିସାରିଛନ୍ତି। ଅଲଗା ଅଲଗା ସମ୍ପ୍ରଦାୟ ପାଇଁ ଅଲଗା ନିୟମ ରହିଛି। ମାତ୍ର ଏଥିପାଇଁ ସିଧାସଳଖ କୌଣସି ଆଇନକୁ ଅସାମ୍ବିଧାନିକ ଘୋଷଣା କରାଯାଇପାରିବ ନାହିଁ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ମୁସଲିମ ମହିଳାଙ୍କୁ ପୁରୁଷଙ୍କ ଭଳି ସମ୍ପତ୍ତିର ସମାନ ଅଧିକାର ମିଳିବା ଉଚିତ ।ସରିୟତ ଆଇନର କିଛି ଧାରା ରଦ୍ଦ ବଦଳରେ ଭାରତୀୟ ଉତ୍ତରାଧିକାରୀ ଆଇନ ଲାଗୁ କରିବାକୁ ଭୂଷଣ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ କୋର୍ଟ କହିଥିଲେ ଯେ ୟୁସିସି ଏହି ସବୁ ସମସ୍ୟାର ସମାଧାନ। ମାତ୍ର ତରବରିଆ ଭାବେ ଏହା ଉପରେ ନିଷ୍ପତ୍ତି ନେବା ଅନୁଚିତ। ଏପରି କଲେ ଯାହାଙ୍କ ଅଧିକାର କଥା ଉଠୁଛି ତାଙ୍କର କ୍ଷତି ହୋଇପାରେ। କେବଳ ମୁସଲମାନ ସମ୍ପ୍ରଦାୟ ନୁହେଁ, ବରଂ ବିଭିନ୍ନ ବ୍ୟକ୍ତିଗତ ଆଇନ ଅଧୀନରେ ଭାରତୀୟ ମହିଳା ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି।

**ପଶ୍ଚିମବଙ୍ଗ ଗସ୍ତରେ ସିଇସି**

## ଯୋଗ୍ୟ ଭୋଟରଙ୍କୁ ବାଦ ଦିଆଯିବନି

କୋଲକାତା, ୧୦।୩ (ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ପଶ୍ଚିମବଙ୍ଗ ଗସ୍ତରେ ଅଛନ୍ତି। ସେ ଏଠାରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦିଆଯିବ ନାହିଁ ବୋଲି କହିଛନ୍ତି। ପଶ୍ଚିମବଙ୍ଗରେ ସ୍ୱାଧୀନ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରାଇବାକୁ ଇସି ପ୍ରାଥମିକତା ଦେଉଥିବା କହିଛନ୍ତି।



ସିଇସି କହିଛନ୍ତି ଯେ ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ ତଥା ଏସଆଇଆରର ଲକ୍ଷ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟ୍ ଦେବାର ଅଧିକାର ମିଳୁ ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଭୋଟର ତାଲିକାରେ ସାମିଲ ନ ହୁଅନ୍ତୁ। ଆଗାମୀ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗର ସମସ୍ତ ଭୋଟର ଯେପରି ହିଂସା ଏବଂ ଭୟମୁକ୍ତ ପରିବେଶରେ ମତଦାନ କରିପାରିବେ, ତାହା ନିଶ୍ଚିତ କରିବା କମିଶନଙ୍କ ମୁଖ୍ୟ ଲକ୍ଷ୍ୟ।

କୋଲକାତାରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପାଇଁ ଦୁଇ ଦିନ ଧରି ଚାଲିଥିବା ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କୌଣସି ପକ୍ଷପାତ କିମ୍ବା ଚାପରେ ନ ପଡ଼ି ଆଇନକୁ କଠୋର ଭାବେ ପାଳନ କରିବାକୁ ରାଜ୍ୟର ଆଇନ-ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାର ଅଧିକାରୀମାନଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ସିଇସି ଏକ ସ୍ଲୋଗାନ "ଚୁନାଓ ପର୍ବୋ, ପଶ୍ଚିମବଙ୍ଗେର ଗର୍ବୋ" ସ୍ଲୋଗାନ ଦେଇଥିଲେ।

ଏହା ପୂର୍ବରୁ ସକାଳେ ଜ୍ଞାନେଶ କୁମାରଙ୍କୁ ପୁଣି ଥରେ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ କାଳୀ ମନ୍ଦିର ଯାଇଥିବା ବେଳେ ସେଠାରେ ଫେରିଯାଅ ସ୍ଲୋଗାନ ଦେଇ ତାଙ୍କୁ କଳାପତାକା ଦେଖାଇଥିଲେ।

## ପଶ୍ଚିମବଙ୍ଗ ସରକାର ଓ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ପଶ୍ଚିମବଙ୍ଗରେ ଜାରି ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାରେ ବାଦ ପଡ଼ିଥିବା ଭୋଟରଙ୍କ ଯାଞ୍ଚ ପାଇଁ ନ୍ୟାୟିକ ଅଧିକାରୀ ନିଯୁକ୍ତି କରାଯାଇଛି। ଏହି ଅଧିକାରୀଙ୍କ ଉପରେ ସନ୍ଦେହ ପ୍ରକଟ କରିବାକୁ ନେଇ ପଶ୍ଚିମବଙ୍ଗ ସରକାର, ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଏବଂ ବ୍ୟକ୍ତିଗତ ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ କଡ଼ା ଚେତାବନୀ ଦେଇଛନ୍ତି। ଅଧିକାରୀଙ୍କ ଉପରେ ପ୍ରଶ୍ନ ଉଠାଇବାକୁ କେମିତି ସାହସ କଲ? ସେମାନେ ଆଉ କ'ଣ ତ୍ୟାଗ କରନ୍ତୁ ବୋଲି ଆପଣ ଚାହୁଁଛନ୍ତି? ତାଲିକାରୁ ହଟିଥିବା ଭୋଟରଙ୍କ ଅଭିଯୋଗର ଶୁଣାଣି ପାଇଁ ସେମାନେ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ କଲକତା ହାଇକୋର୍ଟର ମୁଖ୍ୟ ବିଚାରପତି ଚିହ୍ନଟ କରିଥିବା ସମସ୍ୟାଗୁଡ଼ିକର ସମାଧାନ କରିବାକୁ କୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋର୍ଟଙ୍କ ଦ୍ୱାରା ନିଯୁକ୍ତ ନ୍ୟାୟିକ ଅଧିକାରୀମାନଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ଦାଖଲ ଆବେଦନ ଉପରେ କ୍ଷୋଭ ସିଜେଆଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଅଧିକାରୀଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବାକୁ ହେବ। ଅଧିକାରୀଙ୍କୁ ପର୍ଯ୍ୟାପ୍ତ ସହାୟତା ଏବଂ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ଇସି ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ସିଜେଆଇ ଉଭୟ ପକ୍ଷର ଆଚରଣ ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଆମେ ଉଭୟ ପକ୍ଷର ସଦ୍ଭାବନା ଉପରେ ସନ୍ଦେହ ହେଉଛି ବୋଲି କହିଛନ୍ତି। ଏଥିସହ ନ୍ୟାୟିକ ଅଧିକାରୀଙ୍କୁ ପ୍ରଶ୍ନ କରି ନୂତନ ଆବେଦନ କିଏ ଦାଖଲ କରିଛି, ତାହା ସ୍ପଷ୍ଟ କରିବାକୁ କହିଛନ୍ତି। ବରିଷ୍ଠ ଆଇନଜୀବୀ ମେନକା ଗୁରୁସ୍ୱାମୀ ଏବଂ ଟିଏମସି ସାଂସଦ ତଥା ଆଇନଜୀବୀ କଲ୍ୟାଣ ବାନାର୍ଜୀ ଏଭଳି କୌଣସି ନୂତନ ଆବେଦନ ବିଷୟରେ ଜ୍ଞାନ ନାହିଁ ବୋଲି କହିବାରୁ କୋର୍ଟ ଏଭଳି କଡ଼ା ଟିପ୍ପଣୀ ଦେଇଥିଲେ।

ସୁପ୍ରିମକୋର୍ଟ ଆଜି ନୂଆ ନିର୍ଦ୍ଦେଶ ଦେଇ ଏସଆଇଆରରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ଆବେଦନର ଶୁଣାଣି ପାଇଁ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏବଂ ପୂର୍ବତନ ବିଚାରପତିମାନଙ୍କୁ ନେଇ ଆପେଲେଟ୍ ଟ୍ରିବ୍ୟୁନାଲ୍ ଗଠନ କରିବାକୁ କହିଛନ୍ତି। ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିବା ଭୋଟରମାନେ ଏହି ଟ୍ରିବ୍ୟୁନାଲରେ ଅପିଲ୍ କରିପାରିବେ।

# ଲଭ୍ ଜିହାଦର ଶିକାର ଓଡ଼ିଆ ଯୁବତୀ

■ ବାଂଲାଦେଶରୁ ଝିଅକୁ ଉଦ୍ଧାର ପାଇଁ ମା'ର ଆକୁଳ ନିବେଦନ
■ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କଲେ ମା'

ପୁରୀ, ୧୦।୩ (ସମିସ): "ମାଆ ମତେ ଏଠୁ ନେଇଯା, ନହେଲେ ମାରିଦେବେ। ଏସ୍‌ପି ସାର୍‌ଙ୍କୁ କହ, ମତେ ଏଠୁ ଉଦ୍ଧାର କରିବେ।" ଲଭ୍-ଜିହାଦର ଶିକାର ହୋଇ ଗତ ୫ବର୍ଷ ବାଂଲାଦେଶରେ ଜଣେ ଓଡ଼ିଆ ଝିଅ ନିର୍ଯାତିତ ହେବା ଭଳି ଘଟଣାକୁ ନେଇ ପୁରୀରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନିଜର ନିର୍ଯାତିତ ଝିଅକୁ ବାଂଲାଦେଶରୁ ଉଦ୍ଧାର କରିବା ପାଇଁ ଯୁବତୀଙ୍କ ମା' ଆଜି ଶ୍ରୀକ୍ଷେତ୍ରରେ ଭୋ' ଭୋ' ହୋଇ କାନ୍ଦିବା ସହ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। କୋଭିଡ୍ ସମୟରେ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ତାଙ୍କ ନାବାଳିକା ଝିଅକୁ ପ୍ରେମଜାଲରେ ଫସାଇ ବାଂଲାଦେଶ ନେଇଯାଇଛି। ସେଠାରେ ଗଲା ୫ବର୍ଷ ଧରି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଧର୍ମ ପରିବର୍ତ୍ତନ କରିବାକୁ ବାଧ କରୁଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଯୁବତୀଙ୍କ ମା' ଅଞ୍ଜଳି ପରିଡ଼ା ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସେ ଏକାଧିକ ଏସ୍‌ପିଙ୍କୁ ଭେଟି ଗୁହାରି କଲେଣି। ନେତାମନ୍ତ୍ରୀଙ୍କୁ ମଧ୍ୟ ଭେଟି ଝିଅକୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ସମସ୍ତଙ୍କଠାରୁ ଆଶ୍ୱାସନା ମିଳିଛି। କିନ୍ତୁ, ଏପର୍ଯ୍ୟନ୍ତ ତାଙ୍କ ଝିଅକୁ ଉଦ୍ଧାର କରାଯାଇ ପାରିନାହିଁ। ଆଜି ଅଞ୍ଜଳି ପୁଣିଥରେ ପୁରୀ ଏସ୍‌ପିଙ୍କୁ ସାକ୍ଷାତ୍ କରି ଝିଅକୁ ଉଦ୍ଧାର ପାଇଁ ଗୁହାରି କରିଛନ୍ତି।

ଅଞ୍ଜଳି ଅଭିଯୋଗ କରିଛନ୍ତି ଯେ ୨୦୨୧ ମସିହାରେ ତାଙ୍କ ୧୬ ବର୍ଷର ଝିଅର ଯୁକ୍ତ ଦୁଇ ବିଜ୍ଞାନରେ ଆଡମିସନ୍ ହୋଇଥିଲା। କୋଭିଡ୍ ସମୟରେ ଅନ୍‌ଲାଇନ୍ ପାଠପଢ଼ା ଚାଲିଥିବା ବେଳେ ତାଙ୍କ ଝିଅ ଜୀବନରେ ମାଡ଼ି ଆସିଥିଲା କଳା ବାଦଲ। ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ଏକ ଆପ୍‌ରେ ତାଙ୍କ ସହ ଯୋଗାଯୋଗ କରି ତାଙ୍କୁ ପ୍ରେମଜାଲରେ ଫସାଇ ନେଇ ଯାଇଥିଲା। ୨୦୨୧ ନଭେମ୍ବର ୨୭ ତାରିଖରେ ଯୁବତୀଜଣଙ୍କ ଦିନେ ହଠାତ୍ ଘରୁ ଉଭାନ ହୋଇଯିବାରୁ ମା' ଅଞ୍ଜଳି ଟାଉନ ଥାନାରେ ଏତଲା ଦେଇଥିଲେ। ପୁଲିସ ଝିଅର ଫୋନ ଟ୍ରାକ୍ କରିବାରୁ ପଶ୍ଚିମବଙ୍ଗ କୁଚ୍‌ବିହାରରେ ଥିବା ଜଣାପଡ଼ିଥିଲା। ପୁରୀ ପୁଲିସ୍ ସହ ଅଞ୍ଜଳି ସେଠାକୁ ଯାଇ ଝିଅକୁ ଖୋଜାଖୋଜି କରିଥିଲା। ମାତ୍ର ପୁଅର ପରିବାର ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଅଭିଯୁକ୍ତ ଯୁବକଜଣଙ୍କ ସେଠାକାର ଜଣେ ପୁଲିସ ଅଧିକାରୀଙ୍କର ସମ୍ପର୍କୀୟ ହୋଇଥିବାରୁ ତାକୁ ଖସାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି ଅଞ୍ଜଳି।

ଅଞ୍ଜଳି କହିଛନ୍ତି, ଏହାର ୪ ମାସ ପରେ ଝିଅର କଲ୍ ଆସିଥିଲା। ତାକୁ ବେଙ୍ଗଲୀ ବୋଲି ପରିଚୟ ଦେଇଥିବା ଯୁବକଜଣଙ୍କ ବାଂଲାଦେଶ ନେଇଯାଇଛି। ସେଠାରେ ଧର୍ମ ପରିବର୍ତ୍ତନ ପାଇଁ ଜୋର୍ କରିବା ସହ ମାନସିକ ଓ ପାଶବିକ ନିର୍ଯାତନା ଦେଉଛି। କୌଣସି କଥାରେ ପ୍ରତିବାଦ କଲେ ଝିଅକୁ ମାଡ଼ ମରାଯାଉଛି। କେବେ କେମିତି ସୁଯୋଗ ପାଇଲେ, କାହାଠୁ ଫୋନ୍ ମାଗି ସେ ତାଙ୍କ ପାଖକୁ ଫୋନ୍ କରୁଛି। ମା' ମତେ ଏଠୁ ନେଇଯା, ନ ହେଲେ ମାରିଦେବେ। ଏସ୍‌ପି ସାର୍‌ଙ୍କୁ କହ, ମତେ ଏଠୁ ଉଦ୍ଧାର କରିବେ' ବୋଲି ଝିଅ ଅଙ୍କିତା ବିକଳ ହୋଇ ଏଭଳି କହୁଥିବା ଅଞ୍ଜଳି କହିଛନ୍ତି। ଶେଷଥର ପାଇଁ ଗତ ମାର୍ଚ୍ଚ ୨ ତାରିଖରେ ଝିଅ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିଥିଲା। ଉଦ୍ଧାର କରିବା ପାଇଁ ନିବେଦନ କରିଥିଲା। ହେଲେ ଅସହାୟ ମାଆ ଥାନା, ରାଜନେତାଙ୍କ ଘର ଦଉଡି ଦଉଡି ନିରାଶ ହୋଇପଡ଼ିଲେଣି। ଏପରିକି, ଝିଅ ରହୁଥିବା ଜାଗାର ଠିକଣା ପାଇ ସେ ପୁଲିସ୍‌କୁ ଜଣାଇବା ସହ ସେଠାକୁ ଯିବା ଲାଗି ନିଜେ ପାସ୍‌ପୋର୍ଟ ଓ ଭିସା କରି ଅଣ୍ଟା ଭିଡ଼ିଛନ୍ତି। ହେଲେ ସାହସ ପାଉନି। ଏଭଳି ସ୍ଥିତିରେ ନା ଝିଅ ଉଦ୍ଧାର ହୋଇପାରୁଛି ନା ମାଆ ଅଞ୍ଜଳିଙ୍କ ଆଖିର ଲୁହ ଶୁଖୁଛି।

ପୁନଶ୍ଚ ଝିଅକୁ ଫେରାଇ ଆଣିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସରକାରୀସ୍ତରରେ କିଭଳି ପ୍ରୟାସ କରାଯିବ ସେନେଇ ଅନୁରୋଧ କରିଛନ୍ତି ଅଞ୍ଜଳି। ଏ ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏହାକୁ ଗୁରୁତର ସହ ଗ୍ରହଣ କରାଯାଇଛି। ସ୍ପେଶାଲ ବ୍ରାଞ୍ଚ ମାଧ୍ୟମରେ ହାଇ କମିଶନରଙ୍କ ସହଯୋଗରେ ପୀଡ଼ିତାଙ୍କୁ ଉଦ୍ଧାର ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ରତ୍ନ ଅଳଙ୍କାର ଗଣତି ମଣତିର ଶୁଭ ମୁହୂର୍ତ୍ତକୁ ନେଇ କେଁ

## ତିଥି, ବାର ଶୁଭ ନୁହେଁ: ଜ୍ୟୋତିର୍ବିଦ୍

ପୁରୀ,୧୦।୩(ସମିସ): ଆସନ୍ତା ମାର୍ଚ୍ଚ ୨୫ତାରିଖରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ହେବ। ଉକ୍ତ ଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଗଣତିମଣତି ଆରମ୍ଭ କରାଯିବାର ଶୁଭ ମୁହୂର୍ତ୍ତ ରହିଛି ବୋଲି ଗତ ୨ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଥିଲା। ଏବେ ଏହାକୁ ନେଇ କେଁ ଉପୁଜିଛି। ବିଶେଷକରି, ଶୁଭ ମୁହୂର୍ତ୍ତକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ସ୍ଥିର ହୋଇଥିବା ତିଥି ଓ ବାରକୁ ନେଇ ଆପତ୍ତି ଉଠାଇଛନ୍ତି ବରିଷ୍ଠ ଜ୍ୟୋତିର୍ବିଦ୍ ଓ ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର। ଏହି ତିଥି, ବାର ଶୁଭ ନୁହେଁ ବୋଲି ସେ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜ୍ୟୋତିର୍ବିଦ୍ ଶ୍ରୀ ମିଶ୍ର କହିଛନ୍ତି, ବିଭିନ୍ନ ପଞ୍ଜିକାର ତଥ୍ୟ ଅନୁଯାୟୀ, ସେହିଦିନ ପୂର୍ବାହ୍ନ ୧୧ଟା ୫୨ ମିନିଟ୍‌ରୁ ଅପରାହ୍ଣ ୧ଟା ୨୩ ମିନିଟ୍ ବା ମଧ୍ୟାହ୍ନ ୧୨ଟାରୁ ୧ଟା ୩୨ମିନିଟ୍ ପର୍ଯ୍ୟନ୍ତ ରାହୁ କାଳ ଓ ବାରବେଳା ଭୋଗ ହେଉଥିବାରୁ ତାହା ଶୁଦ୍ଧ ଶୁଭବେଳା ହୋଇନପାରେ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଶୁଭ ଅନୁକୂଳ କାର୍ଯ୍ୟରେ ଘର ମୁରବୀଙ୍କ ପାଇଁ ଦିନଟି କିପରି ଅଛି, ତାହା ଦେଖାଯାଏ। ରତ୍ନଭଣ୍ଡାରର ମାଲିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଶି ହେଉଛି ପୁଷ୍ୟା କର୍କଟ। ଯେଉଁ ମାର୍ଚ୍ଚ ୨୫ ତାରିଖ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ନିର୍ଦ୍ଧାରିତ ହୋଇଛି, ସେଦିନ ସପ୍ତମୀ ତିଥି ବ୍ୟାପ୍ତି ଅପରାହ୍ଣ ୧ଟା ୫୦ ମିନିଟ୍ ପର୍ଯ୍ୟନ୍ତ ଥିଲେ ମଧ୍ୟ ସେ ପର୍ଯ୍ୟନ୍ତ କର୍କଟ ରାଶିର ଘାତ ତିଥି ରହିଥିବା ସହ ଦିନଟି ବୁଧବାର ହୋଇଥିବାରୁ ତାହା ମଧ୍ୟ କର୍କଟ ରାଶି ପାଇଁ ଘାତ ବାର। ତେଣୁ, ଶ୍ରୀଜଗନ୍ନାଥଙ୍କ ଘାତ ତିଥି, ଘାତ ବାର ଏବଂ ରାହୁକାଳ ସହ ବାରବେଳାରେ ରତ୍ନଅଳଙ୍କାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେଲେ ବହୁ ବାଧା ବିଘ୍ନ ହୋଇପାରେ ବା କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ଉପରେ ଅନିଶ୍ଚିତତାର ଆଶଙ୍କା ଅମୂଳକ ହୋଇନପାରେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସବୁଠୁ ବଡ଼ କଥା ହେଉଛି, ଏହି ସମୟ କିଭଳି ନିର୍ଣ୍ଣୟ ହୋଇଛି, କେଉଁ ଆଧାରରେ ଏହି ଦିନଟିକୁ ନିର୍ଦ୍ଧାରଣ କରାଯାଇଛି, ତାହାର ତର୍ଜମା ହେବା ଜରୁରୀ। ନତୁବା ଉଦ୍ଦେଶ୍ୟମୂଳକ ଭାବେ ଏକ ଅଶୁଭ ଦିନ ନିର୍ଦ୍ଧାରଣ କରି କାର୍ଯ୍ୟ ଅସମ୍ପୂର୍ଣ୍ଣ ରଖିବା ମାନସିକତା ସ୍ପଷ୍ଟ ହେଉଛି ବୋଲି ଜ୍ୟୋତିର୍ବିଦ୍ ଶ୍ରୀ ମିଶ୍ର କହିଛନ୍ତି।

# ପିତୃହନ୍ତା ପୁଅକୁ ଆଜୀବନ ଜେଲ୍ ଦଣ୍ଡାଦେଶ କାଏମ ରଖିଲେ ହାଇକୋର୍ଟ

କଟକ, ୧୦।୩ (ସମିସ): ଜମି ଭାଗବଣ୍ଟାକୁ କେନ୍ଦ୍ର କରି ନିଜ ବାପାଙ୍କୁ ହତ୍ୟା କରିଥିବା ପୁଅକୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଶଶିକାନ୍ତ ମିଶ୍ର ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ଜାକ୍ରିୟାସ ବାଦାଙ୍କ ଆବେଦନକୁ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁଣାଣି ସମୟରେ ଅଭିଯୁକ୍ତଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଏହା ଏକ 'ହଠାତ୍ ଉତ୍ତେଜନା' ବଶତଃ ଘଟିଥିବା ଘଟଣା, ତେଣୁ ଏହାକୁ ହତ୍ୟା ଶ୍ରେଣୀଭୁକ୍ତ କରାଯିବା ଉଚିତ ନୁହେଁ। ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ମୃତ ବୃଦ୍ଧଜଣଙ୍କ ନିରସ୍ତ୍ର ଥିଲେ ଏବଂ ସେହି ସମୟରେ ବିଶ୍ରାମ ନେଉଥିଲେ। ତେଣୁ ଏହାକୁ ହଠାତ୍ ଘଟିଥିବା ଘଟଣା କୁହାଯାଇପାରିବ ନାହିଁ। ବର୍ତ୍ତମାନ ଜାମିନରେ ଥିବା ଆବେଦନକାରୀଙ୍କ ଜାମିନ ବଣ୍ଡ ରଦ୍ଦ କରିବା ସହ ତାଙ୍କୁ ତୁରନ୍ତ ଗିରଫ କରି ବାକି ଥିବା ଜେଲ୍ ଦଣ୍ଡ ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୦୨ ମସିହା ଜୁନ୍ ୧୮ ତାରିଖ ରାତି ପ୍ରାୟ ୮ଟାରେ ସୁନ୍ଦରଗଡ଼ ଜିଲ୍ଲା ମହୁଲଗାଁର ହେରମାନ ବାଦା ନିଜ ଘର ବାହାରେ ଏକ ଚଟାଣରେ ଶୋଇଥିଲେ। ସେହି ସମୟରେ ତାଙ୍କର ପ୍ରଥମ ପତ୍ନୀଙ୍କ ପୁଅ ଜାକ୍ରିୟାସ ସେଠାରେ ପହଞ୍ଚି ନିଜର ଜମି ଭାଗ ମାଗିଥିଲେ। ହେରମାନ ଅନ୍ୟ ପୁଅ ଓ ଝିଅମାନଙ୍କ ବିବାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିବାରୁ ଜାକ୍ରିୟାସ ଉତ୍‌କ୍ଷିପ୍ତ ହୋଇ ଏକ ବାଉଁଶରେ ବାପାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ହେରମାନଙ୍କ ମୃତ୍ୟୁ ଘଟିଥିଲା। ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗତ ୨୦୦୪ ଏପ୍ରିଲ ୨୯ ତାରିଖରେ ଏହି ମାମଲାର ବିଚାର କରି ଜାକ୍ରିୟାସକୁ ହତ୍ୟା ଅପରାଧରେ ଆଇପିସିର ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଜାକ୍ରିୟାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

କେନ୍ଦୁଝର, ୧୦।୩(ସମିସ): କେନ୍ଦୁଝର ସଦର ଥାନା ରାଇସୁଆଁ ବଜାର ନିକଟରେ ଥିବା ଟେରା ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ନୁରୁଦ୍ଦିନ ଆନସାରି ଓ ଚାନ୍ଦିନୀ ବେଗମଙ୍କ ଦୁଇ ପୁଅ ଖୁସହାଲ (୧୨) ଏବଂ ଅମନ (୯)।

ସୂଚନାନୁସାରେ, ଝାଡ଼ଖଣ୍ଡ ରାଜ୍ୟ ଜାମତରା ଅଞ୍ଚଳର ନୁରୁଦ୍ଦିନ ରାଇସୁଆଁ ମୁସଲିମ ବସ୍ତିର ଚାନ୍ଦିନୀ ବେଗମଙ୍କୁ ବିବାହ କରିଥିଲେ। ଜୀବିକା ନିର୍ବାହ କରିବା ପାଇଁ ରାଇସୁଆଁ ନାଏକ ସାହିରେ ଥିବା ଏକ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ନୁରୁଦ୍ଦିନ ବାହାରକୁ ଯାଇଥିବା ବେଳେ ଘରେ ମା' ଓ ୨ ପୁଅ ଥିଲେ। ପୂର୍ବାହ୍ନ ୧୧ଟା ପାଖାପାଖି ଖୁସହାଲ ଓ ଅମନ ଘର ନିକଟସ୍ଥ ଟେରା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଭାରସାମ୍ୟ ହରାଇ ଦୁଇ ଭାଇ ପାଣିରେ ବୁଡ଼ି ଯାଇଥିଲେ। ପିଲାଦ୍ୱୟଙ୍କ ଘରକୁ ଫେରିବାରେ ବିଳମ୍ବ ହେବାରୁ ମା' ଚାନ୍ଦିନୀ ପୋଖରୀକୁ ଯାଇ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ବିଚଳିତ



ହୋଇ ସେ ସେଠାରେ ଏଣେତେଣେ ବୁଲୁଥିବା ବେଳେ ଉପସ୍ଥିତ ଥିବା କିଛି ଯୁବକ ଗୋଟିଏ ଛୁଆକୁ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ସେହିପରି ଆଉ କିଛି ଦୂରରେ ଆଉ ଗୋଟିଏ ଛୁଆ ଭାସୁଥିବା ଦେଖି ତାଙ୍କୁ ମଧ୍ୟ ଉଦ୍ଧାର କରିଥିଲେ।

ଖବର ପାଇ ସଦର ଥାନା ପୁଲିସ ଖୁସହାଲ ଓ ଅମନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଏସ୍‌ଆଇ ପ୍ରବୋଧ ଚନ୍ଦ୍ର ମହାନ୍ତି ଶବ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଘଟଣାକୁ ନେଇ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି। ୨୧୫ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଏହି ପୋଖରୀରୁ ମାଟି ନେବା ପାଇଁ ଏହାକୁ ଅତି ଗଭୀର ଖୋଳାଯାଇଛି। ଏହାଦ୍ୱାରା ଲୋକଙ୍କ ବ୍ୟବହାରରେ ସମସ୍ୟା ହେବା ସହିତ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ଶାଳୀ ହାତ ଧରି ଟ୍ରେନ୍ ଆଗକୁ ଡେଇଁଲେ ଭିଣୋଇ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୦।୩ (ସମିସ): ଟ୍ରେନ୍ ଆଗକୁ ଡେଇଁ ଶାଳୀ- ଭିଣୋଇଙ୍କ ଆତ୍ମହତ୍ୟା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଳଷ୍ଟେସନ୍ ଦକ୍ଷିଣ-ପୂର୍ବ କେବିନ୍‌ର ଅନତି ଦୂରରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଜଳେଶ୍ୱର ଥାନା ରାଜପୁର ଗ୍ରାମର ବିଜୟ ସାହୁ ଏବଂ ବାଲିଆପାଳ ଥାନା ଅଞ୍ଚଳର ବନ୍ଦିତା ସାହୁ। ବିଜୟଙ୍କ ସଂପର୍କୀୟ ଶାଳୀ ବନ୍ଦିତା ବୋଲି ଜଣାପଡ଼ିଛି। ଗତକାଲି ସନ୍ଧ୍ୟା ପ୍ରାୟ ୭ଟାରେ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ଆଗକୁ ହଠାତ୍ ଉଭୟ ଡେଇଁ ପଡ଼ିଥିଲେ।

ବିଜୟ ଗତକାଲି ବନ୍ଦିତାଙ୍କୁ ଧରି ନିଜ ଗ୍ରାମ ରାଜପୁରକୁ ଆସିଥିଲେ। କୌଣସି ପାରିବାରିକ କଳହ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିବା ଅନୁମାନ କରାଯାଉଛି। ଏହାପରେ ଉଭୟ ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଟ୍ରେନ୍‌ର ଶକ୍ତ ଧକ୍କାରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ରେଳବାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ତେବେ କେଉଁ ପରିସ୍ଥିତିରେ ଉଭୟ ଏପରି ଚରମ ପଦକ୍ଷେପ ନେଲେ, ସେନେଇ ପରିବାରଲୋକଙ୍କୁ ପଚରାଉଚରା କରାଯାଉଛି।

# ଅଙ୍ଗନବାଡ଼ି କର୍ମୀଙ୍କୁ ୧୫ ପ୍ରତିଶତ ସୁଧ ସହ ବକେୟା ଦରମା ଦିଅ: ହାଇକୋର୍ଟ

କଟକ, ୧୦।୩ (ସମିସ): ନିଯୁକ୍ତିଦାତା ଭାବେ ରାଜ୍ୟ ସରକାରଙ୍କ ଦାୟିତ୍ୱବୋଧତାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ନିରନ୍ତର କାର୍ଯ୍ୟ ସତ୍ତ୍ୱେ ଦରମା ପାଉନଥିବା ଦୁଇଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ସେମାନଙ୍କ ସମସ୍ତ ବକେୟା ସହ ୧୫ ପ୍ରତିଶତ ବାର୍ଷିକ ସୁଧ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଙ୍କା ସ୍ୱାଇଁ ଓ କଳ୍ପନା ରାଉତଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ସୁଧ ଟଙ୍କା ରାଜ୍ୟ କୋଷାଗାରରୁ ନୁହେଁ, ବରଂ ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ଦରମା ମିଳିବାରେ ବିଳମ୍ବ ହୋଇଛି, ସେହି ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

**ଦାୟିତ୍ୱହୀନ ଅଧିକାରୀଙ୍କ ଦରମାରୁ ଭରଣା ହେବ ସୁଧ ଟଙ୍କା**

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ଦୁଇ ମହିଳା ଗତ ୨୦୨୫ ଜାନୁଆରୀ ୨୯ ରିଖରେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକର ସାନଦେଵିଲ ଏବଂ ବାଦାଳ-୩ ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ପରଠାରୁ ସେମାନେ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରୁଥିଲେ ମଧ୍ୟ ସେମାନଙ୍କୁ ଦରମା ବାବଦରେ ଗୋଟିଏ ଟଙ୍କା ବି ମିଳିନଥିଲା। ଏନେଇ ସେମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ମଧ୍ୟ ସିଡିପିଓଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ତେବେ ଦରମା ନପାଇ ଦୁଇ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଧିକାରୀମାନଙ୍କ ପକ୍ଷରୁ କୁହାଯାଇଥିଲା ଯେ ସେମାନଙ୍କ ନାମ 'ଇ-ମାନଦେୟ' ପୋର୍ଟାଲରେ ପ୍ରବେଶ ହୋଇ ନଥିବାରୁ ଦରମା ଦିଆଯାଇପାରିନାହିଁ। ଜଣେ କର୍ମଚାରୀଙ୍କୁ ଦରମାରୁ ବଞ୍ଚିତ କରିବା ସମ୍ବିଧାନର ଧାରା ୨୧, ୨୩ ଏବଂ ୩୦୦-କର ଉଲ୍ଲଙ୍ଘନ। ପୋର୍ଟାଲରେ ନାମ ଦରଜ ନହେବା ପାଇଁ କର୍ମଚାରୀ ଦାୟୀ ନୁହନ୍ତି, ବରଂ ଏହା ବିଭାଗୀୟ ଅଧିକାରୀଙ୍କ ଅବହେଳା ବୋଲି ହାଇକୋର୍ଟ କହିଛନ୍ତି।

# ମିଶନ ଶକ୍ତି ପୁନର୍ଗଠନ ମାର୍ଗଦର୍ଶିକାକୁ ଚାଲେଞ୍ଜ ମାମଲାର ଶୁଣାଣି ୩୧ରେ

କଟକ,୧୦।୩(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ମିଶନ ଶକ୍ତି ପୁନର୍ଗଠନ ମାର୍ଗଦର୍ଶିକାକୁ ଚାଲେଞ୍ଜ କରି ଦାୟର ଏକାଧିକ ମାମଲା ଶୁଣାଣି କରି ମାର୍ଗଦର୍ଶିକା କାର୍ଯ୍ୟକାରୀ ଉପରେ ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶକୁ ବଳବତ୍ତର ରଖିଛନ୍ତି ହାଇକୋର୍ଟ । ତେବେ ଏସମ୍ପର୍କିତ ସମସ୍ତ ମାମଲାର ଏକତ୍ର ଶୁଣାଣି ଆସନ୍ତା ମାର୍ଚ୍ଚ ୩୧କୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। କେନ୍ଦୁଝରର ଗାୟତ୍ରୀ ମିଶନ ଶକ୍ତି ଫେଡେରେସନ ଓ ଅନ୍ୟ ୫୧ଟି ମହାସଂଘ ପକ୍ଷରୁ ରୁଜୁ ଆବେଦନ ଗୁଡିକର ଏକତ୍ର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମିଶନ ଶକ୍ତି ଅନ୍ତର୍ଗତ ଏସଏଚଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନ ଗୁଡ଼ିକର କମିଟି ତଥା ଓ କମିଟି ପୁନର୍ଗଠନ ପାଇଁ ଜାରି ହୋଇଥିବା ମାର୍ଗଦର୍ଶିକା ଉପରେ ଗତ ୨୦୨୫ ଏପ୍ରିଲ୨୨ରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମିଶନ ଶକ୍ତି ବିଭାଗର ସଚିବଙ୍କ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଗତ ୨୦୨୫ ଜାନୁଆରି ୨୨ରେ ଚିଠି ଲେଖାଯାଇଥିଲା । ଏସଏଚଜି, ସିଏଲଏଫ, ଜିପିଏଲଏଫ, ବିଏଲଏଫ ଓ ଡିଏଲଏଫର ପରିଷଦ/କମିଟି/ସବ୍-କମିଟି ପୁନର୍ଗଠନ ପ୍ରସଙ୍ଗରେ ଜାରି ମାର୍ଗଦର୍ଶିକା ନେଇ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା । ଜଣେ ସଦସ୍ୟ ଦୁଇ ଥର କର୍ମକର୍ତ୍ତା ହୋଇ ପାରିବେ ନାହିଁ ବୋଲି ମାର୍ଗଦର୍ଶିକାରେ ସର୍ତ୍ତ ରଖାଯାଇଥିଲା । ସେହିଭଳି ଗୋଷ୍ଠୀ ଅନୁଷ୍ଠାନ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ଗୋଟିଏ ପରିବାରର ଜଣଙ୍କରୁ ଅଧିକ ରହି ପାରିବେ ନାହିଁ । ଗୋଟିଏ ପରିବାରର ଦୁଇ ଜଣ ବା ଅନ୍ୟ ସଂପର୍କୀୟ ଗୋଟିଏ ଗୋଷ୍ଠୀ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ କମିଟିରେ ସଦସ୍ୟ ହୋଇ ପାରିବେ ନାହିଁ ବୋଲି ଉଲ୍ଲେଖ ଥିଲା । ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ କରାଯାଇଥିଲା ।

# ସଂପର୍କରେ ସନ୍ଦେହ... ପତ୍ନୀଙ୍କୁ ପିଟିପିଟି ହତ୍ୟା ପରେ ଯୁବକଙ୍କୁ ଗୁଳିମାଡ଼

ଫୁଲବାଣୀ/ଫିରିଙ୍ଗିଆ, ୧୦।୩ (ସମିସ): 'ସଂପର୍କରେ ସନ୍ଦେହ' ଆଜି ଜଣେ ମହିଳାଙ୍କ ଜୀବନ ନେଇଥିବା ବେଳେ ଅନ୍ୟ ଜଣେ ଯୁବକଙ୍କୁ ଗୁରୁତର କରିଛି। ଗୋଛାପଡ଼ା ଥାନା ଅନ୍ତର୍ଗତ କଟାପଙ୍ଗା ଗ୍ରାମର ଜଣେ ଯୁବକ ନିଜ ସ୍ତ୍ରୀକୁ ପିଟିପିଟି ହତ୍ୟା କରିବା ପରେ ଜଣେ ଯୁବକଙ୍କୁ ଗୁଳି କରି ଘାଇଲା କରିଛି। ମୃତ ମହିଳାଜଣଙ୍କ ହେଲେ, ଗାଁର ବିରଞ୍ଚି ବେହେରାଙ୍କ ସ୍ତ୍ରୀ ନିଳିମା ବେହେରା। ସେହିପରି ଆହତ ଯୁବକଜଣଙ୍କ ହେଲେ, ବଗାରମୁଣ୍ଡାର ନରୋତ୍ତମ ବେହେରା। ଗ୍ରାମବାସୀ ଓ ପରିବାରଲୋକ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିବା ବେଳେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଗୋଛାପଡ଼ା ପୁଲିସ ଅଭିଯୁକ୍ତ ବିରଞ୍ଚିକୁ କାବୁ କରିବା



ସହ ତା'ଠାରୁ ଏକ ଦେଶୀବନ୍ଧୁକ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଗୋଛାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ନିଳିମାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିଛି। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ବିରଞ୍ଚି ଏପରି କାଣ୍ଡ ଭିଆଇଥିବା ଚର୍ଚ୍ଚା ହେଉଛି।

ସୂଚନାନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୯ଟାରେ କୌଣସି କାରଣରୁ ବିରଞ୍ଚି ଘରେ ସ୍ତ୍ରୀ ନୀଳିମାକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲା। ପରେ ଗାଁଠାରୁ କିଛି ଦୂରରେ ଥିବା ବଗାରମୁଣ୍ଡା ନିକଟରେ ନରୋତ୍ତମଙ୍କୁ ଗୁଳି ମାଡ଼ କରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଏହା କୌଣସି ପାରିବାରିକ କଳହ ଯୋଗୁଁ ଘଟିଛି କିମ୍ବା ଏହା ପଛରେ ପୂର୍ବ ଶତ୍ରୁତା ରହିଛି, ସେ ନେଇ ପୁଲିସ ଅଭିଯୁକ୍ତକୁ ପଚରାଉଚରା ଜାରି ରଖିଛି। ଏନେଇ ଏକ ମାମଲା ରୁଜୁ କରାଯାଇଛି ଏବଂ ଆମେ ସବୁ ଦିଗରୁ ତଦନ୍ତ କରୁଛୁ ବୋଲି ଥାନା ଅଧିକାରୀ କହିଛନ୍ତି।

# ଆଗକୁ ଖରାଦିନ ଏବେଠୁ ରାଜ୍ୟରେ ପାନୀୟ ଜଳ ସମସ୍ୟା ତୀବ୍ର

## ସରକାରଙ୍କ ଉପରେ ଉଭୟ ଶାସକ ଓ ବିରୋଧୀଙ୍କ ଅସନ୍ତୋଷ

■ ପାନୀୟ ଜଳ ପ୍ରକଳ୍ପ ବିଳମ୍ବ ହେବା ସହ ହେଉଛି ନିମ୍ନ ମାନର କାମ
■ ଦୂଷିତ ପାନୀୟ ଜଳ ଯୋଗୁଁ ଲୋକେ କିଡନୀ ରୋଗର ଶିକାର
■ ୨୦୨୭ ସୁଦ୍ଧା ସବୁ ଗାଁରେ ପାଇପ ଯୋଗେ ପିଇବା ପାଣି: ମନ୍ତ୍ରୀ

ଭୁବନେଶ୍ୱର,୧୦।୩(ସମିସ): ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପିଇବା ପାଣି ନେଇ ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି। ବର୍ଷ ବର୍ଷ ଧରି ପାନୀୟ ଜଳ ପ୍ରକଳ୍ପ କାମ ଶେଷ ହେଉନାହିଁ। ନିର୍ବାଚନ ମଣ୍ଡଳୀରେ ଲୋକ ବିଧାୟକଙ୍କୁ



ଏନେଇ ବାରମ୍ବାର ପ୍ରଶ୍ନ ପଚାରୁଛନ୍ତି। କାମ ମନ୍ଥର ହେଉଥିବା ବେଳେ ନିର୍ମାଣକାରୀ ସଂସ୍ଥା ମନମାନି କରୁଛନ୍ତି। ଆଜି ପ୍ରଶ୍ନକାଳରେ ରାଜ୍ୟରେ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପକୁ ନେଇ କିଛି ଏମିତି ଢଙ୍ଗରେ କ୍ଷୋଭ ପ୍ରକାଶ କରିଥିଲେ ଉଭୟ ଶାସକ ଓ ବିରୋଧୀ ବିଧାୟକ। କେବେ ସୁଦ୍ଧା ପାନୀୟ ଜଳ ପ୍ରକଳ୍ପ ସରିବ, ସେନେଇ ଗୃହରେ ମନ୍ତ୍ରୀ ସ୍ପଷ୍ଟ କରିବାକୁ ଦାବି କରିଥିଲେ। ସଦସ୍ୟମାନଙ୍କ ଉଦବେଗକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନଏକ ଆସନ୍ତା ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ।

ପ୍ରଶ୍ନକାଳରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୬ ମାର୍ଚ୍ଚ ୫ ତାରିଖ ସୁଦ୍ଧା ରାଜ୍ୟର ୬୮ ଲକ୍ଷ ୪୭ ହଜାର ୭୫୨ ଟି ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇ ସାରିଲାଣି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଆଉ ୨୮ ଟି ପ୍ରକଳ୍ପର ନିର୍ମାଣ ଶେଷ ହୋଇ ପାନୀୟ ଜଳ ଯୋଗାଇ ଦିଆଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ୨୦୭ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବ। ବିଜେପି ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ସେମାନଙ୍କ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ୨୦୦ରୁ ୨୫୦ ଫୁଟରେ ଟ୍ୟୁବୱେଲ ଖନନ ହେଉଥିବା ବେଳେ ଏବେ ସେଥିପାଇଁ ୩୨୦ ଫୁଟ ପର୍ଯ୍ୟନ୍ତ ଖୋଳିବାକୁ ପଡୁଛି ବୋଲି କହିଥିଲେ। ଶାସକ ଦଳର ଅନ୍ୟତମ ବିଧାୟକ ଲକ୍ଷ୍ମଣ ବାଗ୍ ନିଜ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ କରିଥିଲେ। ବିଧାୟକ ଶାରଦା ପ୍ରସନ୍ନ ଜେନା ରାଜ୍ୟରେ ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି। ପାଣି ସମସ୍ୟା ପ୍ରତି କୌଣସି ସାଲିସ କରାଯିବ ନାହିଁ। ସେହିପରି ଯେଉଁଠି ଯେଉଁଠି ପିଇବା ପାଣି ସମସ୍ୟା ଅଛି, ସେହି ଅଞ୍ଚଳରେ ଟ୍ୟୁବୱେଲ ଖନନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଓ କ୍ଷମତା ପ୍ରଦାନ କରାଯାଇଛି । ଆଲୋଚନାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ ନିଜ ନିଜ ଅଞ୍ଚଳରେ ଦୂଷିତ ପାଣି ପିଇ ଲୋକେ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବା ନେଇ ଗୃହରେ ଉଦବେଗ ପ୍ରକାଶ କରିଥିଲେ।



# ଆନନ୍ଦପୁର କଲେଜ ଗଣିତ ବିଭାଗର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୦।୩ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗଣିତ ବିଭାଗର ମୁଖ୍ୟ ଡକ୍ଟର ମିତାଶ୍ରୀ ବେହେରାଙ୍କ ସଂଯୋଜନାରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଛାତ୍ରୀ ଆଲିସା ଜେନା ଓ ତନିଶା ଖୁଣ୍ଟିଆ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ରୀମନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଭାରତୀ ସାହୁ, ପ୍ରଫୁଲ୍ଲ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ସତ୍ୟବ୍ରତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଡକ୍ଟର ମିତାଶ୍ରୀ ବେହେରାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମିଳୁନି ଆବାସ ଦ୍ୱିତୀୟ କିସ୍ତି ଟଙ୍କା

# ଜରିପାଲ ତଳେ ବିତୁଛି ଲୋଧା ଦମ୍ପତିଙ୍କ ଜୀବନ



ମୋରଡ଼ା,୧୦।୩(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ବରକନ୍ଦ ପଞ୍ଚାୟତ ଅଧୀନ ଟିଆଁସି ଗ୍ରାମର ଲୋଧା ଦମ୍ପତି ବଂଶୀଧର ନାୟକ ଓ ନିୟତି ନିର୍ମାଣ ପାଇଁ ଆର୍ଥିକ ସହାୟତା ମିଳିଥିଲା। ଫଳରେ ସେ ତାଙ୍କ ପୁରୁଣା କଚ୍ଚା ଘର ଭାଙ୍ଗି ସେହି ସ୍ଥାନରେ ସରକାରଙ୍କ ପକ୍ଷରୁ ମିଳିଥିବା ୪୦ ହଜାର ଟଙ୍କାରେ ଏକ ନୂତନ ଆବାସ ଗୃହ ଛାତ ପର୍ଯ୍ୟନ୍ତ ନିର୍ମାଣ କରିଛନ୍ତି।

**➤ ପଞ୍ଚାୟତରୁ ବ୍ଲକ୍ ଦୌଡ଼ି ଦୌଡ଼ି ନୟାନ୍ତ**

**➤ ଏଫଟିଓ ସମସ୍ୟା ଯୋଗୁଁ ମିଳିପାରିନି ଟଙ୍କା: ଏବିଡିଓ**

ନାୟକଙ୍କୁ ଆବାସ ଗୃହର ଦ୍ୱିତୀୟ କିସ୍ତି ମିଳି ନ ଥିବାରୁ ଟଙ୍କା ପାଇଁ ବାରମ୍ବାର ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଧାଇଁଧାଇଁ ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ଅଧିକାରୀ ତାଙ୍କ ସମସ୍ୟା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ସେମାନେ ପୁରୁଣା ଘର ଭାଙ୍ଗି ଜରିପାଲ ତଳେ ଜୀବନ ବିତାଉଛନ୍ତି। ନିୟତିଙ୍କ ଅଭିଯୋଗ ମୁତାବକ, ତାଙ୍କ ସ୍ୱାମୀ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ସେ ତାଙ୍କର ଚାରୋଟି ସନ୍ତାନ ସହିତ ଜରିପାଲ ତଳେ ରହିଆସୁଛନ୍ତି। ଆଗକୁ କାଳବୈଶାଖୀ ହେବାକୁ ଥିବାବେଳେ ଆବାସ ଗୃହକୁ ଏକମାସ ପୂର୍ବରୁ ସେ ଛାତ ପର୍ଯ୍ୟନ୍ତ ଇଟା ସଂଯୋଗ କରି ଜିଓ ଟ୍ୟାଗ ମଧ୍ୟ କରି ସାରିଛନ୍ତି। ଦୁଃଖର ବିଷୟ ସେ ବର୍ତ୍ତମାନ ସୁଦ୍ଧା ଲେବର ଟଙ୍କା କିମ୍ବା ଆବାସ ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପାଇପାରିନାହାନ୍ତି। କୌଣସି ଅଧିକାରୀ ତାଙ୍କ ସମସ୍ୟାକୁ କର୍ଣ୍ଣପାତ କରୁ ନ ଥିବାବେଳେ ସେ ମଙ୍ଗଳବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଜପିଓ ଶଙ୍କର ମୁର୍ମୁ ଲୋଧା ଦମ୍ପତିଙ୍କୁ ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ରାଉଳଙ୍କ ନେଇ ଯାଇଥିଲେ। ଏବିଡିଓ ସୁଶାନ୍ତ କୁମାର ରାଉଳ ତାଙ୍କ ସମସ୍ୟା ଶୁଣିବା ପରେ ଏଫଟିଓ କ୍ୟାନସେଲ ହୋଇଥିବା ଜାଣିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ବରକନ୍ଦ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ମହାନ୍ତଙ୍କୁ ଯୋଗାଯୋଗ କରି ପୁନର୍ବାର ଜିଓ ଟ୍ୟାଗ କରିବାକୁ କହିଛନ୍ତି। ଯଦି ଆଗାମୀ ସାତଦିନ ମଧ୍ୟରେ ସମସ୍ୟାର କୌଣସି ସମାଧାନ ନ ହୁଏ ତେବେ ପରିବାର ସହିତ ଆସବାବପତ୍ର ଧରି ବିଡିଓଙ୍କ କାର୍ଯ୍ୟାଳୟରେ ରହିବେ ବୋଲି ନିୟତି ନାୟକ ଚେତାବନୀ ଦେଇଛନ୍ତି।

# ଆମ୍ବୁଲାନ୍ସ କରିଡର୍ ପାଇଁ ଜମି ମାପଚୁପ



କେନ୍ଦୁଝର,୧୦।୩(ସମିସ): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ଧରଣୀଧର ମେଡିକାଲ କଲେଜକୁ ବିନା ବାଧାରେ ଆମ୍ବୁଲାନ୍ସ ଯାତାୟାତ ପାଇଁ ଏକ ସ୍ୱତନ୍ତ୍ର ମେଡିକାଲ କରିଡର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାନୁୟାରୀ ୧୫ ତାରିଖରେ ଶିଳାନ୍ୟାସ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚର୍ଚ୍ଚ ଛକ ଧରଣୀଧର ଛକ ଦେଇ କୃଷି ବିଭାଗର ଫାର୍ମ ଜମି ଦେଇ ଗଡଡୁଣିବେଡାରେ ଏହି ରାସ୍ତା ମିଶିବ। ଆମ୍ବୁଲାନ୍ସ ଯାତାୟାତ ପାଇଁ ଏହି ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରାଯିବ। ସ୍ୱତନ୍ତ୍ର ଆମ୍ବୁଲାନ୍ସ କରିଡର ୪ ଲେନ କରାଯିବ। ଏହି ରାସ୍ତା ପାଇଁ ଆଜିଠାରୁ ଜମି ମାପଚୁପ ଆରମ୍ଭ ହୋଇଛି। ଚର୍ଚ୍ଚ ଛକଠାରୁ ଧରଣୀଭୂୟାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ମାପଚୁପ କରାଯାଇ ଚିହ୍ନ ଦିଆଯାଇଛି। ୨୬ ମିଟର ଓସାର ଏବଂ ୨କିଲୋମିଟର ୪୧୦ ମିଟର ଲମ୍ବ ରାସ୍ତା ପାଇଁ ରାଜ୍ୟ ସରକାର ଡିପିଆର ପ୍ରସ୍ତୁତ ପରେ ବଜେଟରେ ବ୍ୟୟ ବରାଦ କରିବା ପରେ ଅନୁମୋଦନ ମିଳିଛି। ଗ୍ରୀନ କରିଡର ଭାବେ ଏହି ନୂତନ ରାସ୍ତା କାମ କରିବ। ଏହି ରାସ୍ତା ପାଇଁ ୨୪ କୋଟି ୧୪ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତା ନିର୍ମାଣ ବାବଦରେ ୭ କୋଟି ୪୭ ଲକ୍ଷ ୩୯ ହଜାର ୬୩୮ ଟଙ୍କା ଖର୍ଚ୍ଚ କରାଯିବ। ଅଟକଳ ଅନୁଯାୟୀ, ୨.୪ କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱରେ ୧ କିଲୋମଟର ୩୪୦ ମିଟର ଡ୍ରେନ ନିର୍ମାଣ କରାଯିବ। ରାସ୍ତାକଡ଼ ଆଲୋକ ବ୍ୟବସ୍ଥା ପାଇଁ ୧ କୋଟି ୫୦ଲକ୍ଷ ଟଙ୍କା ବ୍ୟୟ କରାଯିବ। ୪ ଲେନ ବିଶିଷ୍ଟ ଏହି ରାସ୍ତା ପାଇଁ ଗଛ କଟା ଓ କ୍ଷତିପୂରଣ ବନୀକରଣ ନିମନ୍ତେ ୫୦ ଲକ୍ଷ ଟଙ୍କା ବ୍ୟବସ୍ଥା ରହିଛି। ରାସ୍ତାରେ ପାଣି ପାଇପ ଲାଇନକୁ ସ୍ଥାନାନ୍ତର କରିବା ପାଇଁ ୧ କୋଟି ଟଙ୍କା, ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫରମର ସ୍ଥାନାନ୍ତର ପାଇଁ ୨ କୋଟି ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଦ୍ରବ୍ୟ ଓ ସେବା କର ବା ଜିଏସ୍‌ଟି ବାବଦରେ ୨ କୋଟି ୭୨ ଲକ୍ଷ ୯୩ ହଜାର ଟଙ୍କା ଦାଖଲ କରାଯିବ। ସଡ଼କ ସୁରକ୍ଷା ଉପକରଣ ପାଇଁ ୭ ଲକ୍ଷ ୭ ହଜାର ୯୪୦ ଟଙ୍କା, ୭ ଗୋଟି ବିଭିନ୍ନ ସ୍ଥାନରେ ଜଙ୍କସନ ନିର୍ମାଣ ପାଇଁ ୯ ଲକ୍ଷ ୩ ହଜାର ୨୨୮ ଟଙ୍କା ଖର୍ଚ୍ଚ କରାଯିବ। କଣ୍ଟିଜେନ୍ସି ବାବଦରେ ୧୫ଲକ୍ଷ ୧୬ ହଜାର ୨୯୦ ଟଙ୍କା ଓ ରାସ୍ତାର ଗୁଣବତ୍ତା ନିୟନ୍ତ୍ରଣ ପାଇଁ ୧୫ ଲକ୍ଷ ୧୬ ହଜାର ୨୯୦ ଟଙ୍କା ବ୍ୟୟବରାଦରେ ରହିଛି। ମାପଚୁପରେ କେନ୍ଦୁଝରଗଡ ପୌରପାଳିକା ଅମିନ ତରଣୀସେନ ପାତ୍ର, ସଦର-୨ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ମାଝୀ, ଏଆରଆଇ କ୍ଷମାନିଧି ନାଏକ, ରଞ୍ଜନ ନାୟକ, ଅମିନ ପ୍ରିୟବ୍ରତ ନାୟକ, ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ କ୍ଷିତିଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ



ଆନନ୍ଦପୁର, ୧୦।୩ (ସମିସ): ରାମଚନ୍ଦ୍ରପୁର ଥାନା ଅଧୀନ ତରୁଆଁ ପଞ୍ଚାୟତ ଉଜୁଣୀ ଗ୍ରାମର ରାଜକିଶୋର ସାହୁଙ୍କ (୪୨ବର୍ଷ)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କୌଣସି ଏକ କାର୍ଯ୍ୟରେ ନିଜ ସାନଭାଇଙ୍କ ସହିତ ବାଇକରେ ବସି ଯାଜପୁରରୋଡ଼ ଯିବା ବାଟରେ ନଗୁଆଁ (ବ୍ରାହ୍ମଣୀଦେବୀ) ଛକ ନିକଟରେ ତାଙ୍କ ବାଇକକୁ ପଛପଟୁ ଏକ କାର ଧକ୍କା ଦେଇଥିଲା। ଉକ୍ତ ଦୁର୍ଘଟଣାରେ ତାଙ୍କ ସାନଭାଇ ସାମାନ୍ୟ ଆହତ ହୋଇଥିବା ବେଳେ ରାଜକିଶୋର ଗୁରୁତର ହୋଇ କଟକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର ପରଲୋକ ଘଟିଛି। ସୋମବାର ସନ୍ଧ୍ୟାରେ ତାଙ୍କ ମରଶରୀର ଉଜୁଣୀ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ମରଶରୀର ଦାହ କରାଯାଇଥିଲା। ପୁତ୍ର ରଞ୍ଜିତ ମୁଖାଗ୍ନି ଦେଇଥିଲେ। ଗ୍ରାମରେ ସେ ଜଣେ ପରୋପକାରୀ ଓ ମେଳାପୀ ଯୁବକ ଥିଲେ। ଛୋଟ ଦୋକାନଟିଏ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏକମାତ୍ର ପୁତ୍ର ରଞ୍ଜିତ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେଇଛନ୍ତି। ପରିବାର ଆର୍ଥିକ ସ୍ୱଚ୍ଛଳ ନଥିବାରୁ କିଛି ସରକାରୀ ସାହାଯ୍ୟ ଯୋଗାଇବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଘସିପୁରାର ସମାଜସେବୀ ଦେବାଶିଷ ପାତ୍ର ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର ଘଟଣା: ପ୍ରଧାନଶିକ୍ଷକ ନିଲମ୍ବିତ

ହାଟଡ଼ିହୀ,୧୦କ୍ଷ୩(ସମିସ): ହାଟଡିହୀ ବ୍ଲକ ମିଠିଗାଁ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ଘଟଣାରେ ହାଟଡିହୀ ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରାଙ୍କୁ ନିଲମ୍ବିତ କରିଛନ୍ତି। ହାଟଡିହୀ ବ୍ଲକ ମିଠିଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ବିଦ୍ୟାଳୟ ଛୁଟି ହେବା ପରେ ସୁଯୋଗ ପାଇ ସେହି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ହାଟଡିହୀ ବିଇଓ ରାଜୀବ କୁମାର ଦଳେଇ ଆଇସିସି କମିଟି ଜରିଆରେ ତଦନ୍ତ ରିପୋର୍ଟ ମଗାଇଥିଲେ। ପାଞ୍ଚଜଣିଆ ଆଇସିସି କମିଟି ଘଟଣା ସମ୍ପର୍କରେ ରିପୋର୍ଟ ଦେବାପରେ ବ୍ଲକ ଶିକ୍ଷାଧିକାରୀ ରାଜୀବ କୁମାର ଦଳେଇ ତାଙ୍କ ଚିଠି ନଂ ୭୩୬/୭/୩/୨୦୨୬ରେ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର, ୧୦।୩ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ପଞ୍ଚାୟତର ଜଳ ନଣ୍ଡାରୁ ଅଭିଜିତ ସେଠୀଙ୍କ (୨୭) ମୃତଦେହକୁ ଘସିପୁରା ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଛି। ମୃତ ଯୁବକ ନିକଟରେ ବାଇକ ଓ ବିଷ ବୋତଲ ଥିବା ପରିଲକ୍ଷିତ ହୋଇଛି। ଭଦ୍ରକ ଜିଲ୍ଲା ଓଲଙ୍ଗ ଗ୍ରାମର ଭରତ ସେଠୀଙ୍କ ପୁଅ ଅଭିଜିତ ଆଜି ବାଇକ ଯୋଗେ ଘଟଗାଁ ଆସିବାକୁ କହି ଘରୁ ବାହାରିଥିଲେ। ଅପରାହ୍ନରେ ମୃତଦେହ ରାସ୍ତାକଡ଼ରେ ପଡ଼ିଥିଲା।

# ମଲ୍ଲିପଶିରେ ନାହିଁ ମୋବାଇଲ୍ ସେବା; ହନ୍ତସନ୍ତ ଶିକ୍ଷାର୍ଥୀ

ହାଟଡ଼ିହୀ,୧୦।୩(ସମିସ): ହାଟଡ଼ିହୀ ବ୍ଲକ କେ.ବାଲିପାଳ ପଞ୍ଚାୟତ ଅଧୀନସ୍ଥ ମଲ୍ଲିପଶି ଗ୍ରାମରେ ମୋବାଇଲ୍ ସେବା ନଥିବାରୁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। କୌଣସି ଜରୁରୀ କାମ ପାଇଁ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଧାନସଭାରେ ପ୍ରଶ୍ନ କରିଥିବା ବେଳେ ହାଟଡ଼ିହୀ ବ୍ଲକର କେବଳ ୬ଟି ଗ୍ରାମରେ ବିଏସ୍‌ଏନ୍‌ଏଲ୍ ନେଟୱର୍କର ଟୁ-ଜି ସେବା ଥିବାବେଳେ ଅନ୍ୟ ସମସ୍ତ ଗ୍ରାମରେ ଫୋର-ଜି ନେଟୱର୍କ ସେବା ଉପଲବ୍ଧ ଅଛି ବୋଲି ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି। ମୋବାଇଲ୍ ସେବା ସଂଯୋଗୀକରଣରେ ଉନ୍ନତି ଆଣିବା ପାଇଁ ବିଏସ୍‌ଏନ୍‌ଏଲ୍ ଟାୱାରଗୁଡ଼ିକର କ୍ଷମତା ବୃଦ୍ଧି କାର୍ଯ୍ୟ ଚାଲୁରହିଛି। ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯଥାଶୀଘ୍ର ମୋବାଇଲ୍ ନେଟୱର୍କ ସେବା ଉପଲବ୍ଧ ହେଲେ ଲୋକେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

# ମାଟି ବୋଝେଇ ହାଇୱା ଦୁର୍ଘଟଣାଗ୍ରସ୍ତ



ଆନନ୍ଦପୁର, ୧୦।୩ (ସମିସ): ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡା ପଞ୍ଚାୟତ ବହୁଗଡ଼ିଆ ନିକଟରୁ ଚୋରା ମାଟି ବୋଝେଇ କରି ଯାଉଥିବା ବେଳେ ଏକ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଛି। ରେଙ୍ଗାଲି କେନାଲ ନିର୍ମାଣ କାମ ହେଉଥିବା ବେଳେ ବହୁଗଡିଆ ନିକଟରୁ ମାଟି ନେଇ ଯାଉଥିବା ବେଳେ ଦିନ ୨ଟା ସମୟରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଫାର୍ମ ହାଉସ ବାଡ଼ି ଭିତରେ ପଶି ଯାଇଥିଲା। ସେଠାରେ ଥିବା କିଛି ଲୋକ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ସ୍ଥାନୀୟ ଲୋକମାନେ ଏନେଇ ରାମଚନ୍ଦ୍ରପୁର ପୁଲିସକୁ ଖବର ଦେଇଥିଲେ ମଧ୍ୟ ପୁଲିସ ଯାଇ ନଥିଲା। ୫ଟା ବେଳେ ଠିକାସଂସ୍ଥା ଅନ୍ୟ ଗାଡ଼ି ଲଗାଇ ହାଇୱାକୁ ସେଠାରୁ ନେଇ ଯାଇଥିବା ଅଭିଯୋଗ ହୋଇଛନ୍ତି। ଦୁର୍ଘଟଣା ଘଟଇଥିବା ହାଇୱାର କାଗଜପତ୍ର ସଠିକ ନଥିବା ଅଭିଯୋଗ ହୋଇଛି।

## ମାର୍ଚ୍ଚ ୧୩ ଖେଲ୍ ମଇଦାନରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କେନ୍ଦୁଝର,୧୦।୩(ସମିସ): କେନ୍ଦୁଝର ଜିଲ୍ଲାର ଶିକ୍ଷିତ ଯୁବକଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବା ଉଦ୍ଦେଶ୍ୟରେ ଆସନ୍ତା ୧୩ ମାର୍ଚ୍ଚ ୨୦୨୬ (ଶୁକ୍ରବାର) ସକାଳ ୯.୦୦ଟାରୁ ଅପରାହ୍ନ ୪.୦୦ଟା ପର୍ଯ୍ୟନ୍ତ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ (ଓଏସଏମଇ) ଖେଲ୍ ମଇଦାନ,ଠାରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ। ଏହି ନିଯୁକ୍ତି ମେଳାରେ ଶିଳ୍ପ, ଖଣି, ବ୍ୟାଙ୍କିଂ, ରିଟେଲ୍, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରର ବିଭିନ୍ନ ପ୍ରତିଷ୍ଠିତ ନିଯୁକ୍ତିଦାତା ଯୋଗଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବେ। ୧୮ରୁ ୩୫ ବର୍ଷ ବୟସର ସମସ୍ତ ପୁରୁଷ ଓ ମହିଳା ଚାକିରି ଆଶାୟୀ ପ୍ରାର୍ଥୀମାନେ ଏହି ନିଯୁକ୍ତି ମେଳାରେ ଯୋଗଦେଇ ନିୟୋଜକମାନଙ୍କ ସହ ଆଲୋଚନା କରି ଉପଯୁକ୍ତ ଚାକିରି ସୁଯୋଗ ଲାଭ କରିପାରିବେ। ଇଚ୍ଛୁକ ପ୍ରାର୍ଥୀମାନେ ନିଜର ବାୟୋଡାଟା, ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର, ଆଧାର କାର୍ଡ ଏବଂ ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହିତ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ପ୍ରାର୍ଥୀମାନେ ନିୟୋଜକମାନଙ୍କ ସହ ସିଧାସଳଖ ଆଲୋଚନା ଓ ସାକ୍ଷାତକାର ମାଧ୍ୟମରେ ଚୟନ ହୋଇପାରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ଯୁବକ ଓ ଯୁବତୀମାନଙ୍କୁ ବହୁ ସଂଖ୍ୟାରେ ଯୋଗଦେଇ ସୁଯୋଗ ଉଠାଇବାକୁ ଆହ୍ୱାନ କରାଯାଇଛି।

## ପଦ୍ମପୁର ବାଲିଆ ମଠ ବାବାଙ୍କ ମହାପ୍ରୟାଣ



ଆନନ୍ଦପୁର, ୧୦।୩ (ସମିସ): ଆନନ୍ଦପୁର ପୌର ପରିଷଦ ୧ ନଂ ୱାର୍ଡର ପଦ୍ମପୁରସ୍ଥିତ ବାଲିଆ ମଠାଧୀଶ ଗିରିଧାର ବାବା (୬୮)ଙ୍କ ମହାପ୍ରୟାଣ ହୋଇଯାଇଛି। ମଠାଧୀଶ ଗିରିଧାରୀ ବାବା ଅବିବାହିତ ଜୀବନଯାପନ କରିବା ସହିତ ନିଜସ୍ୱ ଉଦ୍ୟମରେ ପଦ୍ମପୁରସ୍ଥିତ ବାଲିଆ ମଠରେ ବିଭିନ୍ନ ମନ୍ଦିର ପ୍ରତିଷ୍ଠା କରିଥିଲେ। ବାର ମାସରେ ତେର ପର୍ବ ଆୟୋଜନ କରଥା'ନ୍ତି। ଗ୍ରାମର ଶହ ଶହ ଭକ୍ତ ପ୍ରତ୍ୟେକ ଦିନ ମଠକୁ ଯାଇ ପୂଜାର୍ଚ୍ଚନା କରୁଥିଲେ। ମଠାଧୀଶ ଗିରିଧାରୀ ବାବା ଦୀର୍ଘଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ନିମନ୍ତେ କଟକ ମେଡ଼ିକାଲକୁ ଯାଇଥିଲେ। ସୋମବାର ଦିନ ତାଙ୍କର ପରଲୋକ ଘଟିଥିଲା। ଏହି ଦୁଃଖଦ ଘଟଣା ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ବାବାଙ୍କୁ ଏକ ସୁସଜ୍ଜିତ ଯାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିବା ଦେଖାଯାଇଛି। ତାଙ୍କୁ ଆଶ୍ରମରେ ସମାଧିସ୍ଥ କରାଯିବାକୁ ସ୍ଥିର ହୋଇଛି।

## ନବବାଳା ଦେଓଙ୍କ ପରଲୋକ



ଆନନ୍ଦପୁର, ୧୦।୩ (ସମିସ): ସୁଆଁଳ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ପ୍ରମୋଦ ଦେଓଙ୍କ ପତ୍ନୀ ନବବାଳା ଦେଓଙ୍କ ହୃଦଘାତଜନିତ ବିୟୋଗ ଘଟିଛି। ସ୍ଥାନୀୟ ଅଞ୍ଚଳରେ ଏନେଇ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ଆଇନଜୀବୀ ବିଚିତ୍ର କୁମାର ଚକ୍ର, ବିଜେଡି ନେତା ଦେବାଶିଷ ପାତ୍ର, କଂଗ୍ରେସ ନେତା ସୁବ୍ରତ କୁମାର ଚକ୍ର ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ବିଶ୍ୱାଳ ଓ ସମାଜସେବୀ ତରଣୀ କାନ୍ତ ଜେନା ସୁଧାଂଶୁ ବିଶ୍ୱାଳ, ଶିକ୍ଷାବିତ୍ ପ୍ରତାପ ଦେଓ ରମେଶ ଦେଓ, ଅକ୍ଷୟ କୁମାର ଜେନା, ସ୍ୱାମୀ ପ୍ରମୋଦ ଦେଓ, ନିରଞ୍ଜନ ଜେନା ବିଦ୍ୟାଧର ସାମଲ ସର୍ଦ୍ଦାର ପ୍ରଦୀପ୍ତ ଚକ୍ ବିଳାସିନୀ ଚକ୍ର ଓ ପ୍ରଭାସିନୀ ଜେନା ବିଦ୍ୟୁତ୍ ପ୍ରଭା ଦେଓ ବିରାଜ ଦେଓ ଏବଂ ଅଧ୍ୟାପିକା ପ୍ରିୟମ୍ବଦା ଦେଓ ଓ ପୁଅ ପୁତୁରା ଭଣଜା ଭାଣିଜୀ, ଜ୍ୱାଇଁଙ୍କ ସହିତ ବନ୍ଧୁ ଆଉ ପରିବାର ବର୍ଗ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ନିଆଯାଇ ଶ୍ମଶାନ ଘାଟରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ପୁଅ ସୁଧିପ ଦେଓ ମୁଖଗ୍ନି ଦେଇଥିଲେ।

## ମହିଳାଙ୍କ ଆତ୍ମହତ୍ୟା: କାରଣ ଅସ୍ପଷ୍ଟ

ଯୋଡ଼ା, ୧୦।୩(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ବିଚାକୁଣ୍ଡି ଅଞ୍ଚଳରେ ଜଣେ ମହିଳା ଫାଶୀ ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମହିଳାଙ୍କ ନାମ ଉର୍ମିଳା ଲାଗୁରି (୨୩)। ସୂଚନା ଅନୁସରେ, ସେ ଦିନବେଳେ ଯୋଡ଼ା ସହରକୁ ଯାଇଥିଲେ। ପରେ କାନ୍ଦି କାନ୍ଦି ଘରକୁ ଫେରିଥଲେ। ପରେ ସେ କାହାକୁ କିଛି ନ କହି ନିଜ ରୁମରେ କବାଟ ଦେଇ ଓଢ଼ଣୀରେ ଫାଶୀ ଲଗେଇ ଝୁଲି ପଡ଼ିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୁଲିସକୁ ଖବର କରିବା ପରେ ଘଟଣାସ୍ଥଳରେ ଯୋଡ଼ା ପୁଲିସ ତଦନ୍ତ ଆରମ୍ଭ କରିଥିଲା। କାହିଁକି ଓ କେଉଁ ପରିସ୍ଥିତିରେ ମହିଳା ଆତ୍ମହତ୍ୟା କଲେ ଜଣାପଡ଼ିନାହିଁ।

# ଶରତ ଅଞ୍ଚଳରେ ପାନୀୟଜଳ ସମସ୍ୟା ସମାଧାନ ନେଇ ପ୍ରଶାସନ ତତ୍ପର



ସକାଳ

ଅଠରବାଙ୍କ ଗ୍ରାମରେ ପାନୀୟଜଳ ସମସ୍ୟା



**'ସକାଳ' ପ୍ରଭାବ**

ବାରିପଦା, ୧୦।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଅବସ୍ଥିତ କପ୍ତିପଦା ବ୍ଲକର ଶରତ ଅଞ୍ଚଳରେ ୯ଟି ଗ୍ରାମପଞ୍ଚାୟତ ଅନେକ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିଶେଷ ଭାବରେ ଏମାନେ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଶରତ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ନେଇ ବାରମ୍ବାର 'ସକାଳ' ଖବର କାଗଜରେ ପ୍ରକାଶନ ହୋଇଛି। ଖବର ପ୍ରସାରଣ ପରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ କପ୍ତିପଦା ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଛନ୍ତି। ଶରତ ଅଞ୍ଚଳର ସମସ୍ତ ୯ଟି ପଞ୍ଚାୟତରେ ଘରେ ଘରେ ପାନୀୟ ଜଳ ଯୋଗାଣ ପାଇଁ ନଳକୂପ ଖନନ କରୁଛନ୍ତି। କପ୍ତିପଦା ବ୍ଲକର ପାନୀୟ ଜଳ

**● ଖୋଳାଗଲାଣି ୩୫ରୁ ଊର୍ଦ୍ଧ୍ୱ ନଳକୂପ**

ଯୋଗାଣ ବିଭାଗ ଯନ୍ତ୍ରୀ ସୃଷ୍ଟିଧର ବେହେରା କହିଛନ୍ତି, ଶରତ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସମ୍ପର୍କରେ ଆମେମାନେ ସକାଳ ଖବର କାଗଜ ମାଧ୍ୟମରେ ଅବଗତ ହୋଇଛୁ ଏବଂ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ ଶରତ ଅଞ୍ଚଳରେ ନଳକୂପ ଖୋଳିବା ନିମନ୍ତେ ଆମମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସୁଡ଼ଙ୍ଗ, ରେୟାଁସାହି, ଡୁକେ ଦୁମ୍ବିସାହି, ଅଠରବାଙ୍କ, ଲେୟାଙ୍ଗିସାହି, ବାଳିତୁଆ ସ୍କୁଲସାହି, ମଲ୍ଲିପାଟ, ବାମୁଣୀ, କଣ୍ଡାମାରୀ, ବଡନଇ ପ୍ରଭୃତି ଗ୍ରାମଗୁଡ଼ିକରେ ୩୫ରୁ ଅଧିକ ନୂତନ ନଳକୂପ ଖନନ କରାଗଲାଣି। ଶରତ ଅଞ୍ଚଳରେ ନଳକୂପ ଖୋଳିବା ନିମନ୍ତେ ବର୍ତ୍ତମାନ ଦୁଇଟି ନଳକୂପ ଖନନ ଗାଡ଼ି ଦ୍ୱାରା ଖୋଳା ଚାଲିଛି। ଆସନ୍ତା ୧୫ ଦିନ ମଧ୍ୟରେ ଶରତ ଅଞ୍ଚଳର ସମସ୍ତ ଗ୍ରାମରେ ନଳକୂପ ବସାଯାଇ ପାନୀୟ ଜଳର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି। ଅନେକ ଗ୍ରାମରେ ନୂତନ ଭାବେ ନଳକୂପ ଖୋଳା ଯାଉଥିବାରୁ ଅଞ୍ଚଳବାସୀ ପ୍ରଶାସନ, ସକାଳ ଖବର କାଗଜ ଏବଂ ଶରତ ସକାଳ ଖବର କାଗଜର ପ୍ରତିନିଧି ଗାମାଏ ରୀମିଲ ସିଂ ଗୋଇପାଇଙ୍କୁ ଧନ୍ୟବାଦ ଜ୍ଞାପନ କରୁଛନ୍ତି।

## ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**କର୍ୟାଁଗୋଲା,୧୦।୩(ସମିସ):** ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ରାୟ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅନାମ ଚରଣ ସେନାପତି, ପୂର୍ବତନ ପରିଚାଳନା କମିଟି ସଭାପତି ଜଗଦୀଶ ଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ପ୍ରମିଳା ବାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ବର୍ଷକ ଯାକ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ସିଲ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଆଦି ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ତପସ୍ୱିନୀ ଭଞ୍ଜ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସୁଷମା ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, କାଦମ୍ବିନୀ ମିଶ୍ର, ଶୁଭସ୍ମିତା ସାହୁ, ରଶ୍ମି ଦଳାଇ, ଅଧ୍ୟାପକ ବ୍ରଜକିଶୋର ସାହୁ, ଚତୁର୍ଥ ଶ୍ରେଣୀ କର୍ମଚାରୀ କୁଶେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ନିଖୋଜ ନାବାଳିକା ଉଦ୍ଧାର

**କର୍ୟାଁଗୋଲା,୧୦।୩(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଦୁବକଣ ଗ୍ରାମରୁ ନିଖୋଜ ନାବାଳିକା ଉଦ୍ଧାର ହୋଇଛି। ସୂଚନା ଅନୁସାରେ ନାବାଳିକା ଜଣକ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଟନ୍ତି। ଗତ ଶୁକ୍ରବାର ୬ ତାରିଖ ଘରୁ କେଉଁ ଆଡେ ଚାଲିଯାଇଥିଲା। ନିଖୋଜ ବେଳେ ନାବାଳିକାକୁ ୧୬ ବର୍ଷ ବୟସ ହୋଇଥିଲା। ଏ ନେଇ ନାବାଳିକାର ବାପା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ତରଫରୁ ୬୫/୨୬ ରେ ଏକ ମାମଲା ମଧ୍ଯ ରୁଜୁ କରାଯାଇଥିଲା। ନିଖୋଜ ନାବାଳିକାକୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ମଙ୍ଗଳପୁର ଥାନାରଏ ଏସଆଇ ଜଟାଧାରୀ ଦାସ ସୂଚନା ଦେଇଛନ୍ତି।

## ମିଳନ ଉତ୍ସବ ପାଇଁ ବଜାର ସଫେଇ

**ପାଣିକୋଇଲି,୧୦।୩(ସମିସ):** ପାଣିକୋଇଲି ୪୧ ତମ ମିଳନ ଉତ୍ସବ ମଙ୍ଗଳବାର ରାତ୍ରୀରୁ ଆରମ୍ଭ ହୋଇ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଉପଲକ୍ଷେ ପାଣିକୋଇଲି ପଂଚାୟତ ପକ୍ଷରୁ ସରପଂଚ ପଦ୍ମାବତୀ ପଣ୍ଡା ଓ ନାଏବ ସରପଂଚ ଦେବେନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରମିକ ମାନଙ୍କୁ ନେଇ ବଜାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଳନ ଉତ୍ସବରେ ଦୋକନ ଲାଗୁଥିବାରୁ ଏହି ସଫେଇ ଦ୍ୱାରା ଅଧିକ ଦୋକାନ ବସିବା ସହ ପରିଷ୍କାର ପରିଚ୍ଛନ୍ନତାରେ ମେଳଣ କରାଯିବ। (ଫଟୋଅଛି)

## ମଧୁବନ ମେଡିକାଲରେ ରକ୍ତଦାନ ଶିବିର

**କୁଆଖିଆ,୧୦।୩(ସମିସ):** ଆଜି ଡାକ୍ତର ବସନ୍ତ କୁମାର ପଣ୍ଡାଙ୍କ ସ୍ମୃତିରେ ମଧୁବନ ମେଡିକାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।



ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହ୍ୟୁମାନ ୱେଲଫେୟାର ଫାଉଣ୍ଡେସନ ପରିବାରର ସଦସ୍ୟ ମାନଙ୍କ ତତ୍ତ୍ୱାବଧାନରେ ଆଜି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସମାଜସେବୀ ଏବଂ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁଆଖିଆ ଲାୟନ୍ସ କ୍ଲବର ସଭାପତି ତଥା ଯୁବ ସମାଜସେବୀ ଜନ୍ମେଜୟ ସାହୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେବା ହିଁ ପରମ ଧର୍ମ ସାମାଜିକ ଅନୁଷ୍ଠାନ, ବିପଦର ବନ୍ଧୁ ସାମାଜିକ ଅନୁଷ୍ଠାନ, ନୂଆ ଆଲୋକ ସାମାଜିକ ଅନୁଷ୍ଠାନ ଯୋଗଦାନ କରିଥିଲେ। ମଧୁବନ ମେଡିକାଲର ଇନଚାର୍ଜ ଡାକ୍ତର ରଶ୍ମି ରଞ୍ଜନ ପ୍ରଶାୟତ ଉପସ୍ଥିତ ରହି ଡାକ୍ତର ବସନ୍ତ ପଣ୍ଡା ଙ୍କ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହ୍ୟୁମାନ ୱେଲ ଫେୟାର ଫାଉଣ୍ଡେସନ ପରିବାରର ସଭାପତି ବିଦ୍ୟାଧର ଓଝା, ଉପସଭାପତି ପରମାନନ୍ଦ ସାହୁ, କୋଷାଧକ୍ଷ ଆଶିଷ କୁମାର ସାହୁ ସମ୍ପାଦକ ନିରାକାର ପୁହାଣ, ଉପଦେଷ୍ଟା ସୁଦର୍ଶନ ସାହୁ, ଚନ୍ଦ୍ରଭାନୁ ବିଶ୍ୱାଳ, ବୈଦ୍ୟନାଥ ସାହୁ, ବିପିନ ବିହାରୀ ମଲ୍ଲିକ ସହିତ ଯୁବ ସମାଜ ସେବୀ ପ୍ରଭାତ କୁମାର ସାହୁ, ସୁଜିତ କୁମାର ସାହୁ, ସୌମ୍ୟ ରଞ୍ଜନ ସାହୁ, ବାପିନ ସାମଲ, ଦୀପ୍ତି ମହାନ୍ତି, ପ୍ରୀତି ରଞ୍ଜନ ମହାନ୍ତି, ଚିରଞ୍ଜୀବ ସାହୁ, ଦେବାଶିଷ ସାହୁ,ଇନ୍ଦ୍ରମଣି ରଣା,ଅଗ୍ନିବାସ ରଣା,ଚନ୍ଦନ ସାହୁ, ଅନୁପମା ମଲ୍ଲିକ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଗୁଲର ଶାନ, ଗଙ୍ଗା ସାହୁ,ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୩୬ ୟୁନିଟ ବ୍ଲକ ସଂଗ୍ରହ କରାଯାଇଥିଲା।

## ମୂଳଖମ୍ବ ଗାଁରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**କାଳିଆପାଣି,୧୦।୩(ସମିସ):** ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତ ଅଧୀନ ମୂଳଖମ୍ବ ଗାଁରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ କ୍ରୀଡ଼ା ଉଦଯାପନ ଉତ୍ସବରେ ସମବାୟ ମନ୍ତ୍ରୀ ଡ. ପ୍ରଦୀପବଳ ସାମନ୍ତ ଯୋଗ ଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ଶିବଶକ୍ତି କ୍ରିକେଟ ଟିମ୍, ମା' ଖଣ୍ଡୁରାଇ କ୍ରିକେଟ ଟିମ୍ ମୂଳଖମ୍ବର ମିଳିତ ଉଦ୍ୟମରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନୂଆଡିହ ସହ ପିମ୍ପୁଡିଆ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପିମ୍ପୁଡିଆ ଦଳ ବିଜୟ ଲାଭ କରିଥିବା ବେଳେ ଅନ୍ୟ ମ୍ୟାଚଟି ଦାମୋଦରପୁର ସହ ମଙ୍ଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇ ଦାମୋଦରପୁର ବିଜୟଲାଭ କରିଥିଲା। ଆୟୋଜକ କମିଟି ପକ୍ଷରୁ ବିଶ୍ୱନାଥ ପାତ୍ର, ରମେଶ ପାତ୍ର, ବାବୁ ପାତ୍ର,ତପୁ ପାତ୍ର, ଅନିଲ ପାତ୍ର, ଚକ୍ରଧର ନାୟକ, ବୁଲୁ ବେହେରାଙ୍କ ନେତୃତ୍ୱରେ ଉକ୍ତ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ କରାଯାଇଥିଲା। ଉକ୍ତ ଉତ୍ସବରେ କୁହିକା ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ନାୟକ, ମନୋଜ କୁମାର ନାୟକ, ଗଗନ ବିହାରୀ ଶତପଥୀ, ଗତିକୃଷ୍ଣ କର, ହୃଦାନନ୍ଦ ମହାନ୍ତ, ନିରଞ୍ଜନ ଖୁଣ୍ଟିଆ, ପଞ୍ଚାନନ ପାତ୍ର, ନିରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆଲୋକଶିଖା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଉଦ୍‌ଘାଟିତ

**ସିଂହପୁର,୧୦।୩(ସମିସ):**



ଆଲୋକଶିଖା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଚରପଡ଼ାଠାରେ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓକେସିଏଲ ଜିଲ୍ଲା ସଂଯୋଜକ ମନୋରଞ୍ଜନ ଚାନ୍ଦ, ସମ୍ମାନିତ ଅତିଥି ଯୁବ ରେଡକ୍ରସ୍ ଜିଲ୍ଲା କନ୍ ଭେନର ଅଫିସର ବିକାଶ କୁମାର ନାୟକ, ଆଲୋକ ଶିଖା ରାଜ୍ୟ ସଂପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଜୁନିଅର ରେଡକ୍ରସ୍ ଅଫିସର ନିରଞ୍ଜନ ବେହେରା ସାର୍, ସମାଜସେବୀ ଅଧ୍ୟାପକ ବିମଳ କେତନ ରଥ, ଆଲୋକ ଶିଖା ଯୁଗ୍ମ ସଚିବ ଗୋପିନାଥ ତ୍ରିପାଠୀ, ନିଖିଳ ସମାଜସେବୀ ମହାସଂଘର ଜିଲ୍ଲା ସଭାପତି ବାଇଧର ବେହେରା, ଉପସଭାପତି ଚନ୍ଦନ ମହାନ୍ତି, ସଂପାଦକ ଗିରିଶ ମହାନ୍ତି ଓ ଆଲୋକ ଶିଖା ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଅଧ୍ୟାପକ ରତ୍ନାକର ସେଠୀ ଉପସ୍ଥିତଥିଲେ। ଏଥିରେ ପ୍ରଶିକ୍ଷକା ଅମିତାରାଣୀ ମଲ୍ଲିକ, ଇନଷ୍ଟିଚ୍ୟୁଟ ସଂଯୋଜିକା ସୌଦାମିନ ମଲ୍ଲିକ, ଶୁଭମ୍, ବଳରାମ, ଓମ୍, ମହେଶ୍ୱର, ସଂସ୍କାର, ତାପସ, ଶ୍ରାବଣୀ, ସ୍ୱାତୀ, ଶୁଭଲକ୍ଷ୍ମୀ, ସୁପରିଆ, ସସ୍ମିତା, ଅର୍ଚ୍ଚିତା ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ବିଶାଳ ଚକ୍ଷୁପରୀକ୍ଷା ଶିବିର




**ବାଲିଚନ୍ଦ୍ରପୁର,୧୦।୩(ସମିସ):** ବାଲିଚନ୍ଦ୍ରପୁର ନିକଟସ୍ଥ ରାହାଣିଆଠାରେ ମା' ବୁଢ଼ୀ ଜାଗୁଳାଇ ମନ୍ଦିର କମିଟି ରାହାଣିଆ ଓ ଅଭିଯାନ ପୁରୁଷୋତ୍ତମପୁର କଟକ ମିଳିତ ସହଯୋଗରେ ବୁଢ଼ୀ ଜାଗୁଳାଇ ମନ୍ଦିର ପରିସରରେ ଚକ୍ଷୁପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ଅନୁଷ୍ଠାନ ରାଜ୍ୟ ପରିଚାଳକ କର୍ଣ୍ଣାଟକିଶୋର ଜେନା ଓ ପରାମର୍ଶଦାତା ଭକ୍ତବତ୍ସଳ ମହାନ୍ତିଙ୍କ ମାର୍ଗଦର୍ଶନରେ ରାହାଣିଆ, ଗୋକୁଳପୁର, ଜାତିପାରିଲୋ, ମୋଗଲପାଟଣା, ଉଷୁମା, ସଲରା, ମାଟିପାରିଲୋ ଓ କାଳିଅଣ୍ଟି ଆଦି ରାଜ୍ୟସ୍ୱ ଗ୍ରାମର ଆସିଥିବା ୯୪ ଜଣ ବରିଷ୍ଠ ନାଗରିକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଭୂମିକା ଚକ୍ଷୁ ଚିକିତ୍ସାଳୟ ମ୍ୟାନେଜେର ବଳରାମ ନାୟକଙ୍କ ନେତୃତ୍ୱରେ ଅପଟମ ଲିପିକା ସାହୁ, ଭିଜନଟେକ୍ନିସିଆନ ରୀନାରାଣୀ ଭଞ୍ଜ, ସ୍ୱାସ୍ଥ୍ୟସେବିକା ଶୁଭଶ୍ରୀ ତ୍ରିପାଠୀ, ମୋତିଆ ସ୍ୱାସ୍ଥ୍ୟ ସଂଗଠିକା ଶୁଭଲକ୍ଷ୍ମୀ ସାହୁଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷାରେ ୨୩ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧ଜଣ ମୋତିଆ ବିନ୍ଦୁ ରୋଗୀ ବରିଷ୍ଠ ନାଗରିକଙ୍କର ଅସ୍ତ୍ରୋପଚାର ନିମନ୍ତେ ଭୂମିକା ଚିକିତ୍ସାଳୟ କେନ୍ଦ୍ରପଡ଼ାକୁ ପ୍ରେରଣା କରାଯାଇଛି। ଅଭିଯାନରେ ସଂପାଦକ ମଧୁସୂଦନ ଦାସ, ସଭାପତି ଅକ୍ଷୟ କୁମାର ମହାନ୍ତି, ମା' ବୁଢ଼ୀ ଜାଗୁଳାଇ ମନ୍ଦିର କମିଟିର ସଦସ୍ୟ ସତ୍ୟପ୍ରକାଶ ମହାନ୍ତି ଚକ୍ଷୁଶିବିରକୁ ସଂଯୋଜନା ଓ ପରିଚାଳନା କରିଥିଲେ। ମନ୍ଦିର କମିଟି ରଞ୍ଜନ କୁମାର ସାମଲ, ସୌମ୍ୟ ରଞ୍ଜନ ଶତପଥୀ, ମନୋଜ କୁମାର ଶତପଥୀ, କାର୍ତ୍ତିକ ଚରଣ ସାହୁ, ହିମାଂଶୁ ରଞ୍ଜନ ଶତପଥୀ, ମନୋରଞ୍ଜନ ସେଠୀ, ବିଶ୍ୱଜିତ ମହାନ୍ତି, ପ୍ରକାଶ ସେଠୀ, ପ୍ରମୁଖ ରୋଗୀ ନେବା ଆଣିବା କରିବାରେ ସହଯୋଗ କରିଥି। ସ୍ୱାଭିମାନ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ।

## ଦେଶୀ ମଦ ଜବତ, ବେପାରୀ ଗିରଫ

**ପାଣିକୋଇଲି,୧୦।୩(ସମିସ):** ପାଣିକୋଇଲି ପୁଲିସ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରିଛି। ପ୍ରକାଶଯେ ସବଇନ୍ସପେକ୍ଟ ସୁମିତ କୁଜୁରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ମରିପୁର ଗ୍ରାମ ନିକଟରେ ଏକ ହୋଟେଲ ପାଖରେ ଚୋରା ମଦ ବିକ୍ରିର ଖବର ପାଇ ଚଢ଼ଉ କରିଥିଲେ। ସନ୍ଦେହ ଜନକ ଅବସ୍ଥାରେ ଏକ ଜରି ବ୍ୟାଗ ସହ ଜଣକୁ ଧରିବାରୁ ତା' ନିକଟରୁ ୧୦ ଲିଟର ଦେଶୀ ମଦ ବାହାରିଥିଲା। ମଦ ସହ ତାକୁ ଧରି ଥାନାକୁ ଆଣିବା ପରେ ଏକ ମାମଲା ୭୪/୨୬ ରୁଜୁ କରାଯାଇଥିଲା। ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଘଣ୍ଟେଶ୍ୱର ଅଞ୍ଚଳର ନରେନ୍ଦ୍ର ବେହେରା (୩୮) ବୋଲି ଜଣାପଡିବା ପରେ ତାକୁ ଗିରଫ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ନିର୍ମଳ ଚୌଧୁରୀ ସୂଚନା ଦେଇଛନ୍ତି।

## ନାବାଳିକା ଗର୍ଭବତୀ; ଅଭିଯୁକ୍ତ ଗିରଫ

**ପାଣିକୋଇଲି,୧୦।୩(ସମିସ):** ନାବଳିକା ଗର୍ଭବତୀ ଅଭିଯୋଗରେ ପାଣିକୋଇଲି ପୁଲିସ ଆଜି ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ତେଲିଆ କେନାଲ ବନ୍ଧରେ ରହୁଥିବା ଜୈନିକା ନାବାଳିକା (୧୫) ଗର୍ଭବତୀ ହୋଇ ଯାଜପୁର ଜିଲ୍ଲା ସଦର ମହକୁମା ଚିକତ୍ସାଳୟରେ ଚିକତ୍ସିତ ହେଉଛି। ଏନେଇ କୋରେଇ ସିଡିପିଓ ଶାନ୍ତିଲତା ବେସ୍ରାଙ୍କ ଅଭିଯୋଗକ୍ରମେ ପାଣିକୋଇଲି ପୁଲିସ ଏକ ମାମଲା ୭୦/୨୬ ରୁଜୁ କରିବା ସହ ତଦନ୍ତଭାର ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସଙ୍କୁ ଦିଆଯାଇଥିଲା। ଶ୍ରୀ ଦାସ ଯାଜପୁର ମୁଖ୍ୟ ଚିକତ୍ସାଳୟରେ ପହଞ୍ଚି ଯାଜପୁର ଥାନା ମହିଳା ସବଇନ୍ସପେକ୍ଟରଙ୍କ ଦ୍ୱାରା ତଦନ୍ତ ଆରମ୍ଭ କରିଥିଲେ। ନାବାଳିକା ଗର୍ଭବତୀଙ୍କ ଠାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଉକ୍ତ ନାବଳିକାର ମା' ମରିଯିବା ପରେ ସେ ବେସହରା ହୋଇପଡିବାରୁ ଗତ ଦେଢ଼ବର୍ଷ ହେବ କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ରାଇସୁଆ ବାରିଗାଁ ଗ୍ରାମର ସିଦ୍ଧାନ୍ତ ମୁଣ୍ଡା(୨୧) କୁ ପ୍ରେମ ବିବାହ କରିଥିଲା। ବିବାହ ପରେ ସେମାନଙ୍କର ଶାରୀରିକ ସମ୍ପର୍କ ଥିବାରୁ ସେ ଗର୍ଭବତୀ ହୋଇଥିଲା। ପୁଲିସ ଏନେଇ ସିଦ୍ଧାନ୍ତକୁ ଗିରଫ କରିଥିଲା। ନାବାଳିକାକୁ ଗର୍ଭବତୀ କରିବା ଅଭିଯୋଗରେ ସିଦ୍ଧାନ୍ତକୁ ଆଜି ଦଫା ୬୪(୨)(ଏମ) ବିଏନଏସ ୬ ପୋସ୍କୋ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର



**ବାଲିଚନ୍ଦ୍ରପୁର,୧୦।୩(ସମିସ):** ବାଲିଚନ୍ଦ୍ରପୁର ସ୍ଥିତ ସାହାସପୁର ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସାହାସପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ପୁଷ୍ଟି ଯୋଗ ଦେଇ ୧୯ ଦିନିଆ ଆତ୍ମରକ୍ଷା କୌଶଳ ଶିବିରକୁ ଉଦ୍‌ଯାପନ କରି ବାଳିକାମାନଙ୍କ ସୁରକ୍ଷା ଉପର ଓ ଶିବିର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଶିବିର ସମ୍ପର୍କରେ ଶିବିରର ସଂଯୋଜିକା ତିଲୋତ୍ତମା ହେସା ବିବରଣୀ ପ୍ରଦାନ କରିଥିଲେ। ଏହି ଶିବିରରେ ଅତିଥି ଭାବେ ପ୍ରଫେସର ମିଳନ କିଶୋର ଜେନା, ଅଧ୍ୟାପକ ସଂଗ୍ରାମ କିଶୋର ପରିଡା, ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ, ଚିତ୍ତରଞ୍ଜନ ରାଉତ, ଯୋଗଦେଇ ଶିବିରାର୍ଥୀମାନଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷୀକା ସ୍ୱର୍ଣ୍ଣପ୍ରଭା ରାଉତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାହାସପୁର ପ୍ରତିରକ୍ଷା କ୍ଲବର ସଦସ୍ୟ ଭାବେ ଗାୟତ୍ରୀ ଶତପଥି, ଶତାବ୍ଦୀ ବଳ, ନିବେଦିତା ପରିଡା, ତିଲୋତ୍ତମା ହେସା ଏହି ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପିକା ମିନତି ମଞ୍ଜରୀ ନାୟକ, ଅଧ୍ୟାପିକା କାମିନୀ ପ୍ରଭା ମାଝୀ, ଅଧ୍ୟାପକ ଜୟଦେବ ଶତପଥି ଓ ଅଧ୍ୟାପକ ବିଜ୍ଞାନ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁବନ ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

**କୁଆଖିଆ,୧୦।୩(ସମିସ):** ରସୁଲପୁର ବ୍ଲକର ପୁରାତନ ସାହିତ୍ୟ ଅନୁଷ୍ଠାନ ମଧୁବନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଧୁବନ ହାଟସ୍ଥିତ ମା' ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି କୈଳାସ ଚନ୍ଦ୍ର ମଲିକଙ୍କ ଆବାହତ୍ୱରେ ଆୟୋଜିତ ବୈଠକରେ ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ଅଧ୍ୟାପକ ସନ୍ତୋଷ କୁମାର ସାହୁ, ଗୀତିକାର ପ୍ରତାପରୁଦ୍ର ପଣ୍ଡା, ସହ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଚନ୍ଦ୍ରକାନ୍ତ ରଥ, ଶିକ୍ଷକ ସୁଶାନ୍ତ କୁମାର ମହାରଣା, କବି ରମାକାନ୍ତ ସ୍ୱାଇଁ, ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ସଂସଦର ବାର୍ଷିକ ଉତ୍ସବ ନିମନ୍ତେ ଆସନ୍ତା ଏପ୍ରିଲ ୧୨ ତାରିଖରେ ପାଳନ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ କବିତା ପାଠୋତ୍ସବ, ଆଲୋଚନାଚକ୍ର ଆୟୋଜନ ନିମନ୍ତେ ପ୍ରସ୍ତୁତି ହୋଇଥିବା ବେଳେ ଏହି ସାରସ୍ୱତ ସମ୍ମିଳନୀରେ କବି, କବୟିତ୍ରୀ, ଲେଖକମାନଙ୍କୁ ଯୋଗଦେବା ପାଇଁ ନିବେଦନ କରାଯାଇଥିଲା। ଏଥି ସହିତ ସଂସଦର ମୁଖପତ୍ର "ଯୁଗାରମ୍ଭ' ନିମନ୍ତେ ବିଶିଷ୍ଟ ସାହିତ୍ୟ ସାଧକମାନେ ସେମାନଙ୍କ ଲେଖା ଗୁଡିକୁ ଯଥାଶୀଘ୍ର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଡାକ ଯୋଗେ ସମ୍ପାଦକ, ମଧୁବନ ସାହିତ୍ୟ ସଂସଦ, ମଧୁବନ ହାଟ, ଭାୟା ରସୁଲପୁର, ଜିଲ୍ଲା ଯାଜପୁର ଠିକଣାରେ ପଠାଇବା ପାଇଁ ନିବେଦନ କରାଯାଇଛି।

## ବନଲକ୍ଷ୍ମୀ ମହାନ୍ତିଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ



**ବଡ଼ଚଣା,୧୦।୩(ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ବାଡୋ ଉନ୍ନୀତ ମଧ ଇଂଗ୍ରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବନଲକ୍ଷ୍ମୀ ମହାନ୍ତିଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ସ୍ମୃତିର ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଡ. ରଜନୀକାନ୍ତ ମିଶ୍ର, ଡ. ସୁଜାତା ପ୍ରହରାଜ୍, ଦେବସ୍ମିତା ମିଶ୍ର ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ରୋଜାଲିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନିକଟସ୍ଥ ଚଣ୍ଡିତଳ ଗ୍ରାମପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ତଥା ଶିକ୍ଷାବିତ୍ ଚିନ୍ମୟ ମହାନ୍ତିଙ୍କ ଧର୍ମପତ୍ନୀ ବନଲକ୍ଷ୍ମୀ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଛାତ୍ର ବତ୍ସଳା ଭାବେ ପରିଚିତ।

## ରଘୁନାଥ ଜୀଉ ଦୋଳ ମିଳନ ଉଦ୍‌ଯାପିତ



**ବଡ଼ଚଣା,୧୦।୩(ସମିସ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବନ୍ଧା ପଦ୍ମଲାଭପୁର ସ୍ଥିତ ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ୫୦ତମ ରାଜଦୋଳ ମିଳନ ଉଦ୍‌ଯାପିତ ହୋଇଯାଇଛି। ଏହି ମିଳନ ଉତ୍ସବରେ ବିଭିନ୍ନ ଗ୍ରାମରୁ ୨୦ରୁ ଉର୍ଦ୍ଧ୍ୱ ବିମାନ ଯୋଗଦେଇଥିଲେ। ପ୍ରଥମେ ଥାନପତି ରଘୁନାଥଜୀଉ ବିମାନ ଦୋଳ ମଣ୍ଡପରେ ବସିଲା ପରେ ଗ୍ରାମର ଉଭୟ ପଟୁ ବିମାନ ଗୁଡ଼ିକୁ, ବାଜା, ବାଣ, କୀର୍ତ୍ତନ ଓ ପାରମ୍ପରିକ ନୃତ୍ୟ ଗୀତ ରୋଷଣୀ କରି ଦୋଳ ମଣ୍ଡପରେ ବସିଥିଲେ। ମିଳନ କମିଟି ପକ୍ଷରୁ ଠାକୁରମାନଙ୍କୁ ଯଥାବିଧି ପୂଜାର୍ଚ୍ଚନା କଲା ପରେ ବିମାନ ଗୁଡ଼ିକୁ ବିଦାକି ପ୍ରଦାନ କରାଯାଇଥିଲା। ମିଳନ କମିଟି ସଭାପତି ତରୁଣ କୁମାର ସ୍ୱାଇଁ, ସଂପାଦକ ପାଣ୍ଡବ ଚରଣ ଧଳ, କୋଷାଧକ୍ଷ, ମନୋରଞ୍ଜନ ବେହେରା, ଉପଦେଷ୍ଟା ଅଭିମନ୍ୟୁ ଧଳ, ଦିବ୍ୟଲୋଚନ ସାମଲ, ପ୍ରଦୀପ ଧଳ, ସୁକାନ୍ତ ସ୍ୱାଇଁ, ସମରେନ୍ଦ୍ର ସାମଲ, ନିରଞ୍ଜନ ସାମଲ, ଯୁଧିଷ୍ଠିର ମହାଳିକ, ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେନ୍ଦ୍ର ସାମଲ, ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ବେହେରା ପ୍ରମୁଖ ବିମାନ ଗୁଡ଼ିକୁ ବିଦାକି ପ୍ରଦାନ କରିଥିଲେ।

## ଶୋଭନୀୟ ଶିକ୍ଷାଶ୍ରମରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବରୀ,୧୦।୩(ସମିସ):**



ସ୍ଥାନୀୟ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ ପରିସରରେ ଶିକ୍ଷାଶ୍ରମର ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଚଳିତ ବର୍ଷର ତୃତୀୟ ବୃତ୍ତି, ପଞ୍ଚମ ବୃତ୍ତି, ପଠାଣି ସାମନ୍ତ ଗଣିତ ମେଧାବୃତ୍ତିରେ କୃତିତ୍ୱ ହାସଲ କରିଥିବା ଶିକ୍ଷାଶ୍ରମର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ବୃତ୍ତି ପାଇଥିବା ଛାତ୍ର ଦେବାଂଶ ଶ୍ୟାନ୍ତି, ସ୍ୱରାଜ ଦାଶ, ପ୍ରଭୁପାଦ ସାହୁ, ପଞ୍ଚମ ବୃତ୍ତି ପାଇଥିବା ଛାତ୍ରୀ ଶୁଭପ୍ରିୟା ଦାଶ, ଛାତ୍ର ବିଶାଳ ଜେନା, ମୋହିତ କୁମାର ଜେନା, ଆୟୁଷ କୁମାର ଦାସ, ବିଶ୍ୱଜିତ ଶ୍ୟାନ୍ତ ଏବଂ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପାଇଥିବା ଛାତ୍ର ମୋହିତ କୁମାର ଜେନା, ଜିତେନ୍ଦ୍ର ଦାସ ଏବଂ ସେମାନଙ୍କର ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ମୁଖ୍ୟଅତିଥି ରୂପେ ବରୀର ଅବସରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ରୂପେ ରାଜାତୋଟା ସାଧନକେନ୍ଦ୍ରର ସଂଯୋଜକ ଅଜୟ କୁମାର ସାମଲ ଯୋଗଦେଇଥିଲେ। ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ଅତିଥି ପରିଚୟ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ମିହିର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାଶ୍ରମର ସମସ୍ତ ଶିକ୍ଷକ, ଶିକ୍ଷିକା ସଭା ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ନେପାଳ : ବ୍ୟବସ୍ଥା ପରିବର୍ତ୍ତନର ଶୁଭାରମ୍ଭ

ନବେ ଦଶକ ଆରମ୍ଭରୁ ବହୁଜାତୀୟ ରାଜନୈତିକ ବ୍ୟବସ୍ଥାର ସମସ୍ତ ବିଲକ୍ଷଣ ନେପାଳରେ ଅନୁଭୂତ ହୋଇଥିଲା। କ୍ଷମତା ରାଜନୀତିରେ କ୍ରମାଗତ ପ୍ରତିଷ୍ଠା ବା ପ୍ରଭୁତ୍ୱ ଜାହିର କରିଆସିଥିବା କିଛି ରାଜନେତା ଦଳବଦଳ ଓ ଦୁର୍ନୀତିରେ ଲିପ୍ତ ରହି ମତଦାତାଙ୍କ ସମସ୍ତ ଆଶା ଆକାଂକ୍ଷାକୁ ଧୂଳିସାତ କରିଚାଲିଥିଲେ। ଦେଶରେ ନିୟମିତ ବ୍ୟବଧାନରେ ନିର୍ବାଚନ ହେଉଥିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତିତ ରହିଥିଲା। ତେଣୁ ପରିବର୍ତ୍ତନ ପ୍ରୟାସୀ ନେପାଳର ଯୁବ ସମାଜ ବ୍ୟବସ୍ଥାର ଅମୂଳଚୁଳ ପରିବର୍ତ୍ତନ ସକାଶେ ଯେଉଁ ଆନ୍ଦୋଳନର ନେତୃତ୍ୱ ନେଲେ ସେଥିରେ କ୍ଷମତାସୀନ ଓଲି ସରକାର ଭୁଷୁଡ଼ି ପଡିଲା। ପ୍ରଧାନ ବିଚାରପତି ଦେଶରେ ଶୃଙ୍ଖଳା ଫେରାଇ ଆଣିବା ଓ ଶାନ୍ତି ଶୃଙ୍ଖଳା ମଧ୍ୟରେ ନିର୍ବାଚନ ପରିଚାଳନା ସକାଶେ ରାଷ୍ଟ୍ରର ଅସ୍ଥାୟୀ ନେତୃତ୍ୱ ନେଲେ। ସେ ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମାର୍ଚ୍ଚ ୫ ରେ ନିର୍ବାଚନ କରାଇଲେ। ଫଳାଫଳରୁ ସ୍ପଷ୍ଟ ହୋଇଛି ଯେ 'ଜେନ-ଜି' ଆନ୍ଦୋଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାକୁଯାଉଛି। ପ୍ରଚଣ୍ଡଙ୍କୁ ବାଦ୍‌ଦେଲେ ପୁରୁଣା ପିଢ଼ିର ଅଧିକାଂଶ ନେତାଙ୍କୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ମାତ୍ର ୪ ବର୍ଷ ତଳେ ଜନ୍ମ ନେଇଥିବା ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ନିର୍ବାଚନରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିବା ୩୫ ବର୍ଷ ବୟସର ବାଲେନ୍ଦ୍ର ଶାହା (ବାଲେନ୍) ହିଁ ଦେଶର ପ୍ରଧାନମନ୍ତ୍ରୀ ହେବେ।

ନେପାଳ ସମ୍ବିଧାନ ଅନୁଯାୟୀ ସଂସଦର ୧୬୫ ଆସନ ପାଇଁ ପ୍ରତ୍ୟକ୍ଷ ମତଦାନ ଓ ୨୭୫ ଆସନରେ ଅଧିମାନ୍ୟତା ପ୍ରାପ୍ତ ପ୍ରତିନିଧି (ପ୍ରୋପରସାନଲ ରିପ୍ରେଜେଣ୍ଟିଭ) ନିର୍ବାଚନ ହୋଇଥାଏ। ରାଷ୍ଟ୍ରୀୟ ସ୍ୱତନ୍ତ୍ର ଦଳ (ଆର୍‌ଏସ୍‌ପି) ୧୬୫ ଆସନରୁ ୧୨୫ରୁ ବିଜୟୀ ହୋଇଛି। ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ପ୍ରତ୍ୟକ୍ଷ ମତଦାନ ହୋଇଥିବା ଆସନରେ ଭୋଟ ଗଣତି ଶେଷ ହୋଇଛି। ଏବେ 'ପ୍ରୋପରସାନଲ' ଭୋଟ ଗଣତି ଚାଲିଛି। ଏହି ଫଳାଫଳ ବୁଧବାର ସ୍ପଷ୍ଟ ହୋଇଯିବ। ଆରଏମ୍‌ପି ମଧ୍ୟ ୫୦ରୁ ଉର୍ଦ୍ଧ୍ୱ ଆସନରେ ସ୍ପଷ୍ଟ ବହୁମତ ପାଉଥିବାର ଜଣାପଡିଛି। ତେଣୁ ୨୭୫ ସଂସଦୀୟ ଆସନ ମଧ୍ୟରୁ ୧୭୫ଟିରେ ଆର୍‌ଏସ୍‌ପି ନିର୍ବାଚିତ ହୋଇଥିବାରୁ ଦଳ ପକ୍ଷରୁ ଉପସ୍ଥାପିତ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଲେନ୍ ହିଁ ନେପାଳର ପରବର୍ତ୍ତୀ ଶାସନ ମୁଖ୍ୟ ହେବେ। ବାଲେନ୍ ଜଣେ ଇଂଜିନିୟର ଓ ଲୋକପ୍ରିୟ ର୍‍ୟାପ୍ ସଂଗୀତ ଗାୟକ। ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ କାଠମାଣ୍ଡୁ ସହରର ମେୟର ଥିଲେ। ନେପାଳ କ୍ଷମତା ରାଜନୀତିରେ ଆରଏସ୍‌ପିର ସେଭଳି ପ୍ରାଧାନ୍ୟ ନଥିଲା। ୨୦୨୨ରେ ରବି ଲାମିସାନି ଏହି ଦଳ ଗଠନ କରିଥିଲେ। ଗତ ସଂସଦରେ ଦଳ ମାତ୍ର ୭ଟି ଆସନରୁ ପ୍ରତିନିଧିତ୍ୱ କରୁଥିଲା। ବାଲେନ୍ ୨୦୨୫ରେ ହିଁ ଏହି ଦଳରେ ଯୋଗ ଦେଇଥିଲେ। ନେପାଳ ଯୁବବର୍ଗଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲା। ଏଠାରେ ସୂଚାଇ ଦିଆଯାଇପାରେ କି ନେପାଳ 'ଜେନ-ଜି' ଆନ୍ଦୋଳନକୁ ପ୍ରେରଣା ଓ ଉତ୍ସାହ ଦେଇଥିଲା ବାଲେନ୍‌ଙ୍କ ର୍‍ୟାପ୍ ସଂଗୀତ।

ଯେଉଁ ସାମାଜିକ ଗଣମାଧ୍ୟମ ଉପରେ କଟକଣା ପ୍ରୟୋଗରୁ 'ଜେନ-ଜି' ଆନ୍ଦୋଳନରେ ସୂତ୍ରପାତ ହୋଇଥିଲା ତାହା ହିଁ ଥିଲା ଆର୍‌ଏସ୍‌ପି ନିର୍ବାଚନ ପ୍ରଚାରର ମୁଖ୍ୟ ମାଧ୍ୟମ। ନେପାଳର ପାର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ସମତଳ ଓ ଗ୍ରାମାଞ୍ଚଳରେ ସ୍ମାର୍ଟ ଫୋନ ବ୍ୟବହାର ଏତେ ଅଧିକ ଯେ ନିର୍ବାଚନ ପ୍ରଚାର ଓ ରାଜନୈତିକ ବାର୍ତ୍ତା ପ୍ରଦାନରେ ଦଳ ତାହାକୁ ହିଁ ପ୍ରମୁଖ ମାଧ୍ୟମ ରୂପେ ଗ୍ରହଣ କରିଥିଲା। ଆର୍‌ଏସ୍‌ପିକୁ ନେତୃତ୍ୱ ଦେଉଥିବା ବାଲେନ୍ ନିଜର ଆଇଟି କ୍ଷେତ୍ରରେ ଥିବା ଦକ୍ଷତା ଏ କ୍ଷେତ୍ରରେ ପ୍ରୟୋଗ କରି ସଫଳତା ହାସଲ କରିଥିଲା। ନିର୍ବାଚନ ରାଜନୀତି ସହ ସଂପର୍କ ନଥିବା ବହୁ ଯୁବନେତୃତ୍ୱ ଶେଷ ମୂହୂର୍ତ୍ତରେ ଦଳ ସହ ଯୋଡି ହୋଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନେ ହିଁ ଚଳିତ ନିର୍ବାଚନରେ ବିଜୟପ୍ରାପ୍ତ କରିଛନ୍ତି। ନେପାଳ କ୍ଷମତା ରାଜନୀତିକୁ ବିଭିନ୍ନ ଉପାୟରେ ନିୟନ୍ତ୍ରଣ କରିଆସିଥିବା ପୁରୁଖା ନେତା ଓ ସେମାନଙ୍କ ଦଳ ବିପୁଳ ଅର୍ଥ ବ୍ୟୟ କରିଥିଲେ ମଧ୍ୟ ସେଥିରୁ କୌଣସି ସଫଳତା ମିଳିନଥିଲା। ସେମାନଙ୍କ ମଧ୍ୟରେ ନେପାଳ କଂଗ୍ରେସ ପାର୍ଟି ସର୍ବାଧିକ ୧୮ ଆସନରୁ ବିଜୟୀ ହୋଇଛି। ଏହି ନେପାଳ ନିର୍ବାଚନ ରାଜନୀତି ଆମକୁ ମନେ ପକାଇ ଦେଇଛି ୧୯୭୭ରେ ହୋଇଥିବା ସାଧାରଣ ନିର୍ବାଚନ ସଂପର୍କରେ। ଇନ୍ଦିରା ଗାନ୍ଧୀଙ୍କ ୧୯୭୫ ଜରୁରୀ ପରିସ୍ଥିତି ପରେ ପରେ ହିଁ ହୋଇଥିଲା। ସମଗ୍ର ବିରୋଧୀ ଦଳ ନେତା ସେତେବେଳେ ସଦ୍ୟ ଜେଲରୁ ଫେରିଥାନ୍ତି। ସେମାନଙ୍କ ପକ୍ଷରେ ନିର୍ବାଚନ ପ୍ରସ୍ତୁତି ଏକ ପ୍ରକାର ଅସମ୍ଭବ ହୋଇପଡିଥିଲା। ଏପରି କି ନିର୍ବାଚନ ରାଜନୀତି ସହ ସଂପର୍କ ନଥିବା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଜନତାପାର୍ଟି ପ୍ରାର୍ଥୀ କରିଥିଲା। ଜରୁରୀ ପରିସ୍ଥିତି ବିରୋଧରେ ସମଗ୍ର ଦେଶରେ ଏଭଳି ହାୱା ବୋହୁଥିଲା ଯେ ଜନସାଧାରଣଙ୍କ ଚାନ୍ଦାରେ ନିର୍ବାଚନ ଲଢୁଥିବା ଜନତାପାର୍ଟିର ପ୍ରାର୍ଥୀ ବିପୁଳ ବିଜୟ ଲାଭ କଲେ। ସ୍ୱାଧୀନ ଭାରତ ନିର୍ବାଚନ ରାଜନୀତିରେ ଏହା ଥିଲା କଂଗ୍ରେସର ସବୁଠାରୁ ବଡ ବିପର୍ଯ୍ୟୟ। 'ଜେନ-ଜି' ଆନ୍ଦୋଳନ ପରେ ବ୍ୟବସ୍ଥା ପରିବର୍ତ୍ତନର ହାୱାରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ଦଳ ଅନୁରୂପ ବିଜୟ ହାସଲ କରିଛି ନେପାଳରେ।

ଗତ ଦଶନ୍ଧିରେ ନେପାଳ ରାଜନୀତି ଓ କ୍ଷମତା ପରିବର୍ତ୍ତନ ବାରମ୍ବାର ହେଉଥିବାରୁ ଅସ୍ଥିରତା ଲାଗିରହିଥିଲା। ଏହାର ପୃଷ୍ଠଭାଗରେ ଥିଲା ନେତୃତ୍ୱ କନ୍ଦଳ ଓ ଅସ୍ପଷ୍ଟ ବହୁମତ। ଏହାକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ନିର୍ବାଚନ ରାଜନୀତିରେ ଶେଷକଥା ରୂପେ ଗ୍ରହଣ କରାଯାଇନପାରେ। ଏପରିକି ସ୍ଥିର ସରକାର ମାଧ୍ୟମରେ କ୍ରମାଗତ କ୍ଷମତାରେ ରହିଆସିଥିବା ଦଳ ମଧ୍ୟ ନେତୃତ୍ୱର ତାନାସାହି ଆଚରଣ ଏବଂ ସାମ୍ବିଧାନିକ ସ୍ତମ୍ଭଗୁଡ଼ିକୁ ଦୁର୍ବଳ କରି କଠୋର ଶୃଙ୍ଖଳା ପ୍ରୟୋଗ ଲୋକପ୍ରିୟତା ହରାଇଥାନ୍ତି। ନେପାଳର 'ଜେନ-ଜି' ଆନ୍ଦୋଳନ ଯେଉଁ ପରିବର୍ତ୍ତନର ବାର୍ତ୍ତାବହ ପାଲଟିଛି ତାହାକୁ ଗୌଣ ଦୃଷ୍ଟିରେ ବିଚାର କରିବା ଆଦୌ ଉଚିତ ହେବନି। ବାଲେନ୍‌ଙ୍କ ନୂଆ ନେତୃତ୍ୱ ନେପାଳବାସୀଙ୍କ ମନରେ ଯେଉଁ ଆଶା ଓ ଭରସା ସୃଷ୍ଟି କରିଛି ତାହା କେତେଦୂର ସାକାର ହେଉଛି ପରିବର୍ତ୍ତନ ପ୍ରୟାସୀଙ୍କ ଦୃଷ୍ଟି ନିଶ୍ଚୟ ତାହା ଉପରେ ରହିବ। ●

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଦ୍ୱିତୀୟ ସବୁଜ ବିପ୍ଳବର ଆବଶ୍ୟକତା

ଡକ୍ଟର ମାନସ ରଞ୍ଜନ ଶତପଥୀ



ଭାରତୀୟ କୃଷି କ୍ଷେତ୍ର ଆଜି ଏକ ଐତିହାସିକ ସନ୍ଧିକ୍ଷଣରେ ଦଣ୍ଡାୟମାନ। ୧୯୦୦ ଦଶକର ପାରମ୍ପରିକ କୃଷି ପଦ୍ଧତିରୁ ଆରମ୍ଭ କରି ୧୯୬୦ ଦଶକର ଯାନ୍ତ୍ରିକିକରଣ ଏବଂ ପରବର୍ତ୍ତୀ ସମୟରେ ବିଜ୍ଞାନ-ଭିତ୍ତିକ ବିପ୍ଳବ ପର୍ଯ୍ୟନ୍ତ ଭାରତର ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟୀ। ବିଂଶ ଶତାବ୍ଦୀର ମଧ୍ୟଭାଗରେ 'ଭିକ୍ଷା ପାତ୍ର' ଭାବେ ପରିଚିତ ଭାରତ ଆଜି ବିଶ୍ୱର 'ଅନ୍ନ ପାତ୍ର'ରେ ପରିଣତ ହୋଇଛି। ତଥାପି, ଆମେ ଆମର ଏହି ସଫଳତାକୁ ନେଇ ଆତ୍ମସନ୍ତୋଷ ପ୍ରକାଶ କରାଯାଇପାରିବ ନାହିଁ। ୨୦୫୦ ମସିହା ସୁଦ୍ଧା ଭାରତର ଜନସଂଖ୍ୟା ୧.୭ ବିଲିୟନ୍‌ରେ ପହଞ୍ଚିବାକୁ ଥିବାବେଳେ, ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆମକୁ ବର୍ତ୍ତମାନର 'ଗଣ-ଉତ୍ପାଦନ' ମଡେଲରୁ ବାହାରି 'ଜନସାଧାରଣଙ୍କ ଦ୍ୱାରା ଉତ୍ପାଦନ' ରଣନୀତି ଆପଣାଇବାକୁ ହେବ। ଏହି ନୂତନ ଦିଗନ୍ତ ହିଁ ହେଉଛି ଭାରତର 'ଦ୍ୱିତୀୟ ସବୁଜ ବିପ୍ଳବ', ଯାହା କେବଳ ପରିମାଣାତ୍ମକ ନୁହେଁ, ବରଂ ଏକ ଗୁଣାତ୍ମକ ଏବଂ ପରିବେଶ ଅନୁକୂଳ ପରିବର୍ତ୍ତନର ଆହ୍ୱାନ ଦିଏ।

୧୯୬୭ ରୁ ୧୯୭୮ ମଧ୍ୟରେ ଡକ୍ଟର ଏମ୍. ଏସ୍. ସ୍ୱାମୀନାଥନଙ୍କ ନେତୃତ୍ୱରେ ପରିଚାଳିତ ପ୍ରଥମ ସବୁଜ ବିପ୍ଳବ ଭାରତକୁ କ୍ଷୁଧାରୁ ମୁକ୍ତି ଦେଇଥିଲା। ଏହି ବିପ୍ଳବ ମୁଖ୍ୟତଃ ତିନୋଟି ସ୍ତମ୍ଭ ଉପରେ ଆଧାରିତ ଥିଲା: ଚାଷ ଜମିର ସମ୍ପ୍ରସାରଣ, ଦ୍ୱି-ଫସଲୀ ପଦ୍ଧତି ଏବଂ ଜେନେଟିକ୍ସ ବା ଆନୁବଂଶିକ ପରିବର୍ତ୍ତନ ମାଧ୍ୟମରେ ଉନ୍ନତ ବିହନର ବ୍ୟବହାର। ଯଦିଓ ଏହା ଦେଶକୁ ଆତ୍ମନିର୍ଭରଶୀଳ କରିଥିଲା, ଏହାର ଏକ ଗାଢ଼ କଳା ପାର୍ଶ୍ୱ ମଧ୍ୟ ରହିଛି ଯାହାକୁ ଆମେ 'ଦ୍ୱିତୀୟ ପିଢ଼ିର ସମସ୍ୟା' ଭାବେ ଆଖ୍ୟା ଦେଇଥାଏ। ପ୍ରଥମ ସବୁଜ ବିପ୍ଳବ ମୁଖ୍ୟତଃ ପଞ୍ଜାବ, ହରିୟାଣା ଏବଂ ପଶ୍ଚିମ ଉତ୍ତର ପ୍ରଦେଶର ଜଳସେଚିତ ଅଞ୍ଚଳରେ ଧାନ ଏବଂ ଗହମ ମଧ୍ୟରେ ସୀମିତ ଥିଲା। ଏହି ଏକକ ଫସଲ ଚକ୍ର (ମନୋକଲଚର) ମୃତ୍ତିକାର ପ୍ରାକୃତିକ ସନ୍ତୁଳନକୁ ବିଗାଡ଼ି ଦେଇଛି। ଜାତୀୟ ମୃତ୍ତିକା ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ, ଦେଶର ପ୍ରାୟ ୩.୭ ମିଲିୟନ ହେକ୍ଟର ଜମି ଆଜି ପୋଷକ ତତ୍ତ୍ୱର ଅଭାବ ଏବଂ ମୃତ୍ତିକା ଜୈବିକ ପଦାର୍ଥ ହ୍ରାସ ଜନିତ ସମସ୍ୟା ଦେଇ ଗତି କରୁଛି। ସେହିପରି ଅତ୍ୟଧିକ ରାସାୟନିକ ପ୍ରୟୋଗ ଯୋଗୁଁ ପଞ୍ଜାବର ମାଲୱା ଅଞ୍ଚଳରେ ପ୍ରାୟ ୭୦ ପ୍ରତିଶତ ଜଳ ସମ୍ପଦ ପ୍ରଦୂଷିତ ହୋଇସାରିଛି। ଭୂତଳ ଜଳର ଅହେତୁକ ଶୋଷଣ ଯୋଗୁଁ ଜଳସ୍ତର ହ୍ରାସ ପାଇବା ଆମର ଖାଦ୍ୟ ନିରାପତ୍ତା ପାଇଁ ଏକ ଜାତୀୟ ସୁରକ୍ଷା ସଙ୍କଟ ଭାବେ ଉଭା ହୋଇଛି। ଏହି 'ସ୍ଥାୟୀତ୍ୱ ବ୍ୟବଧାନ'କୁ ଦୂର କରିବା ପାଇଁ ଦ୍ୱିତୀୟ ସବୁଜ ବିପ୍ଳବ କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

ଦ୍ୱିତୀୟ ସବୁଜ ବିପ୍ଳବ ଏକ ସାମଗ୍ରିକ ଏବଂ ଜ୍ଞାନ-କୈନ୍ଦ୍ରିକ ପରିକଳ୍ପନା। ଏହାର ଲକ୍ଷ୍ୟ ହେଉଛି ପରିବେଶକୁ କ୍ଷତି ନପହଞ୍ଚାଇ ଉତ୍ପାଦନ ବୃଦ୍ଧି କରିବା, ଯାହାକୁ ଆମେ 'ସବୁଦିନିଆ ସବୁଜ ବିପ୍ଳବ' ବୋଲି କହିପାରିବା। ପ୍ରଥମ ଓ ଦ୍ୱିତୀୟ ମଧ୍ୟରେ ତୁଳନାତ୍ମକ ଆଲୋଚନା କଲେ ଦେଖାଯାଏ, ପ୍ରଥମ ବିପ୍ଳବ କେବଳ ଜଳସେଚିତ ଅଞ୍ଚଳରେ ସୀମିତ ଥିବାବେଳେ, ଦ୍ୱିତୀୟ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ବୃଷ୍ଟିପୁଷ୍ଟ ଅଞ୍ଚଳ ଉପରେ କେନ୍ଦ୍ରିତ ହେବ। ଏହା ସେହି କ୍ଷୁଦ୍ର ଚାଷୀମାନଙ୍କୁ ସଶକ୍ତ କରିବ ଯେଉଁମାନେ ଦୀର୍ଘ ଦଶନ୍ଧି ଧରି ଅବହେଳିତ ଥିଲେ। କେବଳ ଅଧିକ ଉତ୍ପାଦନ କରିବା ଦ୍ୱିତୀୟର ଲକ୍ଷ୍ୟ ନୁହେଁ। ଏହା ଚାଷୀଙ୍କ ନିଟ୍ ଲାଭ ବୃଦ୍ଧି ଏବଂ ଜଳବାୟୁ ସହନଶୀଳତା ଉପରେ ଗୁରୁତ୍ୱ ଦିଏ। କେବଳ ଧାନ-ଗହମରେ ସୀମିତ ନରହି ଦ୍ୱିତୀୟ ବିପ୍ଳବ ଡାଲି, ତୈଳବୀଜ, ଫଳ ଏବଂ ପନିପରିବା ସମେତ ଏକ ସମ୍ପୂର୍ଣ୍ଣ 'ଖାଦ୍ୟ ଟୋକେଇ' ମଡେଲ ଅନୁସରଣ କରିବ। ଏହା ଇନ୍‌ପୁଟ୍-ସଘନ ବା ଇନ୍‌ପୁଟ୍ ଇଣ୍ଟେନ୍‌ସିଭ୍ ବଦଳରେ ସମ୍ପଦ-ସଂରକ୍ଷଣକାରୀ ପଦ୍ଧତି ଆପଣାଇବ। ଏହି ସାମୂହିକ ଅଭିବୃଦ୍ଧି ହାସଲ କରିବା ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଏକ ବୈପ୍ଳବିକ ସମନ୍ୱୟ ବର୍ତ୍ତମାନର ମୁଖ୍ୟ ଦାବି।

ଦ୍ୱିତୀୟ ବିପ୍ଳବର ମୂଳଦୁଆ ହେଉଛି 'ବିଜ୍ଞାନ-ଚାଳିତ କୃଷି'। ପ୍ରଯୁକ୍ତିବିଦ୍ୟା ପ୍ରାକୃତିକ ସମ୍ପଦକୁ କେବଳ ଉପଭୋଗ କରିବା ପାଇଁ ନୁହେଁ, ବରଂ ବୁଦ୍ଧିମତାପୂର୍ଣ୍ଣ ଭାବେ ପରିଚାଳନା କରିବାର କ୍ଷମତା ଦିଏ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ଆଇ.ସି.ଏ.ଆର୍. ର ଜି.ଆଇ.ଏସ୍. ସଏଲ ଫର୍ଟିଲିଟି ମ୍ୟାପିଙ୍ଗ୍ ବ୍ୟବହାର କରି ଚାଷୀମାନେ ବର୍ତ୍ତମାନ ମାଟିର ଆବଶ୍ୟକତା ଅନୁଯାୟୀ 'ସନ୍ତୁଳିତ ସାର' ପ୍ରୟୋଗ କରୁଛନ୍ତି। ଏହା ସହିତ ନିମ୍-କୋଟେଡ୍ ୟୁରିଆ ଏବଂ ଜୈବ ସାରର ପ୍ରୟୋଗ ମାଟିର ପ୍ରାକୃତିକ ଉର୍ବରତା ଫେରାଇ ଆଣିବାରେ ସାହାଯ୍ୟ କରୁଛି। 'ଲେଜର ଲ୍ୟାଣ୍ଡ ଲେଭେଲିଂ' ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଜମିକୁ ସମତୁଳ କରି ବାର୍ଷିକ ପ୍ରାୟ ୩୦-୪୦ ପ୍ରତିଶତ ଜଳ ସଞ୍ଚୟ କରାଯାଇପାରୁଛି। ଏହା ବ୍ୟତୀତ ସ୍ମାର୍ଟ ଆଇ.ସି.ଟି. ପ୍ରକଳ୍ପ ମାଧ୍ୟମରେ ଉପଗ୍ରହ ଚିତ୍ର ଏବଂ ଜଳବାୟୁ ମଡେଲକୁ ବ୍ୟବହାର କରି ଚାଷୀଙ୍କୁ ପ୍ରତି ସପ୍ତାହରେ କ୍ଷେତ-ଭିତ୍ତିକ ସୂଚନା ଏବଂ ପରାମର୍ଶ ଦିଆଯାଉଛି। ଶୁଷ୍କ ଅଞ୍ଚଳ ପାଇଁ ହାଇଡ୍ରୋଜେଲ ଏକ ବୈଜ୍ଞାନିକ ଚମତ୍କାର। ଏହା ନିଜ ଓଜନର ୩୦୦ ରୁ ୪୦୦ ଗୁଣ ଜଳ ଶୋଷି ରଖିପାରେ, ଯାହା ମରୁଡ଼ି ସମୟରେ ଫସଲକୁ ବଞ୍ଚାଇବା ସହ ଅମଳରେ ୧୦ ରୁ ୨୫ ପ୍ରତିଶତ ବୃଦ୍ଧି କରିଥାଏ। ଏହି ସମ୍ପଦ ପରିଚାଳନାର ପରିଧି କେବଳ ଶସ୍ୟ କ୍ଷେତ୍ରରେ ସୀମିତ ନରହି ଆମର ଗ୍ରାମୀଣ ଅର୍ଥନୀତିର ଅନ୍ୟତମ ପ୍ରମୁଖ ସ୍ତମ୍ଭ ଦୁଗ୍ଧ ଶିଳ୍ପ ପର୍ଯ୍ୟନ୍ତ ସମ୍ପ୍ରସାରିତ।

ଦୁଗ୍ଧ ଚାଷ ଏବଂ କୃଷି ମଧ୍ୟରେ ଥିବା ସହଜୀବୀ ସମ୍ପର୍କ ଭାରତର ଗ୍ରାମୀଣ ସ୍ଥିରତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। 'ଶ୍ୱେତ ବିପ୍ଳବ ୨.୦' କେବଳ ମହିଳା ସଶକ୍ତିକରଣ ନୁହେଁ, ବରଂ ଗ୍ରାମୀଣ ନିଯୁକ୍ତିର ଏକ ବିରାଟ ଉତ୍ସ। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଦେଶ ହୋଇଥିଲେ ସୁଦ୍ଧା, ଏବେ ମଧ୍ୟ ଆଞ୍ଚଳିକ ସ୍ତରରେ ବୃହତ୍ ବ୍ୟବଧାନ ରହିଛି। ଉଦାହରଣ ସ୍ୱରୂପ, ପଞ୍ଜାବରେ ଗୋଟିଏ ଗାଈର ଦୈନିକ ହାରାହାରି ଦୁଗ୍ଧ ଉତ୍ପାଦନ ୧୩.୪୯ କିଗ୍ରା ଥିବାବେଳେ ପଶ୍ଚିମବଙ୍ଗରେ ଏହା ମାତ୍ର ୬.୩୦ କିଗ୍ରା। ଏହି ବ୍ୟବଧାନକୁ ଦୂର କରିବା ପାଇଁ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ୨୦୨୮-୨୯ ସୁଦ୍ଧା ୫୬,୦୦୦ ନୂତନ ସମବାୟ ସମିତି ଗଠନ କରିବାକୁ ଲକ୍ଷ୍ୟ ରଖିଛି। ଦ୍ୱିତୀୟ ସବୁଜ ବିପ୍ଳବର ସଫଳତା ପାଇଁ ଆମକୁ ପାରମ୍ପରିକ ପଦ୍ଧତିରୁ ବାହାରି ଏକ 'ସୁଗଠିତ ନୀତିଗତ ଢାଞ୍ଚା' ପ୍ରସ୍ତୁତ କରିବାକୁ ହେବ।

ଭାରତର ଦ୍ୱିତୀୟ ସବୁଜ ବିପ୍ଳବ କେବଳ ଏକ କୃଷି ଭିତ୍ତିକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ପରିବେଶଗତ ପୁନରୁଦ୍ଧାରର ଯଜ୍ଞ। ଯଦି ଆମେ ସଠିକ୍ ରଣନୀତି ଏବଂ ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜି ନିବେଶ କରିବା, ତେବେ ଭାରତ କେବଳ ଖାଦ୍ୟ ସୁରକ୍ଷା ହାସଲ କରିବ ନାହିଁ, ବରଂ ନିଜର ପ୍ରାକୃତିକ ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିପାରିବ। ବିଲ୍ ଗେଟ୍ସଙ୍କ ଭାଷାରେ, 'ଯଦି ଆମେ କ୍ଷୁଦ୍ର ଚାଷୀଙ୍କୁ ଅଧିକ ଉତ୍ପାଦନକ୍ଷମ ଏବଂ ଲାଭବାନ କରିପାରିବା, ତେବେ କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଆମେ ଏକ ବିରାଟ ପରିବର୍ତ୍ତନ ଆଣିପାରିବା ଭାରତ ପାଇଁ ଏହା ହିଁ ଉପଯୋଗୀ ବିକଳ୍ପ। ଆମକୁ ଏକ ସ୍ଥାୟୀ, ଅନ୍ତର୍ଭୁକ୍ତିକାରୀ ଏବଂ ଜ୍ଞାନ-ଭିତ୍ତିକ କୃଷି ବ୍ୟବସ୍ଥା ଆଡ଼କୁ ଗତି କରିବାକୁ ହେବ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ କ୍ଷୁଧାର୍ତ୍ତ ଜନତାଙ୍କୁ ଦୃଷ୍ଟିରେ ରଖି ପ୍ରଯୁକ୍ତିବିଦ୍ୟାକୁ ସାରଥୀ କରି ଏକ ସମୃଦ୍ଧ ଓ 'ସବୁଦିନିଆ ସବୁଜ' ଭବିଷ୍ୟତ ଗଠନ ପାଇଁ ସଙ୍କଳ୍ପବଦ୍ଧ ହେବା ସମୟପୋଯୋଗୀ। ●

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ,
ନୟାଗଡ଼-୭୫୨୦୭୯.
୯୪୩୭୪୭୯୦୪୫

# ବିଜ୍ଞାନ : କେବଳ ପାଠ୍ୟପୁସ୍ତକ ନୁହେଁ, ଏକ ଅନୁଭୂତି

ବିଶ୍ୱନାଥ ପାଢୀ

'ବିଜ୍ଞାନକୁ ପଢ଼ିବା' ଏବଂ "ବିଜ୍ଞାନକୁ ଅନୁଭବ କରିବା" ମଧ୍ୟରେ ଥିବା ପାର୍ଥକ୍ୟ ହିଁ ଜଣେ ଶିକ୍ଷାର୍ଥୀର ବୌଦ୍ଧିକ ବିକାଶ ନିର୍ଦ୍ଧାରଣ କରେ। ଆଜିର ସମୟରେ ତଥ୍ୟ ଅପେକ୍ଷା ତତ୍ତ୍ୱକୁ ବୁଝିବା ଅଧିକ ଜରୁରୀ।



ବର୍ତ୍ତମାନ ଦଶମ ଶ୍ରେଣୀ ପରୀକ୍ଷା ନିକଟରେ ଶେଷ ହେଇଛି। ଦଶମ ଶ୍ରେଣୀ ପରୀକ୍ଷା ଶେଷ ହେବା ପରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମନରେ ଏକ ବଡ଼ ପ୍ରଶ୍ନବାଚୀ ଥାଏ - "ଏବେ କଣ ?" ଅନେକ ସମୟରେ ପରିବାରର ଚାପ ବା ସାଙ୍ଗସାଥୀଙ୍କୁ ଦେଖି ପିଲାମାନେ 'ବିଜ୍ଞାନ'କୁ ନିଜର ବିଷୟ ଭାବେ ବାଛି ନିଅନ୍ତି। କିନ୍ତୁ ବିଜ୍ଞାନ କେବଳ ଡାକ୍ତର ବା ଇଞ୍ଜିନିୟର ହେବାର ଏକ ମାଧ୍ୟମ ନୁହେଁ, ବରଂ ଏହା ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣାବଳୀକୁ ଏକ ନୂତନ ଦୃଷ୍ଟିକୋଣରେ ଦେଖିବାର କଳା। ଯଦି ଆପଣଙ୍କ ଭିତରେ ଜିଜ୍ଞାସା ଅଛି, ତେବେ ବିଜ୍ଞାନ ଆପଣଙ୍କ ପାଇଁ ଶ୍ରେଷ୍ଠ ବିକଳ୍ପ।

ଆଜିର ବାସ୍ତବତା ହେଉଛି, ପିଲାମାନେ ପରୀକ୍ଷାରେ ନମ୍ବର ରଖିବା ପାଇଁ ବିଜ୍ଞାନ ପଢୁଛନ୍ତି, କିନ୍ତୁ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ବିଷୟରେ ଅଜ୍ଞ। ଏଥିପାଇଁ କେବଳ ଶିକ୍ଷକ ବା ଛାତ୍ରଛାତ୍ରୀ ଦାୟୀ ନୁହନ୍ତି। ପାଠ୍ୟକ୍ରମର ବୋଝ ଏବଂ ସ୍ମୃତି ଶକ୍ତି ଉପରେ ଆଧାରିତ ପରୀକ୍ଷା ପ୍ରଣାଳୀ ଆମକୁ ବାସ୍ତବତାଠାରୁ ଦୂରେଇ ନେଉଛି। ଜଣେ ଶିକ୍ଷକ ଯେତେବେଳେ ବହି ବାହାରକୁ ଯାଇ ପ୍ରୟୋଗଶାଳା ବା ପ୍ରକୃତି ସହ ପିଲାକୁ ଯୋଡ଼ନ୍ତି, ସେତେବେଳେ ଯାଇ ବିଜ୍ଞାନ ଜୀବନ୍ତ ହୋଇଉଠେ।

ଆମେ ଗୋଟିଏ ଦୁଇଟି ଉଦାହରଣରୁ ଏ ବିଷୟରେ ବୁଝି ପାରିବା। ସାଧାରଣତଃ ଅତି କ୍ଷୁଦ୍ର ଓ ଅତି ବିଶାଳର ଅନୁଭବ ଜଣେ ଛାତ୍ର ପକ୍ଷେ ସମ୍ଭବ ନୁହେଁ। ବିଜ୍ଞାନରେ ଏମିତି କିଛି ସଂଖ୍ୟା ଅଛି ଯାହାକୁ କଳ୍ପନା କରିବା ସାଧାରଣ ପିଲା ପାଇଁ କଷ୍ଟକର ବା ସ୍ଥଳ ବିଶେଷରେ ଅସମ୍ଭବ ଲାଗୁଥିଲେ ହେଁ ଜଣେ ଦକ୍ଷ ଶିକ୍ଷକ ଏହାକୁ ସରଳ ଉଦାହରଣ ମାଧ୍ୟମରେ ବୁଝାଇ ପାରିବେ:

(୧) ଆଲୋକର ବେଗ (୩୦୦୦୦୦୦୦୦ ମିଟର/ସେକେଣ୍ଡ): ଏହାକୁ ବୁଝାଇବା ପାଇଁ ଆମେ କହିପାରିବା, ଯଦି ଆମେ ଆଲୋକର ବେଗରେ ଗତି କରିବା, ତେବେ ମାତ୍ର ଏକ ସେକେଣ୍ଡ ମଧ୍ୟରେ ପୃଥିବୀକୁ ପ୍ରାୟ ସାଢେ ସାତ ଥର ବୁଲି ଆସିପାରିବା। ଆମେ ଆଖି ପିଛୁଳାକେ ଚନ୍ଦ୍ରରେ ପହଞ୍ଚି ଯାଇପାରିବା। ଏମିତିବି ହୋଇପାରେ, ପିଲାଟି ପୃଥିବୀର ଆକାରକୁ ମଧ୍ୟ କଳ୍ପନା କରିବାରେ ଅସମର୍ଥ, ତେବେ ସେ କ୍ଷେତ୍ରରେ କଣ କରିବା?

ମନେକର ପିଲାଟିର ମାମୁଁ ଘର ତାଙ୍କ ଘରଠାରୁ ଷାଠିଏ କିଲୋମିଟର, ଯେହେତୁ ସେ ମାମୁଁ ଘରକୁ ଯାଏ, ସେ ଦୂରତାର ଅନୁଭବ ପିଲାଟିର ଅଛି। ଆମେ କହିପାରିବା ତମେ ମାମୁଁଘରକୁ ଆଖି ପିଛୁଳାକେ ୫୦୦୦ ଥର ଯିବା ଆସିବା କରିବା ପାଇଁ ଯେଉଁ ବେଗରେ ଯିବାକୁ ପଡ଼ିବ, ସେଇଟା ଆଲୋକର ବେଗ।

(୨) ପରମାଣୁର ଆକାର ( ୦.୧ ନାନୋମିଟର): ଏହାକୁ ବୁଝିବା ପାଇଁ ଭାବନ୍ତୁ, ଗୋଟିଏ ସାଧାରଣ ପେନ୍‌ସିଲ୍‌ରେ ଅଙ୍କାଯାଇଥିବା ଏକ କ୍ଷୁଦ୍ର ବିନ୍ଦୁରେ କୋଟି କୋଟି ପରମାଣୁ ଥାଆନ୍ତି। ପିଲାଙ୍କୁ ବୁଝେଇବା ପାଇଁ ଆମେ କହି ପାରିବା, ଯଦି ଏକ ସେଓକୁ ପୃଥିବୀ ଆକାରର ଧରାଯାଏ, ତେବେ ସେଥିରେ ଥିବା ଏକ ପରମାଣୁର ଆକାର ଗୋଟିଏ ସେଓ ସହ ସମାନ ହେବ।

ଏହି ପରିପ୍ରେକ୍ଷୀରେ ମୁଁ ଦଶମ ଶ୍ରେଣୀରେ ପଢ଼ିବା ସମୟର ଏକ ଘଟଣା ଉପସ୍ଥାପନ କରୁଛି। ଜାତୀୟ କୃମି ନାଶକ ଦିବସ ଦିନ ଆମମାନଙ୍କୁ ଆଲବେଣ୍ଡାଜୋଲ୍ ଖାଇବାକୁ ଦିଆଗଲା, ସେଇ ସମୟରେ ଆମ ବିଜ୍ଞାନ ସାର୍ କ୍ଲାସରେ ଥିଲେ। ସାର୍ ପଚାରିଲେ ଏ ବଟିକାରେ ଏମିତି କଣ ଅଛି ଯେ ସବୁ କୃମି ମରିଯାଉଛନ୍ତି। ଆମେ କେହି କହିପାରିଲୁ ନାହିଁ। ତା'ପରେ ସାର୍ ତାଙ୍କ ଉତ୍ତରରେ ଯାହା କହିଲେ ତାହା ଏହିପରି : ଆଲବେଣ୍ଡାଜୋଲ୍ ଏକ ଚୟନକର୍ତ୍ତା ବା 'ଷ୍ଟାରଭେସନ୍' ଏଜେଣ୍ଟ ଭାବରେ କାମ କରେ, ଯାହା କୃମିମାନଙ୍କର ପୋଷକ ତତ୍ତ୍ୱ ଗ୍ରହଣ କରିବାର କ୍ଷମତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଏ।

କଳ୍ପନା କର ଯେ ଆମ ଶରୀର ଭିତରେ ଥିବା କୃମିମାନେ ଏକ ଘରେ ରହୁଛନ୍ତି ଏବଂ ଆମ ଅନ୍ତନଳୀ ହେଉଛି ଏକ 'ପାୱାର ଗ୍ରିଡ୍'। ସାଧାରଣତଃ, କୃମିମାନେ ବଞ୍ଚିବା ଏବଂ ବଂଶ ବୃଦ୍ଧି କରିବା ପାଇଁ ଆମ ଖାଦ୍ୟରୁ ଚିନି (ଗ୍ଲୁକୋଜ୍) ଏବଂ ପୋଷକ ତତ୍ତ୍ୱ ଗ୍ରହଣ କରିବାକୁ ସେମାନଙ୍କର ଉପକରଣ(କୋଷ)ଗୁଡ଼ିକୁ ସେହି ଗ୍ରିଡ୍‌ରେ ପ୍ଲଗ୍ କରନ୍ତି।

ଆଲବେଣ୍ଡାଜୋଲ୍ କୃମିର ବିଦ୍ୟୁତ୍ ସଂଯୋଗ ସ୍ଥାନଗୁଡ଼ିକରେ ଏକ ସ୍ଥାୟୀ ତାଲା ଭଳି କାମ କରେ। ଏହା କୃମି ଶରୀରରେ ଥିବା ଏକ ନିର୍ଦ୍ଦିଷ୍ଟ ପ୍ରୋଟିନ୍ (ଟ୍ୟୁବୁଲିନ୍) ସହିତ ଯୋଡ଼ି ହୋଇଯାଏ, ଯାହା ଫଳରେ କୃମିଟି ଖାଦ୍ୟ ଗ୍ରହଣ କରିବା ପାଇଁ ଆବଶ୍ୟକ କରୁଥିବା ଶାରୀରିକ ସଂରଚନା ଗଠନ କରିପାରେ ନାହିଁ। ଫଳରେ କୃମିଟି ଆଉ ଖାଦ୍ୟ ଖାଇପାରେ ନାହିଁ। ସେ ଶକ୍ତି (ATP) ତିଆରି କରିପାରେ ନାହିଁ ଏବଂ ତା'ର ସଞ୍ଚିତ ଶକ୍ତି (Glycogen) ମଧ୍ୟ ଶେଷ ହୋଇଯାଏ। ଫଳରେ କୃମିଟି ଭୋକରେ ମରିଯାଏ, ଗତିହୀନ ହୋଇପଡ଼େ ଏବଂ ଶରୀରରୁ ମଳ ମାଧ୍ୟମରେ ବାହାରିଯାଏ।

ଶେଷରେ ଏତିକି କୁହାଯାଇପାରେ, ଭୟ ନକରି ଉପଭୋଗ କରିବା ବିଜ୍ଞାନ ଆମକୁ ଶିଖାଏ। ଯେତେବେଳେ ଆମେ ପଢୁଥିବା ସୂତ୍ରକୁ ରୋଷେଇ ଘରେ, ବଗିଚାରେ କିମ୍ବା ଆକାଶର ତାରାମାନଙ୍କ ମଧ୍ୟରେ ଖୋଜିବାକୁ ଚେଷ୍ଟା କରିବା, ସେତେବେଳେ ପାଠପଢ଼ା ଆମକୁ ଆଉ ବୋଝ ଲାଗିବ ନାହିଁ।

ବିଜ୍ଞାନ କେବଳ ଏକ ବିଷୟ ନୁହେଁ, ଏହା ଏକ ସଂସ୍କାର। ଏହା ଆମକୁ ପ୍ରଶ୍ନ ପଚାରିବାକୁ ଶିଖାଏ ଏବଂ ଅନ୍ଧବିଶ୍ୱାସରୁ ଦୂରେଇ ରଖେ। ଯଦି ଆପଣ ପୃଥିବୀର ରହସ୍ୟ ଖୋଲିବାକୁ ଚାହାଁନ୍ତି ଏବଂ ନିଜର ଚିନ୍ତାଧାରାକୁ ଯୁକ୍ତିଯୁକ୍ତ କରିବାକୁ ଚାହାଁନ୍ତି, ତେବେ ନିଶ୍ଚିତ ଭାବେ ବିଜ୍ଞାନକୁ ଆପଣାନ୍ତୁ। ପରୀକ୍ଷା ଖାତାରେ ଲେଖାଯାଇଥିବା ବିଜ୍ଞାନ ଆପଣଙ୍କୁ ଚାକିରି ଦେଇପାରେ, କିନ୍ତୁ ହୃଦୟରେ ଅନୁଭବ କରାଯାଇଥିବା ବିଜ୍ଞାନ ଆପଣଙ୍କୁ ଏକ ସୃଜନଶୀଳ ମଣିଷ ଭାବେ ଗଢ଼ିତୋଳିବ। ●

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ
୯୨୩୮୮୩୧୬୫୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଖରିଫ୍ ସରିନାହିଁ; ରବି ପାଇଁ ତରତର





**ବାରିକପୁର, ୧୦।୩(ସମିସ)**

ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ଦେଖାଦେଇଥିବା ବ୍ୟାପକ ଅବ୍ୟବସ୍ଥାରେ ଏଯାଏଁ ସୁଧାର ଆସିନାହିଁ। ଏବେ ସୁଦ୍ଧା ଅବ୍ୟବସ୍ଥା ମଧ୍ୟରେ ଧାନ କିଣା ହେଉଛି। ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ଖରିଫ ଧାନ କିଣା ସମ୍ପୂର୍ଣ୍ଣ ହୋଇ ନ ଥିବା ସ୍ଥଳେ ରବି ଧାନ କିଣିବା ପାଇଁ ସରକାର ତରତର ହେଉଛନ୍ତି। ଏପରିକି ପଞ୍ଜୀକରଣ ଆରମ୍ଭ କରିବାକୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଏପଟେ ଖରିଫ୍ ଧାନ କିଣା ପାଇଁ ହାତରେ ମାତ୍ର ୧୫ ଦିନ ରହିଥିବାବେଳେ ଏବେସୁଦ୍ଧା ଚାଷୀମାନଙ୍କ ନିକଟରେ ପାଖାପାଖି ୪୦ ପ୍ରତିଶତ ଧାନ ମହଜୁଦ ରହିଛି। ଅଢ଼େଇ ମାସ ଭିତରେ ୬୦ ଭଗ ଧାନ କ୍ରୟ ହୋଇଥିବାବେଳେ ୧୫ ଦିନ ମଧ୍ୟରେ କେଉଁଭଳି ବାକି ୪୦ ଭାଗ ଶସ୍ୟ କିଣା ହେବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳିଥିବାବେଳେ ଭଣ୍ଡାରିପୋଖରୀ ବ୍ଲକରେ ଏଯାଏଁ କ୍ରୟ ହୋଇଥିବା ଧାନ ସର୍ବନିମ୍ନ ଭାବେ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ଯେଉଁଥିପାଇଁ ଚାଷୀମାନେ ଏବେ ଧାନ ବିକ୍ରି କରିପାରିବେ କି ନାହିଁ ଆଶଙ୍କା ମଧ୍ୟରେ ରହିଛନ୍ତି।

ସୂଚନା ମୁତାବକ, ବ୍ଲକର ଆଦି ଶକ୍ତି ଏସ୍‌ଏଚ୍‌ଜିରେ ଧାନ ବିକ୍ରି ସକାଶେ ୭୧୯ ଜଣ ଚାଷୀ ଟୋକନ୍ ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୧୮ ଜଣ ଶସ୍ୟ ବିକ୍ରି କରିଛନ୍ତି।

▶▶ ହାତରେ ଅଛି ମାତ୍ର ୧୫ ଦିନ

▶▶ ଚାଷୀଙ୍କ ନିକଟରେ ଏବେ ବି ମହଜୁଦ ଅଛି ୪୦ ଭାଗ ଧାନ

ସେହିଭଳି ଆସ୍ଥା ମନ୍ତ୍ର ବାସିନୀ ଏସ୍‌ଏଚ୍‌ଜି ପାଖରେ ୬୫୭ରୁ ୩୮୧, ମା' ବଡ଼ମ୍ବାଠାରେ ୫୨୮ରୁ ୩୨୫, ମା' ଦୁର୍ଗାଠାରେ ୫୨୫ରୁ ୨୮୫, ଓମ୍ ବାବାମଣୀ ନିକଟରେ ୬୩୮ରୁ ୨୯୭, ଶକ୍ତି ସ୍ୱରୂପାଠାରେ ୪୧୮ରୁ ୨୭୬, ଶିରିଡ଼ି ସାଇଠାରେ ୮୯୩ରୁ ୪୯୩ ଓ ମା' ଦୁର୍ଗା (୨) ଏସ୍‌ଏଚ୍‌ଜିଠାରେ ୪୮୯ ଟୋକନପ୍ରାପ୍ତ ଚାଷୀଙ୍କ ମଧ୍ୟରୁ ୩୪୯ ଜଣ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଅନୁରୂପ ଭାବେ ବାଲିପୋଖରୀ ସମିତିଠାରେ ୭୫୮ରୁ ୩୭୧, ଜଳମଣ୍ଡୁଆଠାରେ ୧୩୮୨ରୁ ୬୫୧, ମାଳଦାଠାରେ ୮୯୨ରୁ ୪୮୩, ନାଆମୀଠାରେ ୧୧୨୭ରୁ ୬୨୨, ନାରାୟଣପୁରଠାରେ ୯୧୧ରୁ ୪୧୩, ନେରଡ଼ାଠାରେ ୬୨୫ରୁ ୩୦୬, ରହଣିଆଠାରେ ୧୨୨୯ରୁ ୫୫୦ ଓ ତେସିଙ୍ଗା ସମିତିଠାରେ ୯୮୯ ଟୋକନ୍ ପାଇଥିବା କୃଷକମାନଙ୍କ ମଧ୍ୟରୁ ୪୮୮ ଜଣ ଅଦ୍ୟାବଧି ଶସ୍ୟ ବିକିଛନ୍ତି। ଧାନ କିଣା ପାଇଁ ସରକାରୀ ଭାବେ ୩ ଲକ୍ଷ ୪୦ ହଜାର ୬୨୦ କ୍ୱିଣ୍ଟାଲ ଟାର୍ଗେଟ ଆସିଥିବାବେଳେ ୩ ଲକ୍ଷ ୪ ହଜାର ୫୦୮ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। ସେଥିମଧ୍ୟରୁ ୨ଲକ୍ଷ ୧୮ ହଜାର ୨୬୦ କ୍ୱିଣ୍ଟାଲ ଧାନ ମିଲର ନେଇଥିବା ସ୍ଥଳେ ବାକି ଧାନ ମଣ୍ଡିରେ ପଡ଼ି ରହିଛି। ଏହାଛଡ଼ା ଚାଷୀମାନଙ୍କ ନିକଟରେ ମଧ୍ୟ ବିକ୍ରି ଯୋଗ୍ୟ ଧାନ ରହିଛି। ଏହାରି ଭିତରେ ସରକାର ରବି ଧାନ କିଣିବା ଲାଗି ଚାଷୀ ପଞ୍ଜୀକରଣ ସକାଶେ ଚିଠି ନଂ ୩୧୪୩ ତା ୫.୩.୨୬ ତାରିଖ ଦିନ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ମଧ୍ୟ ସମିତି ଓ ଏସ୍‌ଏଚ୍‌ଜିମାନଙ୍କୁ ଆଜିଠାରୁ ୨୦ ତାରିଖ ସୁଦ୍ଧା ଚାଷୀ ପଞ୍ଜୀକରଣ ଫର୍ମ ବାଣ୍ଟିବାକୁ କହିଥିବା ସୂଚନା ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏବେବି ଅନେକ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇ ରହିଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ନ ଦେଇ ତରବରିଆ ଭାବେ ରବି ପଞ୍ଜୀକରଣ ପାଇଁ ସରକାରୀ ନିଷ୍ପତ୍ତି ହୋଇଥିବା ଯୋଗୁଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ଧାନକିଣାରେ ବିପର୍ଯ୍ୟସ୍ତ ପରିସ୍ଥିତିର ସୁଧାର ଦାବି

## ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଭଦ୍ରକ, ୧୦।୩(ସମିସ):** ଟୋକନ ପାଇଥିବା ଓ ଟୋକନ ପାଇ ନ ଥିବା ସମସ୍ତ ଚାଷୀ ଓ ଭାଗଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଧାନ କିଣିବା, ଧାନ କିଣାର ଅବଧି ଏପ୍ରିଲ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା, ଧାନକିଣାରେ ଅଧିକ ସଂଖ୍ୟକ ଅନ୍ୟ ଜିଲ୍ଲାର ମିଲରମାନଙ୍କୁ ସାମିଲ୍ କରିବା, ଭାରତୀୟ ଖାଦ୍ୟ ନିଗମ ଆମ ଦେଶର ସମସ୍ତ ମିଲରଙ୍କଠାରୁ ଚାଉଳ ସଂଗ୍ରହ କରିବା, ରାଜ୍ୟ ସରକାର-ମିଲରମାନଙ୍କ ସଲାସୁତରା ମାଧ୍ୟମରେ ଧାନକିଣାରେ ହେଉଥିବା କଟ୍‌ନିଛଟ୍‌ନି ବନ୍ଦ କରିବା ଆଦି ଦାବି ନେଇ ଓଡ଼ିଶା କୃଷକ ସଭା ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଜିଲ୍ଲା ତମାମ ଚାଷୀ ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀ ନେତାମାନେ ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଜିଲ୍ଲା ସମ୍ପାଦକ ପ୍ରଭାସ ମହାପାତ୍ର, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ରମେଶ ସାହୁ, ମହେଶ୍ୱର ନାୟକ, ଗଙ୍ଗାଧର ମହାଳିକ, ଜୟନୂଲ ଆବେଦିନ ପ୍ରମୁଖ ସାମିଲ ଥିଲେ।

## ଜାତୀୟ ରାଜପଥରୁ ୨୫ ଦୋକାନ ଘର ଉଚ୍ଛେଦ



**ଭଦ୍ରକ, ୧୦।୩(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬ନମ୍ବର ଜାତୀୟ ରାଜପଥର ମୋଟେଲ ଛକ ଅଞ୍ଚଳର ଉଭୟ ପାର୍ଶ୍ୱରେ ସରକାରୀ ଜମିରେ ଥିବା ୨୫ଟି ଦୋକାନ ଘରକୁ ମଙ୍ଗଳବାର ଜେସିବି ମେସିନରେ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦରେ ୨୦ଟି କ୍ୟାବିନ୍ ବା ଅସ୍ଥାୟୀ ଦୋକାନ ଘର ଥିବାବେଳେ ୫ଟି ପକ୍କା ଦୋକାନ ଘର ଥିଲା। ଏହି ଉଚ୍ଛେଦ ବେଳେ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଫିସର ଶିବ ମହାପାତ୍ର, ସଦର ଆର୍‌ଆଇ ଶରତ ମହାନ୍ତି, ସର୍ଭେୟର ସୁବାସ ପଲାଇଙ୍କ ସମେତ ପୌରପାଳିକା କର୍ମଚାରୀ ଓ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ଟିଲୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଏନ୍‌ସିସି ଓ ସିଏଜି ବିଜୟୀ



**ବନ୍ତ/ଆଗରପଡ଼ା, ୧୦।୩(ସମିସ):** ଟିଲୋ କପ୍ ୨୦୨୬ରେ ମଙ୍ଗଳବାର ହନୁମାନଜୀଉ ଷ୍ଟାଡିୟମ୍‌ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ବିଶେଷ କରି ଏନ୍‌ସିସି, ଓଡ଼ିଶା ଓ ସିଏଜି, ଦିଲ୍ଲୀ ତାଙ୍କର ଅଭିଯାନକୁ ଚମତ୍କାର ଭାବରେ ଆରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଦଳ ଏମ୍‌ଏଚ୍ କେଲ୍, ବନାରସର ସମ୍ମୁଖୀନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ବନାରସ ଦଳ ୧୪.୧ ଓଭରରେ ୫୭ ରନ୍ କରି ଆଲ୍‌ଆଉଟ୍ ହୋଇଥିଲା। ଜବାବରେ ଓଡ଼ିଶା ୭.୧ ଓଭରରେ ଆବଶ୍ୟକୀୟ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ଜିତି ନେଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ସିଏଜି, ଦିଲ୍ଲୀ ଓ ଏସ୍‌ପିଜି, କାର୍‌ଗୋ ଦିଲ୍ଲୀ ମଧ୍ୟରେ ମୁକାବିଲା ହୋଇଥିଲା। ସିଏଜି ପ୍ରଥମେ ବ୍ୟାଟିଂ କରି ୨୩୬ ରନ୍ କରିଥିଲା। ଦଳ ପକ୍ଷରୁ ମାଥ୍ୟୁର୍ ୯୮, ଗୁରିନ୍ଦର ୫୮, ବେଦାନ୍ତ ଭାରଦ୍ୱାଜ ୩୫ ଓ ଅଭିରଥ ରେଡ୍ଡି ୩୫ ରନ୍ କରିଥିଲେ। ଜାବାବରେ ଏସ୍‌ପିଜେ ଦଳ ୧୩୦ ରନ୍‌ରେ ଆଲ୍‌ଆଉଟ୍ ହୋଇ ୧୦୬ ରନ୍‌ରେ ପରାସ୍ତ ହୋଇଥିଲା। ଗ୍ରୁପ୍ ବି' ପଏଣ୍ଟ ଟେବୁଲ୍‌ରେ ଏନ୍‌ସିସି ଓଡ଼ିଶା +୬.୩୦୦ ନେଟ୍ ରନ୍ ରେଟ୍ ସହ ଶୀର୍ଷ ସ୍ଥାନରେ ଅଛି। ଏପରିକି ସିଏଜି ଦିଲ୍ଲୀ +୫.୩୦୦ ନେଟ୍ ରନ୍ ରେଟ୍ ସହ ଦ୍ୱିତୀୟ ସ୍ଥାନରେ ଅଛି। ଖେଳ ପରିଚାଳନାରେ ପ୍ରକାଶ ସ୍ୱାଇଁ, ମଳୟ କୁଅଁର, ପ୍ରକାଶ ରାଉତ, ସନ୍ତୋଷ ଧଳ, ବିଦ୍ୟୁତ୍ ବିଶ୍ୱାଳ, ପର୍ଶୁରାମ ସାହୁ, ପ୍ରସନ୍‌ଜିତ୍ ରାଜ, ଦୋଳଗୋବିନ୍ଦ ଲେଙ୍କା, ରୁଦ୍ର ନାୟକ, ଶଙ୍କର୍ଷଣ ଧଳ, ଧନେଶ୍ୱର ଧଳ, ରାଜେନ୍ଦ୍ର ଧଳ, ଚିରଞ୍ଜୀବ ସ୍ୱାଇଁ, ସୁବ୍ରତ ପୃଷ୍ଟି, ଅଭିଜିତ୍ ସ୍ୱାଇଁ, ପ୍ରେମାନନ୍ଦ ବେହେରା, ଅଭିଜିତ୍ ପୁହାଣ, ଅଜିତ୍ ଧଳ, ଅଜିତ୍ ପଡ଼ିଆରୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ଡକାୟତି ଯୋଜନା ବେଳେ ଧରାପଡ଼ିଲେ ୫

**ଭଣ୍ଡାରିପୋଖରୀ, ୧୦।୩(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଚନ୍ଦ୍ରଭାନୁପୁର ଗ୍ରାମରେ ଗତ ସୋମବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ୫ଜଣଙ୍କୁ ସ୍ଥାନୀୟ ପୁଲିସ କାବୁ କରି ମଙ୍ଗଳବାର ଅପରାହ୍ଣରେ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଯାଜପୁର ଟାଉନ ଅଞ୍ଚଳର ଶିଶିର ବେହେରା(୩୨), ମହେଶ୍ୱର ଜେନା(୨୮), ଚନ୍ଦ୍ରଭାନୁପୁର ଗ୍ରାମର ଦୀପକ ଜେନା(୩୦), ସୁଶାନ୍ତ ନାୟକ(୨୯) ଓ ତେସିଙ୍ଗା ଅଞ୍ଚଳର ରାକେଶ ଜେନା ଓରଫ ଗୁଲ୍ଲୁ(୨୯)। ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ କରାଯାଇଛି। ସବ୍‌ଇନ୍ସପେକ୍ଟର ମଧୁସ୍ମିତା ସିଂଙ୍କ ଅଭିଯୋଗ କ୍ରମେ ଥାନାରେ ୧୧୨/୨୬ନଂ ମାମଲା ରୁଜୁ ହୋଇଛି।

## ସର୍ବୋଚ୍ଚ ବିଶାଳ ଦେବୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ତିହିଡ଼ି, ୧୦।୩(ସମିସ):** ଓଡ଼ିଶାର ସର୍ବୋଚ୍ଚ ବିଶାଳ ଦେବୀ ମନ୍ଦିର ମା' ଦକ୍ଷିଣକାଳୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ନୟାନନ୍ଦଠାରେ ସାଧକ ପୀତାମ୍ବର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ସଚେତନ ସଂଘ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ମନ୍ଦିର ପ୍ରତିଷ୍ଠା ସମାରୋହ ଆରମ୍ଭ ହୋଇଛି। ନାମକୀର୍ତ୍ତନ, ଘଣ୍ଟଘଣ୍ଟା ବାଦନ ଓ ଢୋଲ ମହୁରିଆ ବାଦ୍ୟ ସହ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ମହିଳାମାନେ ଦୀର୍ଘ କିଲୋମିଟର ପରିକ୍ରମା କରିଥିଲେ। ଅସିତ୍ ନାୟକ, ମିରା ଦାସ, ରାମାନୁଜ ଦାସ, ଚିନ୍ମୟୀ ମିଶ୍ର, ଅନ୍ତର୍ଯ୍ୟାମୀ ରାୟ ଓ କଲ୍ୟାଣୀ ରାୟ କର୍ତ୍ତାଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟା ବିଦ୍ୟୁତ୍‌ଲତା ନାୟକ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ଶୈଳବାଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗ୍ରାମକେଶରୀ ଦାସ, ଆର୍କେଶ ନାୟକ, ଦଳିତ କେଶରୀ ଦାସ, ସାମ୍ବାଦିକ ଯଯାତିକେଶରୀ ଦାସ ପ୍ରମୁଖ ଗ୍ରାମବାସୀ ସହଯୋଗ କରୁଛନ୍ତି। ୧୧ ତାରିଖରେ ନୂତନ ବିଗ୍ରହ ସ୍ଥାପନ କରାଯିବା ସହ ଧ୍ୱଜା ସ୍ଥାପନ, ସହସ୍ରା କୁମ୍ଭାଭିଷେକ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ। ପରଦିନ ମା'ଙ୍କ ଉପଚାର ଓ ଗୀତା ପୁଟିତ ମହାଯଜ୍ଞ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାବେଳେ ୧୩ ତାରିଖରେ ଅଷ୍ଟାଦଶ ମହାବିଦ୍ୟା ଆବାହନ ପୂଜା ଓ ୧୪ରେ ମା' ଦକ୍ଷିଣକାଳୀ ଭକ୍ତର ସହସ୍ର ନାମ ମହାଯଜ୍ଞ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମ ଶେଷ କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ରାହ୍ମଣମାନେ ଯୋଗଦେବେ। ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯିବ।

## ପ୍ରଥମ ମହିଳା ପୌରାଧ୍ୟକ୍ଷା ହେମାଙ୍ଗିନୀ ସାହୁଙ୍କ ପରଲୋକ

**ଭଦ୍ରକ, ୧୦।୩(ସମିସ):** ଭଦ୍ରକ ପୌରପାଳିକାର ପ୍ରଥମ ମହିଳା ପୌରାଧ୍ୟକ୍ଷା ହେମାଙ୍ଗିନୀ ସାହୁଙ୍କର ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଭଦ୍ରକ ବଙ୍କସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ନିକଟରେ ସେ ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାକୁ ତାଙ୍କୁ ପରିବାର ଲୋକେ ଘରକୁ ନେଇ ଆସିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ପ୍ରଶାନ୍ତ ସାହୁ, ଦିଅର ତଥା ୧୨ନମ୍ବର ୱାର୍ଡ କାଉନ୍‌ସିଲର ହେମନ୍ତ ସାହୁ, ପୁଅ ରାଜା ଓ ପୂରା ପରିବାର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୮ରୁ ୨୦୧୩ ଯାଏଁ ହେମାଙ୍ଗିନୀ ସାହୁ ଭଦ୍ରକ ପୌରପାଳିକାର



ପ୍ରଥମ ମହିଳା ପୌରାଧ୍ୟକ୍ଷା ଭାବେ ବିଜେଡିରୁ ବିଜୟୀ ହୋଇଥିଲେ। ପରେ ସେ କଂଗ୍ରେସ ଦଳକୁ ଫେରିଥିଲେ। ଏହାବାଦ୍ ୧୨ନମ୍ବର ବଙ୍କସାହି ୱାର୍ଡରୁ ୩ଥର କାଉନ୍‌ସିଲର ଭାବେ ବିଜୟୀ ହୋଇଥିଲେ। ଜଣେ ଦକ୍ଷ, ମେଳାପୀ ପୌରାଧ୍ୟକ୍ଷା ଭାବେ ସେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ତାଙ୍କ ବାସଭବନକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଯାଇ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ମୋବାରକପୁର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



**ଭଣ୍ଡାରିପୋଖରୀ, ୧୦।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ମୋବାରକପୁର ମେଳଣ ପଡ଼ିଆରେ ଶ୍ୟାମସୁନ୍ଦରଜୀଉ ନାଟ୍ୟ ପରିଷଦ ପକ୍ଷରୁ ଅନୁଷ୍ଠିତ ୪ର୍ଥ ବାର୍ଷିକ ନାଟ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟଅତିଥି ଶଶିକାନ୍ତ ଜେନା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଅନିତା ରାଉତ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ସୁରେନ୍ଦ୍ର ପାଲ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଂଗତ ଗ୍ରାମ୍ୟ କଳାକାର ଗୌରହରି ନାୟକ ଓ ଶରତ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ କଳାକାରଙ୍କ ଅଭିନିତ ଓ ନାଟ୍ୟଗୁରୁ ପ୍ରଶାନ୍ତ ଭଞ୍ଜଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ରାମ ଦେବେ ଆଜି ଅଗ୍ନି ପରୀକ୍ଷା' ରବିବାର ରାତିରେ ମଞ୍ଚସ୍ଥ ହୋଇଥିଲା। ଏଥିରେ ମୁଖ୍ୟ ଭୂମିକାରେ ନୀଳାମ୍ବର ରାଉତ ଓ ଖଳନାୟକ ଭୂମିକାରେ ସନ୍ତୋଷ ନାୟକ ଅଭିନୟ କରିଥିଲେ। ମୁଖ୍ୟ ଭୂମିକାରେ ସୁରଜ ସାହୁ ଓ ଖଳନାୟକ ଭୂମିକାରେ ଶ୍ୟାମସୁନ୍ଦର ନାୟକ ଅଭିନୟ କରିଥିଲେ। ଲକ୍ଷ୍ମୀଧର ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଚରିତ୍ର ଅଭିନେତା କାଳନ୍ଦୀ ନାୟକ, ହାସ୍ୟ ଅଭିନେତା କଳାକାର ଜେନା, ସତ୍ୟବ୍ରତ ବେହେରା, ସୌମ୍ୟରଞ୍ଜନ ବେହେରା, ରମେଶ ଶଙ୍ଖୁଆ, ସମରେନ୍ଦ୍ର ପତି, ଅଶୋକ ଦାସ, ଧନଞ୍ଜୟ ଗିରି, ରାଜୀବ ରାଉତ, ଜିତେନ୍ଦ୍ର ଜେନା, ସୁରେଶ ବେହେରା, କୃଷ୍ଣଚନ୍ଦ୍ର ସାହୁ, ଗୌରାଙ୍ଗ ନାୟକ, ମନୋଜ ଜେନାଙ୍କ ଅଭିନୟ ମନଛୁଆଁ ହୋଇଥିଲା। ଗଙ୍ଗାଦେବୀ ଚିତ୍ରାଳୟ ପକ୍ଷରୁ ମଞ୍ଚସଜ୍ଜା କରାଯାଇଥିଲା ବେଳେ ରାଜେନ୍ଦ୍ର ରାଉତ କଳାକାରଙ୍କ ସଂଳାପରେ ସହାୟତା କରିଥିଲେ। ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ନାଟ୍ୟ ପରିଷଦ ସଦସ୍ୟମାନେ ମହୋତ୍ସବ ପରିଚାଳନାରେ ସଂଯୋଜନା କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସେମିରେ ଯାଜପୁର ୧୧ ଷ୍ଟାର୍

**ଭଣ୍ଡାରିପୋଖରୀ, ୧୦।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ସ୍ମାରକୀ ଅଷ୍ଟମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ୍ ଯାଜପୁର ୧୧ ଷ୍ଟାର୍ ଓ କଟକ ୟୁନିଅନ ସ୍ପୋର୍ଟିଂ ଦଳ ମଧ୍ୟରେ ହୋଇଥିଲା। ୧୧ ଷ୍ଟାର୍ ଅଧିନାୟକ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ୟୁନିଅନ ସ୍ପୋର୍ଟିଂ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୬୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନାୟକ ସାହୁ ଶତକୀୟ ଇନିଂସ ଖେଳି ୧୦୯ ରନ୍ ଓ ବିଶ୍ୱଜିତ ପ୍ରଧାନ ୭୭ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାଜା ଧଳ ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଯାଜପୁର ୧୧ ଷ୍ଟାର୍ ୨୦ ଓଭରରେ ୬ ୱିକେଟ ହରାଇ ୨୬୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିଲାଷ ରାଉତରାୟ ୮୬ ଓ ଶିଶିର ପଟ୍ଟନାୟକ ୬୭ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଶୋଭନଦେବ ବେହେରା ୨ ୱିକେଟ ଅକ୍ତିଆର କରିଥିଲେ। ଅଭିଲାଷ ରାଉତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଯୁବନେତା ଲଳିତ ରାଉତ ଅଭିଲାଷଙ୍କୁ ପରସ୍କୃତ କରିଥିଲେ। ଦୁର୍ଗା ପଟ୍ଟନାୟକ ଓ ଶାରଦା ପ୍ରସନ୍ନ ମହାପାତ୍ର ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ସ୍କୋରର୍ ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଭଦ୍ରକ ୧୧ ଷ୍ଟାର୍ ଓ ଭୁବନେଶ୍ୱର ତମାଣ୍ଡୋ ୧୧ ଦଳ ମଧ୍ୟରେ ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



## ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଞ୍ଜୟ ପଣ୍ଡାଙ୍କ ସ୍ମୃତିସଭା



**ଦୋଳସାହି, ୧୦।୩(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତରେ ମଙ୍ଗଳବାର ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଜୟ ପଣ୍ଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗୁଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡାଙ୍କ ପିତା ତଥା ଜିଲ୍ଲା ପରିଷଦ ସଭ୍ୟା ରୁଜାତା ପଣ୍ଡାଙ୍କ ଶଶୁର ଜନ୍ମେଞ୍ଜୟ ପଣ୍ଡାଙ୍କ ବିୟୋଗରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସେ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ ଓ ମେଳାପି ବ୍ୟକ୍ତି ଭାବେ ଜଣାଶୁଣା ଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ପ୍ରଣବପ୍ରକାଶ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ଚାନ୍ଦବାଲି ବିଧାୟକ ବିଜୟ ନାୟକ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ନେତା ଡ. ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କୋଠାର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ କେବେ ପୂର୍ଣ୍ଣାଙ୍ଗ ହେବ ?

**କୋଠାର, ୧୦।୩(ସମିସ)**

ଧାମନଗର ପଞ୍ଚାୟତ ସମିତି ଅଧୀନ କୋଠାର ଗ୍ରାମ ପଞ୍ଚାୟତ ଏକ ଗୁରୁତ୍ୱ ରଖୁଥିବା ସ୍ଥାନରେ ବିଗତ ସରକାର ସମୟରେ ସେତେବେଳର ବିଧାୟକ ତଥା ଏବେର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ କୋଠାର ଛକଠାରୁ ପ୍ରାୟ ୧୦୦ରୁ ୨୦୦ ମିଟର ଦୂରତାରେ ଭଦ୍ରକ ଓ ଆଖଣ୍ଡଳମଣି ରାଜ୍ୟ ରାଜପଥର ବାମ ପାର୍ଶ୍ୱରେ କୋଠାର ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପର ୨୦୨୩ରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା ହୋଇଥିଲା। ଉକ୍ତ ଭିତ୍ତିପ୍ରସ୍ତର ଫଳକରେ ବ୍ୟୟ ଅଟକଳ ପରିମାଣ ୧୦ ଲକ୍ଷ ଟଙ୍କା ଲେଖାଯାଇଥିଲା। ବର୍ତ୍ତମାନ ସେ ଜାଗାରେ ଗ୍ରେଡ୍ ବିମ୍ ପଡ଼ି ରଡ୍‌ଗୁଡ଼ିକ ଉପରକୁ ଉଠିଛି ଏବଂ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି। ସେହି ସମୟରେ ଅନ୍ୟ ଗ୍ରାମ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇଥିବା କଲ୍ୟାଣ ମଣ୍ଡପ ପୂର୍ଣ୍ଣାଙ୍ଗ ହୋଇଥିଲାବେଳେ କୋଠାର ଗ୍ରାମ ପଞ୍ଚାୟତ ବାଦ୍ ପଡ଼ିଛି। ସେହି ବାଟ ଦେଇ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଓ ଖୋଦ୍ ମନ୍ତ୍ରୀ ଯିବାଆସିବା କରୁଛନ୍ତି। ହେଲେ କାହାର ନଜର ପଡୁନି କାହିଁକି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କେବେ କଲ୍ୟାଣ ମଣ୍ଡପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ନିମିତ ଅର୍ଥରାଶି ଆସିବ ଓ କେବେ ନିର୍ମାଣ ହେବ ବୋଲି ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଡିଣ୍ଡାଙ୍କୁ ପଚାରିବାରୁ, ସେ କହିଲେ ଟଙ୍କାର ଅଭାବ ଅଛି ଟଙ୍କା ଆସିଲେ କାମ ହେବ। ଏଭଳି ଅନେକ ପ୍ରକଳ୍ପ ଟଙ୍କା ଅଭାବରୁ ବନ୍ଦ ରହିପଡ଼ିଥିବା ଜଣାଯାଇଛି।



## ରେଳ ଧାରଣାରୁ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ, ୧୦।୩(ସମିସ):** ଭଦ୍ରକ ରେଳ ଷ୍ଟେସନ ନିକଟ ଡଗରାସାହି ଲେବୁଲ କ୍ରସିଂ ନିକଟ ରେଳ ଧାରଣାରେ ମଙ୍ଗଳବାର ଜଣେ ଅଜଣା ବୃଦ୍ଧଙ୍କ କ୍ଷତବିକ୍ଷତ ମରଶରୀର ଜବତ କରାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ବୟସ ୬୦ରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ବାଲେଶ୍ୱର-କଟକ ଅପ୍‌ଲାଇନ୍ ରେଳ ଧାରଣାରେ ଏହି ଶବଟି ପଡ଼ିଥିଲା। ଭଦ୍ରକ ରେଳବାଇ ପୁଲିସ ଏହି ଅଜଣା ମୃତଦେହକୁ ଉଦ୍ଧାର କରି ଏହାର ବ୍ୟବଚ୍ଛେଦ କରାଯାଇଛି। ଘଟଣାରେ ଏକ ଅପମୃତ୍ୟୁ ମାମଲା(ନମ୍ବର-୧୫/୨୦୨୬) ଭଦ୍ରକ ଜିଆର୍‌ପି ରୁଜୁ କରିଛି।

## ୨୦୦୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଅସୁରାଳି/ଧାମନଗର,୧୦।୩(ସମିସ): ଧାମନଗର ବ୍ଲକ୍ ଅଧୀନରେ ଥିବା ଇନ୍ଦ୍ରମଣି ଉଚ୍ଚ ବିଦ୍ୟାଳୟର ୨୦୦୬ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୦ ବର୍ଷର ବ୍ୟବଧାନ ପରେ ମଧ୍ୟ ସ୍କୁଲ ସମୟର ଥିବା ସମାନ ସ୍ନେହ ଓ ଭଲପାଇବା ସମସ୍ତଙ୍କ ଭିତରେ ଆଜି ବି ଭରିରହିଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମଟି ଉକ୍ତ ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କ ଏକ ଅଭୁଲା ସ୍ମୃତି ହୋଇ ରହିବ, ଯେଉଁଥିରେ ପୁରୁଣା ଦିନର ସ୍ମୃତିଗୁଡ଼ିକ ଉଜ୍ଜୀବିତ କରିଛି ବୋଲି ଉପସ୍ଥିତ ବନ୍ଧୁମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୦୬ ବ୍ୟାଚ୍‌ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦମୟନ୍ତୀ ସାହୁ, ଭାରତୀଲତା ସାହୁ, ଶିଖା ଦାସ, ରିତାରାଣୀ ଯେନା, ଶୁଭସ୍ମିତା ଦାସ, ଦୀପାଞ୍ଜଳି ସାହୁ, ରଶ୍ମିତା ସାହୁ, ରିତାଞ୍ଜଳି ସ୍ୱାଇଁ, ଦୀନବନ୍ଧୁ ରାଉତ, ତନ୍ମୟ ବେହେରା, ଦେବେନ୍ଦ୍ର ଯେନା, ଦେବେନ ଦାସ, ସୋମନାଥ ଦେ, ଗଣେଶ ଯେନା, କାହ୍ନୁ ଚରଣ ଜେନା, ଗୌତମ ସାହୁ, ରଞ୍ଜିତ୍ ସାମଲ, ଜଗନ୍ନାଥ ସାହୁ, ପ୍ରକାଶ ଦେ, ମନୋଜ ପାଲ୍, ମନୋଜ ସାହୁ, ଅମିତ୍ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରତିବର୍ଷ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ କରି ବ୍ୟସ୍ତବହୁଳ ଜୀବନରୁ ବନ୍ଧୁ ପାଇଁ ଦିନଟିଏ ବାହାର କରି ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଉପସ୍ଥିତ ସମସ୍ତ ବନ୍ଧୁ ପ୍ରକାଶ କରିଛନ୍ତି।

## ଗୋବିନ୍ଦପୁରରେ ଭାଗବତ ପାରାୟଣ



ଅସୁରାଳି,୧୦।୩(ସମିସ): ଭାଗବତ ପାରାୟଣ କେବଳ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ, ଏହା ଓଡ଼ିଆ ସଂସ୍କୃତିର ଆତ୍ମାକୁ ପ୍ରକାଶ କରେ। ଭାଗବତର ପାଠ ମାନବମନକୁ ଭଗବାନଙ୍କ ସ୍ମରଣରେ ଲୀନ କରି, ଭକ୍ତି, ଶ୍ରଦ୍ଧା ଓ ଶାନ୍ତିରେ ପରିପୂର୍ଣ୍ଣ କରେ। ଗ୍ରାମର ସମସ୍ତ ଲୋକ ଏକାତ୍ମତାରେ ଏକତ୍ରିତ ହୋଇ ଧାର୍ମିକ ଓ ସାମାଜିକ ସମ୍ପର୍କକୁ ଦୃଢ଼ କରନ୍ତି। ଓଡ଼ିଆ ପରମ୍ପରାରେ ଭାଗବତ ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହା ଆମର ଆଚାର, ଆଦର୍ଶ ଓ ଜୀବନଦର୍ଶନକୁ ପ୍ରତିପାଦନ କରେ। ଏହି ପାରାୟଣ ମାଧ୍ୟମରେ ଜ୍ୟେଷ୍ଠମାନେ ଓ କନିଷ୍ଠମାନେ ଏକାସାଥିରେ ଧାର୍ମିକ ଶିକ୍ଷା ଓ ମୂଲ୍ୟବୋଧର ସାଧନା କରନ୍ତି। ଏହି ପରିପ୍ରେକ୍ଷୀରେ ଗୋବିନ୍ଦପୁର ଗ୍ରାମର ପାଟଣା ସାହିରେ ଆଧ୍ୟାତ୍ମିକ ପରିବେଶରେ ସାତ ଦିନ ବ୍ୟାପୀ ଭାଗବତ ପାରାୟଣ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନରେ ଘଟ ସ୍ଥାପନା କରି, ପଣ୍ଡିତ ଅମୂଲ୍ୟ ପାଣିଗ୍ରାହୀଙ୍କ ମଧୁର କଣ୍ଠରେ ଭାଗବତ ପାଠ ଆରମ୍ଭ ହେଲା। କର୍ତ୍ତା ଭାବେ ରଞ୍ଜନ ନାଥ ଓ ଅନ୍ନପୂର୍ଣ୍ଣା ପାହାଲ ସମସ୍ତ ରୀତିନୀତି ସମ୍ପାଦନା କରିଥିଲେ। ଶ୍ରୋତାମଣ୍ଡଳୀରେ କୌଶଲ୍ୟା ନାଥ, ପବିତ୍ରା ନାଥ, ଶଶିରେଖା ନାଥ, ଉମାମଣି ନାଥ ପ୍ରମୁଖ ଉପସ୍ଥିତ ହୋଇ ଭାଗବତ ରୂପକ ସୁଧାର ସ୍ୱାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ ଅମିୟ ସାହୁ, ରସାନନ୍ଦ ନାଥ, ନିତ୍ୟାନନ୍ଦ ନାଥ, ହରିହର ନାଥ ଓ ଗ୍ରାମର ସମସ୍ତ ମୁରବି।

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଭଦ୍ରକ,୧୦।୩(ସମିସ): ଭଦ୍ରକର ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା ଓ ସେବା ଯୋଗାଣକାରୀ ସଂସ୍ଥା, ମାକ୍ରୋୱେଭ୍ ଟେକ୍ନୋଲୋଜିରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ୨ଜଣ ସଫଳ ମହିଳା ମଧ୍ୟରୁ ଭଦ୍ରକ ପୌରପାଳିକାର ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାୱାଜି ହବିବ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବନାନୀ ମହାନ୍ତିଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ଅନୁଷ୍ଠାନର ନିର୍ଦ୍ଦେଶିକା ନମ୍ରତା ରାୟ, ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ଓ ସୋଲାର ପ୍ରକଳ୍ପର ମୁଖ୍ୟ ସମରେନ୍ଦ୍ର କୁମାର ପ୍ରଧାନ ସଭାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ସାର୍ଟିଫିକେଟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ମହିଳା କର୍ମଚାରୀଙ୍କ ଦ୍ୱାରା ମହିଳା ସଶକ୍ତୀକରଣ ଉପରେ ବକ୍ତୃତା ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସୂଚନା ଓ ପ୍ରଯୁକ୍ତି ବିଭାଗର ପ୍ରଶିକ୍ଷକ ମୋନାଲିସା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**ଧାମନଗରରେ ଜଳାଶୟ ଜବରଦଖଲ**

# ମାଡ଼ି ଆସୁଛି ମରୁଭୂମିକରଣର ବିପଦ

ଦୋବଲ,୧୦।୩(ସମିସ)



ଧାମନଗର ବ୍ଲକ୍ ଅଞ୍ଚଳରେ ଦିନକୁ ଦିନ ଗଡ଼ିଆ, ପୋଖରୀ ଓ ଜଳାଶୟ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ପରିଚାଳିତ ବେଦାସ ପୋର୍ଟାଲର ସୂଚନା ଅନୁସାରେ ଧାମନଗରରେ ୩ ପ୍ରତିଶତ ଜଳାଶୟ ହ୍ରାସ ପାଇଛି। ୨୦୧୮-୧୯ର ତଥ୍ୟ ଅନୁସାରେ ୧୫ ପ୍ରତିଶତ ମରୁଭୂମିକରଣ ବଢ଼ିଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ପରିମାଣର ଜମିରେ ଉର୍ବରତା କମିଛି ଓ ପଡ଼ିଆ ପଡ଼ିଛି। କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ତଥ୍ୟ ଏଥିରେ ପ୍ରଦାନ କରାଯାଇ ନ ଥିଲେ ବି ସାମଗ୍ରିକ ଭାବେ ଧାମନଗର ବ୍ଲକ୍‌ରେ ଏହି ସ୍ଥିତି ଉପୁଜିଛି। ଜଳାଶୟ, ଗଡ଼ିଆ ଓ ପୋଖରୀ ସଂଖ୍ୟା କମିବା ମଧ୍ୟ ଖାଲି ଆଖିରେ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟର, ଖେଳ ପଡ଼ିଆ, ଦୋକାନ ଘର ଆଦି ନିର୍ମାଣ ଲାଗି ଜଳାଶୟଗୁଡ଼ିକୁ ପୋତି ଦିଆଯାଉଥିବା ଦେଖିବାକୁ ମିଳିଛି। ସେହିପରି ଦୀର୍ଘବର୍ଷ ଧରି ଆର୍ଦ୍ରଭୂମି ଭାବେ ଜଣାଶୁଣା ଜାଗାକୁ ବି ପୋତି ଦିଆଗଲାଣି। ଖଡ଼ିପଦା ଛକରୁ ଦୋବଲ ରାସ୍ତାରେ ଏକାଧିକ ସ୍ଥାନରେ ଜଳାଶୟ ପୋତି ଦିଆଯାଇଛି। ବଡ଼ ପୋଲ ପାଖରେ କିଛି ବ୍ୟକ୍ତି ଆର୍ଦ୍ରଭୂମିକୁ ପୋତି ଦୋକାନ ନିର୍ମାଣ ଆରମ୍ଭ କରିଛନ୍ତି। ସେହିପରି ଦକ୍ଷିଣକୁରୁଆ ଛକରେ ମଧ୍ୟ ଜଳାଶୟ ପୋତି ଦୋକାନ ଘର ନିର୍ମାଣ ହୋଇଛି।

ଧାମନଗରରୁ ଫଳପୁର ରାସ୍ତାରେ ଥିବା ନୟନଜୋରିକୁ ଅନେକ ସ୍ଥାନରେ ପୋତି ଘର କରି ଦିଆଗଲାଣି। ନୟନଜୋରିଟି ଏ ଅଞ୍ଚଳର ଜଳ ନିଷ୍କାସନ ପାଇଁ ମହତ୍ୱପୂର୍ଣ୍ଣ। ହେଲେ ତହସିଲ ପ୍ରଶାସନର ସ୍ଥାଣୁତା ଓ ଅବହେଳା ଯୋଗୁଁ ସରକାରୀ ଜମିରେ ଥିବା ନୟନଜୋରି ଜଳାଶୟ ପୋତି ଲୋକେ ଘର, ଦୋକାନ ଘର କରିଦେଲେଣି। ବିଶେଷ କରି ବିରୁହାଁ, ଜାହାଙ୍ଗୀର ଅଞ୍ଚଳରେ ବହୁ ଅଂଶ ପୋତି ଦିଆଯାଇଛି। ଅଞ୍ଚଳରେ ଏହି ସଂଖ୍ୟା ସର୍ବାଧିକ। ଜଳାଶୟ ହ୍ରାସ ପାଇବା ଦ୍ୱାରା ଭୟଙ୍କର ପରିବେଶଗତ, ସାମାଜିକ ଏବଂ ଅର୍ଥନୈତିକ ସଙ୍କଟ ସୃଷ୍ଟି ହେଉଛି। ଏହାର ମୁଖ୍ୟ ପ୍ରଭାବଗୁଡ଼ିକ ମଧ୍ୟରେ ଜୈବ ବିବିଧତାର ବ୍ୟାପକ କ୍ଷତି, ମରୁଭୂମିକରଣର ବେଗ ବୃଦ୍ଧି, କୃଷି ଉତ୍ପାଦନ ହ୍ରାସ ଏବଂ ଜଳ ବିବାଦ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଜଳାଶୟଗୁଡ଼ିକ ଶୁଖିଯିବା ଫଳରେ ମାଟିର ଆର୍ଦ୍ରତା କମୁଛି, ଯାହା ମରୁଭୂମିକରଣକୁ ପ୍ରୋତ୍ସାହିତ କରୁଛି। ସେହିପରି ଭୂତଳ ଜଳର ପୁନଃ ଭରଣା ବାଧାପ୍ରାପ୍ତ ଧାମନଗରରେ ଆଗକୁ ଭୂତଳ ଜଳସ୍ତର ହ୍ରାସର ସମ୍ମୁଖୀନ ହେବା ସମ୍ଭାବନା ଅଛି। ଏନେଇ ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ କହିବା କଥା ଯେ, କର୍ମଚାରୀ ଅଭାବ ଆମକୁ ଜବରଦଖଲ ଉପରେ ପଦକ୍ଷେପ ନେବାରେ ସମସ୍ୟା ସୃଷ୍ଟି କରୁଛି। ତଥାପି ଜଳାଶୟଗୁଡ଼ିକ ଜବରଦଖଲମୁକ୍ତ କରିବାକୁ କଡ଼ା ପଦକ୍ଷେପ ନିଆଯାଉଛି।

## ବାଲି ଉଠାଣକୁ ନେଇ ସରକାରଙ୍କର ନାହିଁ ସ୍ପଷ୍ଟ ନୀତି



ଧୂଷୁରୀ,୧୦।୩(ସମିସ): ବୈତରଣୀ ନଦୀର ଦେହୁଡ଼ି ଆନନ୍ଦପୁର, ଅର୍ଜୁନପୁର ବାଲିପାଟଣା ହସନାବାଦ ପଞ୍ଚାୟତର ଅସ୍ତକ ଓ ଧୂଷୁରୀ ପଞ୍ଚାୟତର ମାହାରାକୁଳ, କୋଚିଲା ନଦୀ ଘାଟ ଅଞ୍ଚଳରେ ବାଲି ଉତ୍ତୋଳନ ନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନୀତି ନାହିଁ। ଫଳରେ ଏହି ଅଞ୍ଚଳରେ ପ୍ରତିଦିନ ଶହଶହ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଅବାଧ ଭାବରେ ବାଲି ଚୋରାଚାଲାଣ ହେଉଥିବାରୁ ସରକାରୀ ରାଜସ୍ୱର ବିପୁଳ କ୍ଷତି ହେଉଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସାଧାରଣ ଲୋକ ଘର ନିର୍ମାଣ ପାଇଁ ଟଙ୍କା ଦେଇ ବାଲି କିଣିବାକୁ ଚାହୁଁଥିଲେ ମଧ୍ୟ ସହଜରେ ବାଲି ପାଇପାରୁ ନାହାନ୍ତି। ଅନ୍ୟପଟେ କିଛି ଦଲାଲ ଓ କିଛି ସରକାରୀ ଅଧିକାରୀଙ୍କ ସଲାସୁତରାରେ ଅବାଧ ବାଲି ଚାଲାଣ ଚାଲିଥିବା ଅଭିଯୋଗ ମଧ୍ୟ ହେଉଛି। ଏହି ଅବାଧ ବାଲି ଚୋରାଚାଲାଣ କାରଣରୁ ସରକାରଙ୍କ ରାଜସ୍ୱରେ ବ୍ୟାପକ କ୍ଷତି ହେଉଥିବାବେଳେ ସାଧାରଣ ଲୋକମାନେ ଘର ନିର୍ମାଣ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରୀ କାର୍ଯ୍ୟ ପାଇଁ ମଧ୍ୟ ବାଲି ମିଳିବା ଦୁର୍ଲଭ ହୋଇପଡ଼ିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଲୋକମାନଙ୍କ ମତାନୁସାରେ, ବାଲିଘାଟ ନିଲାମ ଓ ବ୍ୟବସ୍ଥାପନା ନେଇ ସରକାର ସ୍ପଷ୍ଟ ନୀତି ଗ୍ରହଣ କରି ଅବାଧ ବାଲି ଚୋରାଚାଲାଣ ଉପରେ ଶୀଘ୍ର କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ନ ହେଲେ ଆଗାମୀ ଦିନରେ ଏହା ଅଧିକ ଗୁରୁତର ସମସ୍ୟାର ରୂପ ନେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଲେ, ଆମ ପାଖରେ ବାଲି ନିଲାମ ସମ୍ବନ୍ଧରେ କିଛି ଖବର ନାହିଁ। ଆପଣ ଜିଲ୍ଲା ଖଣି ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ।

**ବିପୁଳ ରାଜସ୍ୱ କ୍ଷତି**

## ସରକାରୀ ଜାଗାରୁ ଘର ଭାଙ୍ଗିଦେଲା ପ୍ରଶାସନ

**ଆକ୍ରୋଶମୂଳକ ଭାବରେ ଘର ଭଙ୍ଗା ନେଇ ଅଭିଯୋଗ**



ବନ୍ତ/ଆଗରପଡ଼ା,୧୦।୩(ସମିସ): ବନ୍ତ ତହସିଲ୍ ଅନ୍ତର୍ଗତ ବାଇପୁର ଗ୍ରାମର ହରକୃଷ୍ଣ ସେନାପତିଙ୍କ ବ୍ୟକ୍ତିଗତ ଘରବାରି ପ୍ଲଟ୍ କିଛି ଦୂରତ୍ୱରେ ସରକାରୀ ଜାଗା ଖାତା ନଂ ୧୧୨ ଓ ପ୍ଲଟ୍ ନଂ ୩୨୦ ଉପରେ ଏକ ଆଜ୍‌ବେଷ୍ଟ ଗୃହ ନିର୍ମାଣ କରିଥିଲେ ହରେକୃଷ୍ଣ। ସେହିଭଳି ଆଖପାଖରେ ସରକାରୀ ଜାଗାରେ ପ୍ରାୟ ଅନେକ ଘର ଥିବାବେଳେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସରକାରୀ ଜାଗାରେ ଥିବା ସମସ୍ତ ଘରକୁ ବାଦ୍ ଦେଇ ହରେକୃଷ୍ଣ ସେନାପତିଙ୍କ ଘରକୁ ଜେସିବି ମାଧ୍ୟମରେ ବନ୍ତ ତହସିଲ୍‌ଦାର ଓ ପୁଲିସଙ୍କ ଉପସ୍ଥିତିରେ ଭାଙ୍ଗି ଦିଆଯାଇଛି। ସରକାରୀ ଜାଗାର ସମାନ ପ୍ଲଟ୍ ନଂ ଓ ଖାତା ନଂରେ ପ୍ରାୟ ଏକାଧିକ ଘର ଥିବାବେଳେ ହଠାତ୍ ସୋମବାର ଦିନ ୩ଟା ୩୦ରେ ନୋଟିସ୍ ଜାରି କରି ୧୦ ତାରିଖ ଦିନ ବ୍ୟକ୍ତିଗତ ଭାବରେ ସରକାରୀ ଜାଗାରେ ଥିବା ହରେକୃଷ୍ଣଙ୍କ ଘର ଆକ୍ରୋଶମୂଳକ ଭାବରେ ଭାଙ୍ଗିଥିବା ଅଭିଯୋଗ ଆଣିଛନ୍ତି ହରକୃଷ୍ଣ ସେନାପତି। ଏହି ଉଚ୍ଛେଦ ଜିଲ୍ଲାପାଳଙ୍କ କୋର୍ଟରେ ଅପିଲ୍ (ରିଭିଜନ୍ କେସ୍ ନଂ ୯/୨୦୨୬) ବିଚାରାଧୀନ ଥିବା ସହିତ ଚିଠି ନମ୍ବର୍ ୨୭୦୨ ଆସନ୍ତା ୨୦ ତାରିଖ ଶୁଣାଣି ହେବାର ଥିଲା। ଏହା ସହିତ ହାଇକୋର୍ଟରେ ମଧ୍ୟ ଏହା ଉପରେ କେସ୍ ଚାଲିଛି। ମଙ୍ଗଳବାର ବନ୍ତ ତହସିଲ୍ ପ୍ରଶାସନ ଉଚ୍ଛେଦ କରିବା କେତେଦୂର ଠିକ୍ ବୋଲି ମଧ୍ୟ କହିଛନ୍ତି ହରେକୃଷ୍ଣ। ମୋର ବ୍ୟକ୍ତିଗତ ଜାଗା ଘରବାରି ପ୍ଲଟ୍ ନଂ ୨୭୬/୭୨ ଥିବାବେଳେ ସମ୍ମୁଖରେ କିଛି ଲୋକ ସରକାରୀ ଜାଗାକୁ ଅବରୋଧ କରିଥିବା ବେଳେ ମୋ ବ୍ୟକ୍ତିଗତ ଘରବାରି ପ୍ଲଟ୍‌କୁ ଯିବା ପାଇଁ ରାସ୍ତା ନାହିଁ। ରାସ୍ତା ପାଇଁ ତହସିଲ୍‌ଦାରଙ୍କୁ ଅବଗତ କରିଥିଲେ ମଧ୍ୟ ଏଥିପ୍ରତି ସେ ଦୃଷ୍ଟି ଦେଇ ନ ଥିଲେ ବୋଲି ଅଭିଯୋଗ ଆଣିଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୪ ବର୍ଷର କୁନି ବାଳିକା



ଭଦ୍ରକ,୧୦।୩(ସମିସ): ୪ ବର୍ଷର କୁନି ବାଳିକା ଆରାଧ୍ୟା ବେହେରା ଶ୍ଳୋକ ଆବୃତ୍ତି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ଦିଶା ସ୍ମାର୍ଟ କିଡ୍‌ସ ସ୍କୁଲ ଏଲ୍‌କେଜି ଶ୍ରେଣୀର ଛାତ୍ରୀ। ସେ ଏକ ସଙ୍ଗେ ଶ୍ଳୋକ ଆବୃତ୍ତି, ଔଷଧୀୟ ବୃକ୍ଷର ଗୁଣ ସମ୍ବନ୍ଧୀୟ ବ୍ୟାଖ୍ୟା, ଯୋଗ, ଦାନ୍ତର ଗଠନ ଏବଂ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଯତ୍ନ ସମ୍ବନ୍ଧରେ ବକ୍ତୃତା ଏବଂ ଓଡ଼ିଆ ଇଂରାଜୀ ଭାଷାରେ କବିତା ଆବୃତ୍ତି ପରି ବହୁମୁଖୀ ପ୍ରତିଭା ଅଧିକାରୀ ପାଇଁ ପୁରସ୍କୃତ ହୋଇଛନ୍ତି। ମାଆ ସ୍ନେହଲତା ଭୋଳ ଏବଂ ବାପା ଡ. ବିରଞ୍ଚି ନାରାୟଣ ବେହେରାଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୟାଧର ପଣ୍ଡା ଓ ଅଧ୍ୟକ୍ଷା ସଙ୍ଗୀତାରାଣୀ ପତି କହିଛନ୍ତି।

## ଉତ୍କଳରତ୍ନ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଶ୍ରାଦ୍ଧବାର୍ଷିକୀ



ଭଦ୍ରକ,୧୦।୩(ସମିସ): ଶତ୍ରୁଘ୍ନ ନାଥ ଥିଲେ ସାରା ଓଡ଼ିଶାର ମହାଗୁରୁ। ବାଲ୍ୟାବସ୍ଥାରୁ ତାଙ୍କର ପ୍ରତିଭା ବିକଶିତ ହୋଇଥିଲା। ଦାରିଦ୍ର୍ୟ ପରିସ୍ଥିତିରେ ସେ ପଙ୍କରୁ ପଦ୍ମ ହୋଇ ଉଠିଥିଲେ। ଓଡ଼ିଶାରେ ସେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଥିଲେ। ଓଡ଼ିଶାରେ ଶିକ୍ଷକମାନଙ୍କ ତାଲିମ୍ ପାଇଁ ନିରନ୍ତର ପ୍ରଚେଷ୍ଟା କରିଥିଲେ। ତାଙ୍କର ଉଦ୍ୟମ ଫଳରେ କଟକ ଓ ଅନୁଗୁଳଠାରେ ଶିକ୍ଷକ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଓଡ଼ିଶାର ଯେତେବେଳେ ଗୁରୁ ତାଲିମ୍ ବ୍ୟବସ୍ଥା ନ ଥିଲା। ସେ ହିଁ ଏକମାତ୍ର ବ୍ୟକ୍ତି ସେତେବେଳେ ବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନର ବ୍ୟବସ୍ଥା କରିଥିଲେ। ଦାରିଦ୍ର୍ୟ ଅବସ୍ଥାରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ନିଜ ପ୍ରତିଭା ବଳରେ ସେ ଲଣ୍ଡନରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ତାଙ୍କ ଜୀବନ ଥିଲା ଅତି ସରଳ, ଚିନ୍ତା ଥିଲା ଅତି ଉଚ୍ଚ। ସେ ଗାନ୍ଧୀବାଦୀରେ ବିଶ୍ୱାସ ରଖିଥିଲେ। ମହିମା ଧର୍ମର ଉପାସକ ଥିଲେ। ଖଦଡ଼ ପୋଷାକ ପରିଧାନ କରି ସରଳ ନିରାଡ଼ମ୍ବର ଜୀବନଯାପନ କରୁଥିଲେ। ତାଙ୍କ ଜୀବନ ଭିତରେ ମହତ୍ୱ ଆକାଂକ୍ଷା ତାଙ୍କୁ ଓଡ଼ିଶା କାହିଁକି ଭାରତର ଜଣେ ବିଶିଷ୍ଟ ଗୁରୁ ଗୌରବ ଦେଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଦ୍ୟାଳୟ ପ୍ରତିଷ୍ଠାରେ ସେ ମାର୍ଗଦର୍ଶକ ଥିଲେ ବୋଲି ମଙ୍ଗଳବାର ଶିକ୍ଷାବିତ୍ ଉତ୍କଳରତ୍ନ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସମାଜସେବୀ ଅଜୟ ନାୟକଙ୍କ ସଭାପତିତ୍ୱରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ବିଶିଷ୍ଟ ଶିକ୍ଷାବିତ୍ ବ୍ରଜ ମିଶ୍ର, ଶୈଳେନ୍ଦ୍ର ମହାପାତ୍ର, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ସମାଜସେବୀ ସୁଧାକର ରାଉତ ଏହି ଉତ୍ସବଟିକୁ ସଂଯୋଜନା କରିଥିଲେ। ଏହି ଶ୍ରାଦ୍ଧ ଉତ୍ସବରେ ଶିକ୍ଷାବିତ୍ ବ୍ରଜ ମିଶ୍ର ଓ ସାରସ୍ୱତ ସାଧକ ବାଇଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧାମରା ବନ୍ଦରରେ ପ୍ରଥମ ଥର ପାଇଁ କେପ୍ ସାଇଜ୍ ଲାଇମ୍‌ଷ୍ଟୋନ୍ ଜାହାଜ ପରିଚାଳନା

ଭଦ୍ରକ,୧୦।୩(ସମିସ): ଧାମରା ପୋର୍ଟ ଏହାର ନୂତନ ନିର୍ମିତ ବର୍ଥରେ ସୋମବାର ପ୍ରଥମ କେପ୍ ସାଇଜ୍ ଲାଇମ୍‌ଷ୍ଟୋନ୍ ଜାହାଜ ପରିଚାଳନା କରିଛି। ଏମ୍‌ଭି ଭେଗା ଡ୍ରିମ୍ ନାମକ କେପ୍ ସାଇଜ୍



ଲାଇମ୍‌ଷ୍ଟୋନ୍ ଜାହାଜ ସଫଳତାର ସହ ଧାମରା ପୋର୍ଟରେ ବର୍ଥ କରି ପୋର୍ଟ ପରିଚାଳନାର କାର୍ଯ୍ୟକ୍ଷମତାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଟାଟା ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ଆସିଥିବା ଏହି ଜାହାଜ ୧,୫୮,୬୦୩ ମେଟ୍ରିକ୍ ଟନ୍ ଚୂନପଥରର ଯଥେଷ୍ଟ କାର୍ଗୋ ବହନ କରି ୧୭.୧୪ ମିଟର ଦୂରତାରେ ସୁରକ୍ଷିତ ଭାବରେ ବର୍ଥ କରିଥିଲା। ପ୍ରଥମଥର ପାଇଁ ଚୂନପଥର ବହନ କରୁଥିବା ଏକ କେପ୍ ସାଇଜ୍ ଜାହାଜ ପରିଚାଳନା କରାଯାଇଛି, ଯାହା ଧାମରା ପୋର୍ଟର କାର୍ଗୋ ପରିଚାଳନା କରିବାର କ୍ଷମତାକୁ ଅଧିକ ସୁଦୃଢ଼ କରିଛି। ନୂତନ ଭାବରେ ବିକଶିତ ବର୍ଥରେ ଏମ୍‌ଭି ଭେଗା ଡ୍ରିମ୍‌ର ସଫଳ ବର୍ଥିଂ ଏବଂ ପରିଚାଳନା ପୋର୍ଟର ଉନ୍ନତ ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ପ୍ରଦର୍ଶନ କରୁଛି। ଏହିପରି ବୃହତ୍ ଆକାରର ଜାହାଜଗୁଡ଼ିକୁ ବର୍ଥ କରାଇବା ପାଇଁ ଧାମରା ପୋର୍ଟର ବର୍ଥଗୁଡ଼ିକ ଡିଜାଇନ୍ କରାଯାଇଛି। ପୋର୍ଟର କାର୍ଗୋ ପରିଚାଳନା କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି ଏବଂ ଭାରତର ପୂର୍ବ ଉପକୂଳରେ ବଲ୍କ କାର୍ଗୋ ପରିଚାଳନା ପାଇଁ ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶ ପଥ ଭାବରେ ନିଜର ସ୍ଥିତି ସୁଦୃଢ଼ କରିବାରେ ସଫଳ ହୋଇପାରିଛି।

## ବେଧଡ଼କ ଚାଲିଛି ଓଭରଲୋଡିଂ ହାଇୱା; ଶୋଇଛି ପ୍ରଶାସନ



ଦୋଳସାହି,୧୦।୩(ସମିସ): ସରକାରଙ୍କ ପକ୍ଷରୁ ଓଭରଲୋଡିଂ ହାଇୱାକୁ ବେଆଇନ ଘୋଷଣା କରାଯାଇଥିଲା ବେଳେ ଏହା କେବଳ କାଗଜପତ୍ରରେ ସୀମିତ ଥିବା ସାଧାରଣରେ ଅଭିଯୋଗ ହେଉଛି। ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି-ବୋଡକ ପୂର୍ତ୍ତବିଭାଗ ରାସ୍ତାରେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଥିବାବେଳେ ତହସିଲ୍‌ରୁ ଜିଲ୍ଲା ପ୍ରଶାସନ କୋମାରେ ଥିବା ସାଧାରଣରେ ଅଲୋଚନା ହେଉଛି। ସେହିପରି ଏହି ପୂର୍ତ୍ତ ବିଭାଗ ରାସ୍ତାରେ ଭାରୀଯାନ ଯାତାୟାତ କରିବା ନିୟମ ନ ଥିଲାବେଳେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଛି। ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସେହିପରି ଏହି ପୂର୍ତ୍ତବିଭାଗ ରାସ୍ତାର ଦୁଇ ପାର୍ଶ୍ୱରେ ଜବରଦଖଲକାରୀମାନେ ଜବରଦଖଲ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ସାଧାରଣରେ ଅଭିଯୋଗ ହେଉଛି।

**ଭୂତକୋଠୀ ପାଲଟିଛି ଶବ ବ୍ୟବଚ୍ଛେଦ ଗୃହ**

# ନିର୍ମାଣକୁ ୭ ବର୍ଷ ବିତିଲା; ହେଉନି କାର୍ଯ୍ୟକ୍ଷମ

ଧାମନଗର,୧୦।୩(ସମିସ)



ଧାମନଗର ଏନ୍‌ଏସି ଅଞ୍ଚଳରେ ଥିବା କେତେକ ନିର୍ଦ୍ଦିଷ୍ଟ ସରକାରୀ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ଭୂତକୋଠୀ ପାଲଟିଛି। ସେଥିମଧ୍ୟରୁ ଧାମନଗର ଜୟନଗର ଛକରେ ପାନ୍ଥଶାଳା ଓ ୭ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟ ଦୀର୍ଘ ଦିନ ହେବ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ।

ପ୍ରକାଶ ଥାଉକି, ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ ୨୦୧୮-୧୯ ଆର୍ଥିକ ବର୍ଷର ଅର୍ଥ ବ୍ୟୟବରାଦ କରାଯାଇ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିଲେ ମଧ୍ୟ ଶ୍ରୀ ମଣ୍ଡଳ ଭଦ୍ରକରୁ ଲୋକ ଯୋଗାଡ଼ କରି ଦୁଇଥର ଶବ ବ୍ୟବଚ୍ଛେଦ କରାଇଥିଲେ। ସାଧାରଣ ଓ ଗରିବ ଲୋକମାନେ ଉପକୃତ ହେଉଥିବା ଦେଖିବାକୁ ମିଳିଥିଲା। ଧାମନଗରରେ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ଶବ ବ୍ୟବଚ୍ଛେଦ ହୋଇପାରୁ ନାହିଁ। ଏହା କାର୍ଯ୍ୟକ୍ଷମ ହେଲେ ଧାମନଗର ଏବଂ ଭଣ୍ଡାରିପୋଖରୀ ୨ଟି ନିର୍ବାଚନମଣ୍ଡଳୀର ଲୋକମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି କାହାରି ନଜର ନାହିଁ। ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ କରାଯାଇଥିବାବେଳେ ଏବେ ଉକ୍ତ କେନ୍ଦ୍ରଟି ଭୂତକୋଠୀରେ ପରିଣତି ହେବାକୁ ବସିଲାଣି। ଏହି ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶବ ବ୍ୟବଚ୍ଛେଦ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜୟବନ୍ଧ ପର୍ଯ୍ୟଟନ ପରିଚାଳନା ଟ୍ରଷ୍ଟ ଉଦ୍‌ଘାଟିତ

ଉଦଳା,୧୦।୩(ସମିସ): ଉଦଳା ବ୍ଲକ ଅଧୀନ ଜୟବନ୍ଧଠାରେ ଜୟବନ୍ଧ ପର୍ଯ୍ୟଟନ ପରିଚାଳନା ଟ୍ରଷ୍ଟ ଉଦଳା ବିଧାୟକଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି। ପର୍ଯ୍ୟଟନ ସ୍ଥଳୀର ବିକାଶ, ସ୍ଥାନୀୟ ଯୁବକ/ଯୁବତୀଙ୍କ ବିକାଶ ଦିଗରେ ଏହି ଟ୍ରଷ୍ଟ ବେଶ ଲାଭଦାୟକ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ବେଶ ଭିଡ଼ ଏହି ଜୟବନ୍ଧରେ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଉଦଳା ବିଧାୟକଙ୍କ ପ୍ରଚେଷ୍ଟାରେ ଜୟବନ୍ଧର ଉନ୍ନତିକରଣ ଦିଗରେ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶ କାର୍ଯ୍ୟ ହେବ ବୋଲି ବିଧାୟକ କହିଛନ୍ତି। ଏହି ଟ୍ରଷ୍ଟ ମାଧ୍ୟମରେ ଜୟବନ୍ଧର ବିକାଶ ଓ ସ୍ଥାନୀୟ ଅଞ୍ଚଳରେ କେମିତି ବିକାଶ ହୋଇପାରିବ ସେଥିନେଇ ଏହି ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଟ୍ରଷ୍ଟର ସଭାପତି ଭାବେ ସୁନୀଲ ବେହେରା, ସମ୍ପାଦକ ଭାବେ କୌଶିକ ରାଉତ ମନୋନୀତ ହୋଇଛନ୍ତି।



● ଉଦଳା ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଅବ୍ୟବସ୍ଥା

## କଳିଙ୍ଗ ମୋର୍ଚ୍ଚା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଉଦଳା,୧୦।୩(ସମିସ): ଡାକ୍ତରଖାନାରେ କିଡନୀ ରୋଗ ବିଶେଷଜ୍ଞ ଓ ଅସ୍ତ୍ରୋପଚାର ବିଶେଷଜ୍ଞଙ୍କ ସମେତ ଖାଲିଥିବା ଡାକ୍ତର ପଦବୀ ପୂରଣ, ରୋଗୀଶଯ୍ୟା ବୃଦ୍ଧି ପାଇଁ ନୂତନ କୋଠା ନିର୍ମାଣ, ବିଶେଷଜ୍ଞ ବିଭାଗ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା, ରକ୍ତ ଭଣ୍ଡାରର ରକ୍ତ ସଂରକ୍ଷଣ କ୍ଷମତା ବୃଦ୍ଧି, ଭେଷଜ ଓ ଡାଇରିଆ ଭଳି ବିଭାଗ ପାଇଁ ୨୪ ଘଣ୍ଟିଆ ବୋରିଙ୍ଗ ପାଣିର ବ୍ୟବସ୍ଥା, ଡାକ୍ତରଖାନା ଆବର୍ଜନା କୁଣ୍ଡରେ ବହୁଦିନରୁ ପଡିଥିବା ଅଳିଆ ଉଠାଇବା, ଡାକ୍ତରଖାନାରେ ରୋଗୀଙ୍କ ପାଇଁ ନୂତନ ଭାବେ ଲଗାଯାଇଥିବା ଏସିକୁ ବିଦ୍ୟୁତ ସଂଯୋଗ ପ୍ରଦାନ, ଟିକଟ କାଉଣ୍ଟର ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି ଦାବି ପୂରଣ କରିବା ପାଇଁ କଳିଙ୍ଗ ମୋର୍ଚ୍ଚା ସଂଗଠନ ପକ୍ଷରୁ ଦାବି କରାଯାଇଛି। କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିବା ସହିତ ଦାବି ପୂରଣ ନ ହେଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛି। ସଂଗଠନର ସଭାପତି ଦେବବ୍ରତ ସାହୁଙ୍କ ସମେତ ରାଜେଶ ହେମ୍ବ୍ରମ, ଦୀପକ ବେହେରା, ଶଶୀଭୂଷଣ ନାଏକ, କାର୍ତ୍ତିକ ସାହୁ, ମିଟୁ ନାଏକ, ମନୋଜ ବେହେରା, ପରମେଶ୍ୱର ନାଏକ, ବୁଦ୍ଧିଆ ମହାନ୍ତ, ଅବିନାଶ ବେହେରା, ଦେବେଶ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



## ରାଜ୍ୟସ୍ତରୀୟ ଦୁଃସାହସିକ ଶିବିରରେ ଯୋଗଦେବେ ବିଶ୍ୱବିଦ୍ୟାଳୟ ସଂଯୋଜକ



ବାରିପଦା, ୧୦।୩(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଦୁଃସାହସିକ ଶିବିରରେ ବିଶ୍ୱବିଦ୍ୟାଳୟ ସଂଯୋଜକ ଯୋଗଦେବେ। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥ ମହେନ୍ଦ୍ରଗିରି ପର୍ବତରେ ୧୦ରୁ ୧୩ ମାର୍ଚ୍ଚ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦୁଃସାହସିକତା ଶିବିରରେ ଯୋଗ ଦେବାକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ ମହାନ୍ତ, ଜାତୀୟ ସେବା ଯୋଜନା ଜିଲ୍ଲା ନୋଡାଲ ଅଧିକାରୀ ଡଃ ଅନାମ ରାଉଳ ଓ ଜାତୀୟ ସେବା ଯୋଜନା ବ୍ୟୁରୋ ସହାୟକ ଅଜୟ ବଳଙ୍କ ଉପସ୍ଥିତିରେ ଏହି ଟିମ୍ ଗସ୍ତ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ମେଘାସନୀ କଲେଜର ସମୀର ଭୋଇ, କଳିଙ୍ଗ କଲେଜର ସତ୍ୟବାନ ଗିରି, ଏମସିଏମ କଲେଜର ଶୁଶ୍ରୀ ନାୟକଙ୍କ ନେତୃତ୍ୱରେ ୬୨ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

## ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାରିପଦା, ୧୦।୩(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ ୧୪ ତାରିଖରେ ହେବାକୁ ଯାଉଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳା ସହିତ ପାଳନ କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଏପ୍ରିଲ ମାସ ୧ ତାରିଖ ବୁଧବାରରେ ଏହାର ଚୂଡ଼ାନ୍ତ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି। ଆଜିର କାର୍ଯ୍ୟକ୍ରମରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅମର ସେଠୀ, ଦର୍ପନାରାୟଣ ପାଲ, ସଞ୍ଜୀବ ରାଉତ, ସତ୍ୟସରୂପ ଦାଶ, ପ୍ରତିଭା ପୃଷ୍ଟି, ଜିତା ସିଂ, ସୁଧୀର ବାରିକ, ଦିଗବିଜୟ ହାଁସଦା, ଅରୁଣ ବେହେରା, ଶ୍ରବଣ ଗପ, ଦେବାଶିଷ ବିଶ୍ୱାଳ, ଅମିତ ବେଉରିଆ, ସରୋଜ ଶତପଥୀ, ସଂଜୀବ ପ୍ରଧାନ, ପ୍ରକାଶ ରଞ୍ଜନ ମିଶ୍ର, ଅବଦୁଲ ହବିବ, ଏସ କେ ରାଜା ଖାନ, କମଲେଶ ଅଗ୍ରୱାଲ, ସମରଜିତ ଗୋସ୍ୱାମୀ, ଜିତ ପଟ୍ଟନାୟକ, ସୁରଜ ବେହେରା, ବଳରାମ ରଣା, ସୁଶାନ୍ତ ନାୟକ, ସନ୍ତୋଷ ପ୍ରିୟଦର୍ଶନ, ରିଙ୍କୁ ପାଲ, କୁନୁ ଦାସ ପ୍ରମୁଖଙ୍କ ସହିତ ବହୁ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ ବୋଲି ବରିଷ୍ଠ ମେମ୍ବର ରାକେଶ ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଚୋରା ଦେଶୀମଦ ଜବତ, ଯୁବକ ଗିରଫ

ମୋରଡା,୧୦।୩(ସମିସ): ମୋରଡା ଅବକାରୀ ବିଭାଗ ମଙ୍ଗଳବାର ଦିନ ୧୧ଟାରେ ଜଣେ ଯୁବକଙ୍କ ନିକଟରୁ ଦେଶୀ ମଦ ଜବତ କରିଛି। ଏ ନେଇ ଅବକାରୀ ଥାନାରେ ୨୦୪/୨୬ରେ ଏକ ମାମଲା ରୁଜୁ ହୋଇଛି। ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ ବାରିପଦା ତକତପୁର ଅଞ୍ଚଳର ଯୁବକ ବାବୁଲି ମାର୍ଣ୍ଡି ଏକ ସ୍କୁଟିରେ ୨୫ ଲିଟର ଦେଶୀ ମଦ ନେଇ ଯାଉଥିବା ସମୟରେ ଖବର ପାଇ ଅବକାରୀ ବିଭାଗ ମୋରଡା ବଜାର ନିକଟରେ ମାଡ଼ି ବସିଥିଲା। ବାବୁଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସ୍କୁଟିକୁ ଜବତ କରିଛି।

## ଝାରପୋଖରିଆ ଅଞ୍ଚଳରୁ ଚୋରି

ସାରସକଣା,୧୦।୩ (ସମିସ):ସାରସକଣା ବ୍ଲକ ଝାରପୋଖରୀଆ ଥାନା ଅନ୍ତର୍ଗତ ବମ୍ବେ ଛକ ବଜାରରେ ଚୋରି ଘଟଣା ଚିନ୍ତାର କାରଣ ହୋଇଛି। ବମ୍ବେ ଛକ ବଜାର ନିକଟତମ ଲାଲଟୁ ମେସ ଓ ଦ୍ୱାରି ଲେଡିଜ ମେସ ନିକଟରେ ଥିବା ମନୋରଞ୍ଜନ ମହାନ୍ତଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। କୌଣସି କାମରୁ ଫେରି ସ୍ୱାମୀସ୍ତ୍ରୀ ଏକ ମନିପର୍ସ ଭିତରେ ନିଜର ସୁନା ଗହଣା ରଖି ଶୋଇପଡ଼ିଥିଲେ। ତେବେ ଚୋରମାନେ ସୁନାରୂପା ଗହଣା ଥିବା ପର୍ସ ଓ ୩ ହଜାର ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ମନୋରଞ୍ଜନ ଅଭିଯୋଗ କରିବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଥିଲେ ହେଁ ଏକ ଜଳାଶୟ ନିକଟରେ ସନ୍ଧାନୀ କୁକୁର ଅଟକି ଯାଇଥିଲା। ଘଟଣା ଘଟିବା ଦିନ ସନ୍ଧ୍ୟାରେ ଦୁଇ ଯୁବକ ଉକ୍ତ ସ୍ଥାନରେ ଘୁରି ବୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସର ପାଟ୍ରୋଲିଂ ଅଭାବ ପାଇଁ ଏଭଳି ଚୋରି ହେଉଥିବା ଅଭିଯୋଗ ହେଉଛି।

## ମହିଳା ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା,୧୦।୩(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ମହିଳା ଦିବସ ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଦିବସ ପାଳନ ଅବସରରେ ୩୫୦ ଜଣ ଛାତ୍ରୀଙ୍କୁ ନେଇ ସମୂହ ଯୋଗାସନ, ମିନି ମାରାଥନ ଓ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବୁଧୁରାମ ସିଂହ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ ହେବା ସହ ନିଜର ସୁରକ୍ଷା ନିମନ୍ତେ ନିଜେ ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟାପିକା ଶୁଭଶ୍ରୀ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବର୍ଣ୍ଣ ଜେନା ଓ ସିଆରସିସି ସନକ ଘୋଷ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ଖେଲ ଇଣ୍ଡିଆ ସେଣ୍ଟରର କୋଚ ସୁରେଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାହା ସ୍ୱାର୍ଥରେ ଜନଶୂନ୍ୟ ଜାଗାକୁ ମନରେଗା ରାସ୍ତା

### ଦେବୋତ୍ତର ଜାଗା ବିକିବା ପାଇଁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ

ବେତନଟୀ,୧୦।୩(ସମିସ):



ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚଙ୍କ ପକ୍ଷରୁ ସରକାରୀ ପାଣ୍ଠି ବିନିଯୋଗରେ ନିଜ ପଞ୍ଚାୟତ ଅଞ୍ଚଳରେ ଉନ୍ନତିକରଣ କରାଯାଇଥାଏ। ସେହି ଅଞ୍ଚଳର ସାଧାରଣ ଜନତାଙ୍କ ଆବଶ୍ୟକତାକୁ ବିଚାର କରି ରାସ୍ତା ଆଲୋକୀକରଣ, ବସ୍ତିବାସିନ୍ଦାଙ୍କ ପାଇଁ ରାସ୍ତା, ଗ୍ରାମକୁ ପାନୀୟଜଳ ଯୋଗାଣ, ପଞ୍ଚାୟତ ଅଞ୍ଚଳରେ ଡ୍ରେନ ସଫା ଭଳି ସୁବିଧା ଯୋଗାଇଥା'ନ୍ତି। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକର ବେତନଟୀ ପଞ୍ଚାୟତର ସରପଞ୍ଚ ନିଜ ଅଞ୍ଚଳର ଜନସାଧାରଣଙ୍କ ସୁବିଧାକୁ ଉପେକ୍ଷା କରି ସରକାରୀ ଟଙ୍କାରେ ସରକାରୀ ସ୍ଥାନରେ ନିଜର ବ୍ୟକ୍ତିଗତ ସୁବିଧାକୁ ଗୁରୁତ୍ୱ ଦେଇ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଏକ ରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ନିର୍ମାଣ ହେଉଥିବା ରାସ୍ତା ବେତନଟୀ ବଡ଼ସାହି ରାସ୍ତାର ମହୁଲିଆ ଗ୍ରାମ ସୀମାରେ ଥିବା ସରପଞ୍ଚଙ୍କ ଘର ନିକଟରେ ଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଛି। ଏହି ରାସ୍ତା ସାଧାରଣ ଲୋକଙ୍କ ଘର ବା ବସ୍ତିକୁ ସଂଯୋଗ କରୁନାହିଁ। ଏହି ରାସ୍ତା ବେତନଟୀ ପଞ୍ଚାୟତ ଅଞ୍ଚଳର କେଉଁ ଲୋକଙ୍କ ସ୍ୱାର୍ଥ ସାଧନ କରୁଛି ବୋଲି ବେତନଟୀବାସୀ ପ୍ରଶ୍ନ କରିଛନ୍ତି। ଏହି ରାସ୍ତାକୁ ଲାଗି ବାରିପଦାର ଶ୍ରୀଶ୍ରୀ ରଘୁନାଥଜୀଉ ବିଜେଙ୍କର ଦେବୋତ୍ତର ଜମି ରହିଛି। ପୂର୍ବରୁ ବେତନଟୀରେ ଏହି ଦେବୋତ୍ତର ଜମି ବିକ୍ରି ହୋଇଥିବା ନଜିର ରହିଛି। ସ୍ଥାନୀୟ ସରପଞ୍ଚ ଏହି ଦେବୋତ୍ତର ଜମି ବିକ୍ରି କରାଇବାର ମନ୍ଦ ଉଦ୍ଦେଶ୍ୟ ରଖି ଯଦି ରାସ୍ତା ନିର୍ମାଣ କରୁଥା'ନ୍ତି, ତେବେ ଆଗାମୀ ଦିନରେ ବେତନଟୀବାସୀଙ୍କ ପକ୍ଷରୁ ବିରୋଧ ଓ ଉଚ୍ଚ ଅଧିକାରୀ ନିକଟରେ ଲିଖିତ ଅଭିଯୋଗ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚିତ ହେଉଛି।

ସୂଚନା ମୁତାବକ, ଦେବୋତ୍ତର ଜମି ଉପରେ କୌଣସି ବ୍ୟକ୍ତିଗତ ମାଲିକାନା ଦାବି କରାଯାଇପାରେନାହିଁ। ଏହା ଦେବାଳୟ କିମ୍ବା ଧାର୍ମିକ ଅନୁଷ୍ଠାନ ପାଇଁ ଉଦ୍ଦିଷ୍ଟ ହୋଇଥାଏ। ଏହାକୁ ବିକ୍ରି କରିବା ଆଇନତଃ ମନା। ବେତନଟୀ ସରପଞ୍ଚ ଏହି ଜମିକୁ ବିକ୍ରି କରିବା ପାଇଁ ଏକ ଚାଲାକ ରାସ୍ତା ଆପଣାଇଛନ୍ତି। ସେ ଏମଜିଏନ୍‌ଆରଜିଏ ଯୋଜନା ଅଧୀନରେ ଜନଶୂନ୍ୟ ସ୍ଥାନରେ କୌଣସି ଘର ନ ଥିବା ଜାଗାରେ ତିନି ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଇ ଏହି ରାସ୍ତାକୁ ଦେବୋତ୍ତର ଜମି ସହ ଯୋଡି ଦେଇଛନ୍ତି। ଏଥିପାଇଁ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ବହୁ ମୂଲ୍ୟ ଶାଳ ଗଛ ମଧ୍ୟ କାଟିଛନ୍ତି। ଫଳରେ ଏହି ଜମିକୁ ଯାତାୟାତ ସରଳ ଓ ସୁଗମ ହେବା ପରେ ଏହାକୁ ବ୍ୟବହାରିକ ଜମି ଭାବେ ଦର୍ଶାଇ ବିକ୍ରି କରିବେ। ଏହା ଏକ ପ୍ରକାରର "ଡାଲ' କିମ୍ବା ଆଇନଗତ ବଳୟ ସୃଷ୍ଟି କରିବାର ପ୍ରୟାସ ବୋଲି ଅଭିଯୋଗକାରୀ କହୁଛନ୍ତି। ସେମାନଙ୍କ ମତରେ ଦେବୋତ୍ତର ଜମିରେ ଥିବା ଶାଳ ଗଛ କାଟି ଏଭଳି ଭାବେ ବିକ୍ରି କରିବା ଧାର୍ମିକ ଭାବନାକୁ ଆଘାତ ଦେଉଛି ଓ ପରିବେଶ ନଷ୍ଟ କରୁଛି। ଏମଜିଏନ୍‌ଆରଜିଏ ଭଳି ଗରିବ ଓ ଶ୍ରମିକ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ବ୍ୟକ୍ତିଗତ ଲାଭ ପାଇଁ ଦୁରୁପଯୋଗ କରାଯିବା ଓ ମୟୂରଭଞ୍ଜ ଗୋଟିଏ ଜୈବମଣ୍ଡଳ, ଏଠି ମୂଲ୍ୟବାନ ଶାଳ ଗଛ କାଟିବା ସମ୍ପୂର୍ଣ୍ଣ ଅନୁଚିତ ବୋଲି ସେମାନେ ମତ ଦେଇଛନ୍ତି। ଦେବୋତ୍ତର ଜମି ଓଡ଼ିଶା ଦେବୋତ୍ତର ସମ୍ପତ୍ତି ଆଇନ ଅଧୀନରେ ସୁରକ୍ଷିତ ରହିଥାଏ। ଏହାକୁ ବିକ୍ରି କରିବା କିମ୍ବା ହସ୍ତାନ୍ତର କରିବା ଦଣ୍ଡନୀୟ ଅପରାଧ।

ସେହିପରି ଏମଜିଏନ୍‌ଆରଜିଏ ଅଧୀନରେ କାର୍ଯ୍ୟ ଅନୁମୋଦନ ଓ ନିର୍ମାଣରେ ଅନିୟମିତତା ହେଲେ ଏହା ଦୁର୍ନୀତି ନିବାରଣ ଆଇନ ଅଧୀନରେ ମାମଲା ହୋଇପାରେ। ଏଭଳି ଅଭିଯୋଗ ପ୍ରମାଣିତ ହେଲେ ସରପଞ୍ଚଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ରହିଛି। ଏଭଳି ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ତୁରନ୍ତ ତଦନ୍ତ ଆରମ୍ଭ କରିବା ଉଚିତ୍। ଏହାକୁ କେବଳ ଏକ ବ୍ୟକ୍ତିଗତ ଦୁର୍ନୀତି ନୁହେଁ ବରଂ ଗ୍ରାମୀଣ ଅଞ୍ଚଳରେ ଡବଲ ଇଞ୍ଜିନ ସରକାର ପ୍ରତି ବିଶ୍ୱାସ ହ୍ରାସ ଘଟାଇବାର ଏକ ଗଭିର ପ୍ରୟାସ ଭାବେ ଦେଖାଯିବ। ଏଥିସହ ଭବିଷ୍ୟତରେ ଏଭଳି ଅନିୟମିତତା ରୋକିବା ପାଇଁ ଏମଜିଏନ୍‌ଆରଜିଏ କାର୍ଯ୍ୟର ସ୍ପଷ୍ଟ ନିୟମ ଓ ସାମାଜିକ ନିରୀକ୍ଷଣ ବ୍ୟବସ୍ଥା ଆହୁରି କଡ଼ା କରାଯିବା ଆବଶ୍ୟକ। ଏହି ଘଟଣା ଗ୍ରାମ ସ୍ତରରେ ନେତୃତ୍ୱ ଓ ଯୋଜନା ବ୍ୟବହାରରେ ସ୍ୱଚ୍ଛତାର ଅଭାବକୁ ଉଜାଗର କରୁଛି। ସଚେତନତା ଓ ଦୃଢ଼ ପଦକ୍ଷେପ ଦ୍ୱାରା ହିଁ ଏଭଳି ଦୁର୍ନୀତିକୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ବେତନଟୀ ଦାୟିତ୍ୱରେ ଥିବା ଦେବୋତ୍ତର ବିଭାଗ ମ୍ୟାନେଜର ମୁଚିରାମ ବେହେରାଙ୍କୁ ପଚାରିବାରୁ କେହି ଆମକୁ କିଛି ଜଣାଯାଇନାହାନ୍ତି କି ଅନୁମତି ନିଆଯାଇନାହିଁ। ସେହି ଜାଗାରେ ଜଙ୍ଗଲ ଥିଲା। ତାକୁ କାଟି କ'ଣ ପାଇଁ ରାସ୍ତା କରାଗଲା। ସେଠାରେ କାହାର ଘର ନାହିଁ। ରାସ୍ତା କ'ଣ ହେବ ବୋଲି କହିଛନ୍ତି। ପଞ୍ଚାୟତ ଦାୟିତ୍ୱରେ ଥିବା ଜେଇ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ କାମ ହୋଇସାରିଛି ତାକୁ ଛାଡ଼ନ୍ତୁ ଯଦି ଆଉ କେଉଁଠି କାହାରି ରାସ୍ତାର ଆବଶ୍ୟକତା ରହିଛି ଆପଣ କୁହନ୍ତୁ ଆମେ ସେଠାରେ ମଧ୍ୟ ରାସ୍ତା କରିଦେବା ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେନସନଧାରୀଙ୍କ ବିକ୍ଷୋଭ



ବାରିପଦା,୧୦।୩(ସମିସ): ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘ ଓ ନିଖିଳ ଓଡିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘର ମିଳିତ ଆହ୍ୱାନ କ୍ରମେ ଏକ ବିଶାଳ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ସମସ୍ତ ସରକାରୀ ଓ ବ୍ୟବସାୟିକ ବ୍ୟାଙ୍କର ପେନସନଧାରୀଙ୍କ ପେନସନର ପୁନଃ ନିର୍ଦ୍ଧାରଣ ନିମନ୍ତେ ଅନୁଷ୍ଠିତ ଧାରଣାରେ ବାରିପଦା ଓ ଆଖପାଖ ଅଞ୍ଚଳର ଶତାଧିକ ସଦସ୍ୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏଁ ବିଭିନ୍ନ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପେନସନର ପୁନଃ ନିର୍ଦ୍ଧାରଣ ଦାବି ସାଙ୍ଗକୁ ସର୍ବନିମ୍ନ ପେନସନର ପରିମାଣ ୧୦ ହଜାର ଟଙ୍କା, ଘରୋଇ ବ୍ୟାଙ୍କ ପେନସନଧାରୀଙ୍କୁ ଏକ୍ସଗ୍ରାସିଆ ରାଶି ପ୍ରଦାନ, ଏକ୍ସଗ୍ରାସିଆ ରାଶିର ପୁନଃ ନିର୍ଦ୍ଧାରଣ, ସ୍ୱତନ୍ତ୍ର ଭତ୍ତାକୁ ମୂଳ ଦରମା ସହ ମିଶାଇ ପେନସନ ନିର୍ଦ୍ଧାରଣ, କମ୍ୟୁଟେଶନ ରାଶିର ପରିଶୋଧ ସମୟ ୧୫ ପରିବର୍ତ୍ତେ ୧୧ ବର୍ଷ ଦାବି, ପେନସନ ପାଉ ନ ଥିବା କର୍ମଚାରୀଙ୍କୁ ପେନସନ ପ୍ରଦାନ, ସୁଲଭ ସ୍ୱାସ୍ଥ୍ୟ ବୀମା ଉପଲବ୍ଧି, ଅଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘ ସହ ଭାରତୀୟ ବ୍ୟାଙ୍କ ସଂଘର ସିଧାସଳଖ ଦ୍ୱିପାକ୍ଷିକ ଆଲୋଚନା ଆଦି ଦାବିକୁ ନେଇ ସମସ୍ତେ ଦାବି ଉପସ୍ଥାପନ କରିଥିଲେ। ସଂଘର କର୍ମକର୍ତ୍ତା ପରେଶ ଚନ୍ଦ୍ର ପାତ୍ର, ରବୀନ୍ଦ୍ର ସାହୁ, ଅସୀମ କୁମାର ସରକାର ଓ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉଦବୋଧନ ଦେଇଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରୀ ତୀବ୍ର ହେବ ବୋଲି ଚେତାବନୀ ଦେଇଥିଲେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

## ଖୁଣ୍ଟା ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ



କୁଆମରା,୧୦।୩(ସମିସ): ଖୁଣ୍ଟା ଥାନାରେ କାର୍ଯ୍ୟରତ ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ବଦଳି ପରେ ଆଜି ନୂତନ ଥାନା ଅଧିକାରୀ ଭାବେ ଆଦିତ୍ୟ ପ୍ରସାଦ ଜେନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଜେନା ଏଥିପୂର୍ବରୁ ବାରିପଦା ସଦର ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ଜେନାଙ୍କୁ ଆଜି ଥାନା କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଶ୍ରୀ ଜେନା ଦୁର୍ନୀତି ଓ ଅପରାଧକୁ ପ୍ରଶୟ ଦେବେ ନାହିଁ ବୋଲି କହିଛନ୍ତି।

## ବଣପୋଖରିଆ ଗ୍ରାମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ



ବିଶୋଇ,୧୦।୩ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ବଣପୋଖରିଆ ଗ୍ରାମର ଫାଗୁନ କୋୟେଲ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୨୪ତମ ବୃହତ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଉଦଯାପିତ ହୋଇଯାଇଛି। ରବିବାର ନାଲ୍‌କୋର ଅବସ୍ରପ୍ରାପ୍ତ ତତ୍ତ୍ୱାବଧାରକ ବ୍ରଜମୋହନ ମାର୍ଣ୍ଡି ପତାକା ଉତ୍ତୋଳନ କରି ଉତ୍ସବକୁ ଉଦଘାଟନ କରିବା ପରେ ବାଳକ ବାଳିକା ବିଭାଗର ଦୌଡ଼, ଅଙ୍କକଷା ସହିତ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ସାଙ୍ଗକୁ ମହିଳାଙ୍କ ଲାଖବିନ୍ଧା ପ୍ରତିଯୋଗିତା ଉତ୍ସବର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଅପରାହ୍ନରେ ପଡିଆ ପରିସରରେ ଆଦିବାସୀ ଡ୍ରାମା ଓ ବୁଢ଼ୀଗାଲି ଭଳି ପାରମ୍ପରିକ ନୃତ୍ୟର ସମାଗମ ଦେଖିବାକୁ ମିଳିଥିଲା। ନାଲକୋର ଅବସ୍ରପ୍ରାପ୍ତ ଅଧିକାରୀ ସାକିଲା ଚରଣ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିନୋଦ ବାସ୍କେ ବାର୍ଷିକ ବିବରଣୀ ପାଠ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଙ୍ଗ ରାମଚନ୍ଦ୍ର ହାଁସଦା ଯୋଗଦେଇ ସାଂସ୍କୃତିକ ମହୋତ୍ସବ ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରିବାର ମାଧ୍ୟମ ସାଜିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜମୋହନ ମାର୍ଣ୍ଡି, ସାକିଲା ଚରଣ ହାଁସଦା, ଲୁହାକାନି ପଞ୍ଚାୟତ ସମିତି ସଦସ୍ୟ ଦିଲ୍ଲୀପ ଗିରି, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ସାମାଜିକ କର୍ମୀ ଖେଲାରାମ ଟୁଡୁ, ସିଦ୍ଧେଶ୍ୱର ମୁର୍ମୁ, ସାଲଖାନ ହାଁସଦା, ବିନୋଦ ବାସ୍କେ ପ୍ରମୁଖ ଯୋଗଦେଇ ଗ୍ରାମର ଲୁକ୍କାୟିତ ପ୍ରତିଭାର ବିକାଶରେ ଉତ୍ସବ ଆୟୋଜନ ପ୍ରୋତ୍ସାହନ ଯୋଗାଉଛି ବୋଲି ପ୍ରକାଶ କରିଥିଲେ। ଉଦଯାପନୀ ଦିବସରେ ୮ଟି ଟିମକୁ ନେଇ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସହିତ ଆଦିବାସୀ ନୃତ୍ୟ ଲାଗଣେ ଏନେଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୟହାକଳା ଟିମ ଚାମ୍ପିଅନ ହୋଇ ୮ ହଜାର ଟଙ୍କା, ବାଙ୍କବଲ ଏଫସି ରନର୍ସଅପ ହୋଇ ୬ ହଜାର ଟଙ୍କାର ପୁରସ୍କାର ରାଶି ଲାଭ କରିଥିଲା। ଲାଗଣେ ଏନେଜରେ କୁଲଡ଼ିହା ପ୍ରଥମ, ବାରହାଜିଆଣି ଦ୍ୱିତୀୟ, ଲୁହାମାଳିଆ ତୃତୀୟ, ଜାମଦା ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉଭୟ ମାଦଳ ଦଳ ଓ ମହିଳା ନୃତ୍ୟ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ପୀତାମ୍ବର ଟୁଡୁ ମଞ୍ଚ ପରିଚାଳନା, ରାମଚରଣ ମୁର୍ମୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ସୁରାଇ କିସ୍କୁ, ଉପସଭାପତି ରାମ ମାର୍ଣ୍ଡି, ସହସମ୍ପାଦକ ଡମନ ହାଁସଦା, କୋଷାଧ୍ୟକ୍ଷ କୁଶାଳ ଟୁଡୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ଗଣଦୌଡ଼ | ବାଳକରେ ଅନୀଲ ଓ ବାଳିକାରେ ସହନାଇ ପ୍ରଥମ

ବାରିପଦା, ୧୦।୩(ସମିସ):





ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଅଣସ୍ୱୀକୃତିପ୍ରାପ୍ତ ଶିଳ୍ପ ଅନୁଷ୍ଠାନ ସହଯୋଗ, ବାରିପଦା ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ନିକଟରୁ ବାରିପଦା ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗଣଦୌଡରେ ୨୫୦ ଜଣ ଯୁବକ/ଯୁବତୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ଏହି ଗଣଦୌଡକୁ ଉଦଘାଟନ କରିବା ସହ ସଡ଼କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ନିଯୁକ୍ତି ଅଧିକାରୀ ଆଶିଷ ବସନ୍ତିଆ, ରାଜ୍ୟ ସଭାପତି ଅରୁଣ କୁମାର ନାଏକ, ଉପସଭାପତି ଦିଲ୍ଲୀପ କୁମାର ମହାଭୋଇ, ଜିଲ୍ଲା ସମ୍ପାଦକ ରୁପେଶ କୁମାର ଗିରି, ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ବର୍ଷା ବୈଶାଳୀ, ସୁଶାନ୍ତ ମହାନ୍ତି, ଶୁଭଦ୍ରା ବେହେରା, ବିଶ୍ୱଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ବାଳିକା ବିଭାଗରେ ସହନାଇ ଟୁଡୁ ପ୍ରଥମ, ସରୋଜିନୀ ମହାନ୍ତ ଦ୍ୱିତୀୟ, କବିତା ସିଂ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବାଳକ ବିଭାଗରେ ଅନୀଲ କୁମାର ସିଂ ପ୍ରଥମ, ସୁଦା ହେମ୍ବ୍ରମ ଦ୍ୱିତୀୟ ଓ ରାମଚନ୍ଦ୍ର ଟୁଡୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, ୧୦।୩(ସମିସ): ଚଳିତ ମାର୍ଚ୍ଚ ମାସ ୧୪ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା କୋର୍ଟ ବ୍ୟତୀତ ତାଲୁକ ଆଇନ ସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରଡ଼ାଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ଲି-ବାର୍ଗେନିଙ୍ଗ ମାମଲା, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ସାଲିସ ଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋଷ ସମାଧାନ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନିବେଦନ କରାଯାଇଛି।

## ଦୋକାନରୁ ଚୋରି

ରାଇରଙ୍ଗପୁର,୧୦।୩ (ସମିସ): ଦୋକାନରୁ ୫୦,୦୦୦ ଟଙ୍କା ଚୋରି ହୋଇଛି। ଏ ନେଇ ଅଁଳାଡୁବା ଅଞ୍ଚଳର ଦାସ ଅଟା ଚକ ମାଲିକ ଦେବାନନ୍ଦ ଦାସ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅନୁପସ୍ଥିତିରେ ଦୋକାନରେ ଦୁର୍ବୃତ୍ତମାନେ ପଶି ଟଙ୍କା ଚୋରି କରିନେଇଛନ୍ତି। ସେ ଦୋକାନକୁ ଆସିବା ପରେ ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ରାସଗୋବିନ୍ଦପୁର,୧୦।୩(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ନଳଗଜାସ୍ଥ ଉପେନ୍ଦ୍ର ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡ. ପ୍ରବୀର ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମହାବିଦ୍ୟାଳୟ ଉନ୍ନତି କରିବା ସହିତ ମହାବିଦ୍ୟାଳୟର ସମସ୍ୟା ସମାଧାନ କରିବେ, ପାଠପଢା ସହ କିଭଳି ପିଲାମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ, ସେ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବେ। ଡ. ପଟ୍ଟନାୟକ ଏହା ପୂର୍ବରୁ ବେଳାଭୂମି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ମହାବିଦ୍ୟାଳୟର ଏହି ସମ୍ବର୍ଦ୍ଧନା ଉତ୍ସବରେ ବ୍ରଜେନ୍ଦ୍ର କୁମାର ସେନାପତି, ଔରୋ ପ୍ରାସାଦ ପରିଡ଼ା, ସ୍ମୃତିରଞ୍ଜନ ଦାସ, ଭବଶଙ୍କର ସାହୁ, ରାଜେଶ ମହାନ୍ତ, ଛାତ୍ରୀ ଅଙ୍କିତା ପରମାଣିକ, ଗାୟତ୍ରୀ ମହାନ୍ତି, ହିମାଦ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗା ବୋତଲ୍‌ରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ରାସଗୋବିନ୍ଦପୁର,୧୦।୩ (ସମିସ): ଭଙ୍ଗା ବୋତଲରେ ମରଣାନ୍ତକ ଆକ୍ରମଣରେ ଯୁବକ ରତନ ଦାସ ଗୁରୁତର ହୋଇଛନ୍ତି। ଜଣେ ଯୁବକ ରତନଙ୍କୁ ଭଙ୍ଗା ବୋତଲ୍‌ରେ ଆକ୍ରମଣ କରିଥିବା ନେଇ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଗୋବିନ୍ଦା ଗ୍ରାମର ବିଜୟ ସେନାପତି (ବିଜୁ) ଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଦାନ ଧର୍ମ କରନ୍ତୁ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହୋଇପାରେ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ପୁରୁଣା ନିବେଶରୁ ଲାଭ ମିଳିବ। ମନ ଉଣା ହୋଇପାରେ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଆୟ ଅନୁସାରେ ବ୍ୟୟ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ପାରିବାରିକ ବିବାଦରୁ ଦୂରେଇ ରହିବେ। ନୂତନ ଯାନବାହନ କ୍ରୟ କରିପାରନ୍ତି।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ମନ୍ଦିରରେ ଦାନ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୯୧୫- କ୍ରିକେଟ୍ ଖେଳାଳି ବିଜୟ ହଜାରେଙ୍କ ଜନ୍ମ।
- ୧୯୧୮ - ମସ୍କୋ ରୁଷ୍‌ର ରାଜଧାନୀ ହେଲା।
- ୧୯୭୮ - ତେଲ୍‌ଅବିବ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୫ ଲୋକଙ୍କ ମୃତ୍ୟୁ।
- ୨୦୦୪- ସ୍ପେନ୍‌ରେ ତିନୋଟି ରେଳ ଷ୍ଟେସନ୍‌ରେ ହୋଇଥିବା ବିସ୍ଫୋରଣରେ ୧୯୦ ମୃତ, ୨୦୦୦ ଆହତ।
- ୨୦୨୦- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନାକୁ ମହାମାରୀ ଘୋଷଣା କଲା।

## 'ଓଏମ୍‌ଜି ୩' ଛାଡ଼ିଲେ ରାନୀ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରାନୀ ମୁଖାର୍ଜୀ, ଅକ୍ଷୟ କୁମାରଙ୍କ ସହ 'ଓଏମ୍‌ଜି ୩'ରେ ନଜର ଆସିବେ ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଥିଲେ। କାରଣ ପ୍ରଥମ ଥର ପାଇଁ ରାନୀ ଓ ଅକ୍ଷୟ ଏକାଠି ପରଦା ଉପରେ ନଜର ଆସିଥାନ୍ତେ। ଫିଲ୍ମର ଟାଇଟଲ୍ 'ଓ ମାଇ ଗଡେସ୍' ରଖାଯିବା ସହ ରାନୀଙ୍କୁ ଦେବୀ ରୂପେ ଏଥିରେ ଦେଖାଯିବ ବୋଲି କୁହାଯାଉଥିଲା। ଏବେ ରାନୀ ଏହି ଫିଲ୍ମ ଛାଡ଼ି ଦେଇଥିବା ଖବର ଆସିଛି। 'ଓଏମ୍‌ଜି ୩'ର ନିର୍ଦ୍ଦେଶକ ଅମିତ୍ ରାୟଙ୍କ ସହ କାହାଣୀକୁ ନେଇ ସହମତ ନ ହେବାରୁ ଏହି ଫିଲ୍ମ ସେ ଛାଡ଼ି ଦେଇଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ରାନୀ କିମ୍ବା ଫିଲ୍ମ ନିର୍ମାତା ବିଧିବଦ୍ଧଭାବେ କିଛି କହିନାହାନ୍ତି। ରାନୀ ଏଥିରୁ ବାଦ୍ ପଡ଼ିବା ପରେ ଫିଲ୍ମ ନିର୍ମାତା ଏବେ ନୂଆ ନାୟିକା ସନ୍ଧାନରେ ଅଛନ୍ତି। ଫିଲ୍ମର ସୁଟିଂ ମେ' କିମ୍ବା ଜୁନ୍ ମାସରେ ଆରମ୍ଭ ହେବ। 'ଓ ମାଇ ଗଡ୍'ର ଦୁଇଟି ପାର୍ଟର ସଫଳତା ପରେ ଏହାର ତୃତୀୟ ପାର୍ଟରେ ଫିଲ୍ମ ନିର୍ମାତା ନାରୀଶକ୍ତିକୁ ଈଶ୍ୱରୀୟ ଦୃଷ୍ଟିକୋଣରେ ପ୍ରସ୍ତୁତ କରିବା ପାଇଁ ଯୋଜନା କରିଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ଭାରତୀୟ ଶାସ୍ତ୍ରୀୟ ଭାଷା ମଧ୍ୟରେ ଅନ୍ୟତମ ଓଡ଼ିଆ ଭାଷା ହେଉଛି ଆମ ଅସ୍ମିତାର ପରିଚୟ। ଆଜି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ। ଏହା ଓଡ଼ିଶାର ପ୍ରଶାସନିକ ଭାଷା। ଭାରତର ସମ୍ବିଧାନରେ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଏହା ଅନ୍ୟତମ। ଓଡ଼ିଆ, ଷଷ୍ଠ ଭାରତୀୟ ଭାଷା ଭାବରେ ଏକ ସ୍ୱତନ୍ତ୍ର ଓ ଅନ୍ୟଭାଷା ଦ୍ୱାରା ପ୍ରଭାବିତ ହୋଇ ନ ଥିବା ଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଆ ଭାଷା ଓଡ଼ିଶା ବ୍ୟତୀତ ଏହାର ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକରେ ମଧ୍ୟ କୁହାଯାଏ। ୨୦ ଫେବୃଆରୀ, ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଥିଲେ ଓ ମାର୍ଚ୍ଚ ୧୧ ତାରିଖ ଦିନ ଏନେଇ ଗେଜେଟ ନୋଟିଫିକସେନ ଜାରି କରାଯାଇଥିଲା। ୨୦୧୫ରୁ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଦିବସ ଭାବେ ପାଳନ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଆ ଭାଷା ସମ୍ପର୍କରେ ବିଶ୍ୱବ୍ୟାପୀ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଅଛି। ଏହା ପରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ଭାଷା ସାହିତ୍ୟର ଦବଦବା ବଢ଼ିଥିବା ପରିଲକ୍ଷିତ ହୋଇଛି। ଏହାପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ୍‌କୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଛି। ଓଡ଼ିଆ ଅନ୍ୟ ଭାରତୀୟ ଭାଷାଗୁଡ଼ିକ ତୁଳନାରେ ଖୁବ୍ କମ୍ ପାରସୀ ଓ ଆରବୀ ଭାଷା ଦ୍ୱାରା ପ୍ରଭାବିତ। ଏହି ଦିନ ଆମକୁ ଆମର ଗୌରବମୟ ଅତୀତର କଥା ସ୍ମରଣ କରାଇଦିଏ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉର୍‌ଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଆମ ରାଜ୍ୟ ଓଡ଼ିଶା, ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି। ଭାଷା କେବଳ ଶାସ୍ତ୍ରୀୟ ମାନ୍ୟତା ପାଇଗଲେ ବଞ୍ଚିଯିବ ଏହା ଭାବିବା ଭୁଲ୍। ଭାଷା ପ୍ରତି ଆମ ହୃଦୟରେ ମମତା ରହିଲେ ହିଁ ଏହା ବଞ୍ଚିବ ବୋଲି ଏହି ଦିବସର ଅନୁଚିନ୍ତା ହେବା ଆବଶ୍ୟକ। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଜିଲ୍ଲା ଓ ରାଜ୍ୟସ୍ତରରେ ସ୍କୁଲ ଏବଂ କଲେଜଗୁଡ଼ିକରେ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାମାନ ଆୟୋଜନ କରାଯାଏ। ଓଡ଼ିଆ ଭାଷା, ଆମର ଅସ୍ମିତା ଏବଂ ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରତିପାଦନ କରିବା ପାଇଁ ଏହିଦିନ ସଭାସମିତି, ଆଲୋଚନା ଚକ୍ର ଆୟୋଜନ ହୁଏ।

## ବୟସ ସାଜିନି ବାଧକ

### ୮୫ ବର୍ଷରେ ସ୍ନାତକ

ବୟସ ମାତ୍ର ଏକ ସଂଖ୍ୟା ଅଟେ। କିଛି କରିବାର ଇଚ୍ଛା ଥିଲେ କୌଣସି ଘାତ ପ୍ରତିଘାତ ରୋକିପାରେ ନାହିଁ। ଏହି ଉକ୍ତିକୁ ସତ ପ୍ରମାଣିତ କରିଛନ୍ତି ଦକ୍ଷିଣ କୋରିଆର ୮୫ ବର୍ଷୀୟା ବୃଦ୍ଧା କିମ୍ ଜୋଙ୍ଗ ଜା। ନିକଟରେ କିମ୍ ସୁକମ୍ୟୁଙ୍ଗ ମହିଳା ବିଶ୍ୱବିଦ୍ୟାଳୟରୁ ସୋସିଆଲ ୱେଲଫେୟାରରେ ଆସୋସିଏଟ୍ ଡିଗ୍ରୀ ହାସଲ କରିଛନ୍ତି। ତେବେ ଏହି ବୃଦ୍ଧାଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି, ୭୮ ବର୍ଷ ଯାଏଁ ସେ ନିରକ୍ଷର ଥିଲେ। ଯୁଦ୍ଧ ସ୍ଥିତି ଓ ଗରିବୀ ଯୋଗୁଁ ପିଲାଦିନେ ସେ ସ୍କୁଲ ଯାଇ ଶିକ୍ଷାଗ୍ରହଣ କରିପାରି ନ ଥିଲେ। ହେଲେ ପରିଣତ ବୟସରେ କିନ୍ତୁ ସେ ସାକ୍ଷର ହେବାକୁ ନିଷ୍ପତ୍ତି ନେଇଥିଲେ। ୭୮ ବର୍ଷ ବୟସରେ ସେ ପ୍ରଥମେ ହଙ୍ଗୁଲ (କୋରିଆ ଲିପି) ଶିଖିବା ଆରମ୍ଭ କଲେ। ପ୍ରାରମ୍ଭରେ ଯଦିଓ ତାଙ୍କୁ ଏଥିପାଇଁ ଲାଜ ଲାଗୁଥିଲା କିନ୍ତୁ ପାଠ ପଢ଼ିବା ନିଶା ଯୋଗୁଁ ସେ ଏଥିରୁ ନିବୃତ୍ତ ହେଲେ ନାହିଁ। ମାତ୍ର କେତେ ମାସ ମଧ୍ୟରେ ସେ ଲେଖାପଢ଼ା ଜାଣିଗଲେ। ପୌଢ଼ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ସେ ମାଧ୍ୟମିକ ଓ ହାଇସ୍କୁଲ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଲେ। ୨୦୨୪ ମସିହାରେ କଲେଜ ପ୍ରବେଶିକା ପରୀକ୍ଷା (ସିଏସ୍‌ଏଟି) ଦେବାରେ କୋରିଆର ସବୁଠୁ ବୟସ୍କା ଛାତ୍ରୀ ହେବାର ରେକର୍ଡ କଲେ। ଏହାପରେ ତାଙ୍କୁ ସୁକମ୍ୟୁଙ୍ଗ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଅନୁମତି ମିଳିଥିଲା। ଏଠାରେ ସେ ସୋସିଆଲ ୱେଲ୍‌ଫେୟାର୍ କୋର୍ସ କରିଥିଲେ। ଗ୍ରାଜୁଏସନ୍ ସେରିମନିରେ ଯେତେବେଳେ ସେ ଡିଗ୍ରୀ ଆଣିବାକୁ ପହଞ୍ଚିଥିଲେ ପୂରା ଅଡିଟୋରିୟମ୍ କରତାଳିରେ ଫାଟି ଉଠିଥିଲା। କିମ୍ କୁହନ୍ତି, 'ସେ କମ୍ପ୍ୟୁଟର ଚଳାଇବା ଜାଣି ନଥିବାରୁ ଆସାଇନ୍‌ମେଣ୍ଟଗୁଡ଼ିକ ହାତରେ ଲେଖୁଥିଲେ। ଏଥିପାଇଁ ପୂରା ଦିନ ଲାଗି ଯାଉଥିଲା। ତାଙ୍କୁ ପ୍ରଫେସର ଏଥିପାଇଁ ଅଧିକ ସମୟ ଦେଉଥିଲେ। ବୟସାଧିକ୍ୟ ଯୋଗୁଁ ସେ ପାଠଗୁଡ଼ିକୁ ଭୁଲି ଯାଉଥିଲେ। ହେଲେ ସେ ପାଠ ପଢ଼ା ଛାଡ଼ି ନଥିଲେ।' କିମ୍‌ଙ୍କ କାହାଣୀ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।



# ସମ୍ଭାବନା





## ସ୍ମାର୍ଟ ୱାର୍କରୁ ସଫଳତା

**ଅଫିସ୍‌ରେ ଅଧିକ କାମ କରିବା, ଲଗାତାର ମିଟିଂ ଯୋଗୁଁ କାମ କରିବା ଅନେକ ସମୟରେ କଷ୍ଟକର ହୋଇଥାଏ। ହେଲେ କିଛି ସ୍ମାର୍ଟ ଉପାୟକୁ ଆପଣାଇଲେ କାର୍ଯ୍ୟରେ ସଫଳତା ସହଜରେ ମିଳିପାରିବ।**

- ଅଫିସ୍‌ରେ ସମୟ ବହୁତ ଶୀଘ୍ର ଅତିବାହିତ ହୋଇଥାଏ। ଫଳରେ କାମ ଅଧୁରା ରହେ। ତେଣୁ ସ୍ମାର୍ଟ ୱାର୍କ ଏବଂ ଅଧିକ ପରିଶ୍ରମରେ ଏହାର ସମାଧାନ କରାଯାଇପାରିବ।
- ଯୋଜନା ମୁତାବକ କାମ କରିବା ଖୁବ୍ ଜରୁରି। ଦିନର ଆରମ୍ଭରୁ ଜାଣିବା ଦରକାର, କେଉଁ କାମ କେତେବେଳେ କରିବା ଦରକାର। ଗୁରୁତ୍ୱ ରଖୁଥିବା କାମକୁ ପ୍ରଥମେ କରିବା ଉଚିତ।
- ପ୍ରତି ୪୦ ମିନିଟ୍ ବ୍ୟବଧାନରେ ଛୋଟ ବ୍ରେକ୍ ନିଅନ୍ତୁ। ମସ୍ତିଷ୍କ ଶାନ୍ତ ରହିବା ସହ ସତେଜ ଲାଗେ। ଫଳରେ କାମ କରିବାରେ ଆଗ୍ରହ ଆସେ।
- ଗୋଟିଏ ସମୟରେ ଗୋଟିଏ କାମ କରିବା ଉପରେ ଗୁରୁତ୍ୱ ଦିଅନ୍ତୁ। ମଲଟିଟାସ୍କିଂ ଦ୍ୱାରା କାମର ଗୁଣବତ୍ତା ଖରାପ ହୋଇଥାଏ।
- ବ୍ୟବସ୍ଥିତ ଡେସ୍କ୍‌ରେ କାମ କରିବା ଦ୍ୱାରା କାମ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ।
- ସ୍ମାର୍ଟ ୱାର୍କ ଏବଂ ଠିକ୍ ମ୍ୟାନେଜମେଣ୍ଟ ଦ୍ୱାରା ଅଫିସ୍ ଜୀବନ ଚିନ୍ତାମୁକ୍ତ ରହେ। ଫଳରେ କାର୍ଯ୍ୟର ଉତ୍ପାଦନ କ୍ଷମତା ବୃଦ୍ଧି ପାଏ।

## କ୍ୟାରିୟରରେ ଉନ୍ନତି ଚାହୁଁଥିଲେ...



କ୍ୟାରିୟର୍‌ରେ ସଫଳତା ହାସଲ କରିବା ସମସ୍ତଙ୍କ ସ୍ୱପ୍ନ ହୋଇଥାଏ। ତେବେ ଲୋକମାନେ ଅଜାଣତରେ ଏମିତି କିଛି ଭୁଲ କରି ବସନ୍ତି, ଯାହାକି ସେମାନଙ୍କ ପ୍ରଫେସନାଲ ଉନ୍ନତିରେ ବାଧା ସୃଷ୍ଟି କରିଥାଏ।

- ଭଲ ଲୋକଙ୍କ ସହ ଜଡ଼ିତ ହେଲେ କ୍ୟାରିୟରର ଦିଗ ବଦଳି ଥାଏ। ସାଙ୍ଗ, ସହକର୍ମୀ ଏବଂ ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ସହ କ୍ରମାଗତ ଯୋଗାଯୋଗ ରକ୍ଷା କରିବା ଦରକାର। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ୱାର୍କ ଇଭେଣ୍ଟକୁ ଉପଯୋଗ କରି ନିଜ ପାଇଁ ନୂଆ ସୁଯୋଗ ସନ୍ଧାନ କରିପାରିବେ।
- ଠିକ୍ ସମୟରେ କାମ ନ କରିବା ଅଭ୍ୟାସ ମଧ୍ୟ ଜଣକୁ କ୍ୟାରିୟରରେ ପଛକୁ ନେଇଥାଏ। କାମକୁ ବିଳମ୍ବରେ କରିବା ଅଭ୍ୟାସ ମଧ୍ୟ ବରିଷ୍ଠ ଲୋକଙ୍କ ପାଖରେ ଖରାପ ଛବି ସୃଷ୍ଟି କରିଥାଏ।
- କାମ କରିବା ବେଳେ କେବଳ ଦରମା ଉପରେ ଦୃଷ୍ଟି ଦେବା କ୍ୟାରିୟର ଉନ୍ନତିରେ ବାଧା ଦେଇ ଥାଏ। ଚାକିରିରେ ଦରମା ବ୍ୟତୀତ ଅଭିଜ୍ଞତା, ଦକ୍ଷତା ମଧ୍ୟ ଗୁରୁତ୍ୱ ବହନ କରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଛୋଟ ସୁଯୋଗ ମଧ୍ୟ ବଡ଼ ଲାଭ ଦେଇ ଥାଏ।
- ନିଜକୁ ସମୟ ସହିତ ଓ ଟ୍ରେଣ୍ଡ ଅନୁସାରେ ଅପଡେଟ୍ ରଖିବା ମଧ୍ୟ ଖୁବ୍ ଜରୁରି। ନୂଆ ଟେକ୍ନିକ୍ ଏବଂ କୌଶଳ ସହିତ ଆଗକୁ ବଢ଼ିବା ଉଚିତ। ବିଶେଷକରି ଏବର ଏଆଇ ଯୁଗରେ ଏ ସମ୍ବନ୍ଧିତ ଜ୍ଞାନକୌଶଳ ଶିକ୍ଷା ଲାଭ କରିବା ଉଚିତ।
- ପ୍ରଫେସନାଲ ଜୀବନରେ ଭରସା ସବୁଠୁ ବଡ଼ ପୁଞ୍ଜି। ବାରମ୍ବାର କାମ ଅଧୁରା ଛାଡ଼ିବା ଦ୍ୱାରା ଲୋକଙ୍କ ମଧ୍ୟରେ ଦୂରତ୍ୱ ବଢ଼ିଥାଏ। ଭରସା ବଜାୟ ରଖିବା ପାଇଁ କାମକୁ ସମୟ ଅନୁସାରେ ପୂରା କରିବା ଦରକାର।

## ବଢୁଛି କର୍ପୋରେଟ୍ ଇନଫ୍ଲୁଏନ୍‌ସର ଟ୍ରେଣ୍ଡ

**ସୋସିଆଲ ମିଡିଆରେ କର୍ପୋରେଟ୍ କର୍ମଚାରୀଙ୍କ ଜୀବନଶୈଳୀ ଏବେ ମନୋରଞ୍ଜନ ତଥା ଆୟର ନୂଆ ମାଧ୍ୟମ ପାଲଟିଛି। କିଏ ବ୍ୟାଙ୍କର ଦିନଚର୍ଯ୍ୟା ଦେଖାଉଛନ୍ତି ତ କିଏ ମାର୍କେଟିଂ ପ୍ରଫେସନାଲର। ସେହିପରି କିଏ ୨୦ ଘଣ୍ଟାର କାମ ତ ଆଉ କିଏ ୯ଟାରୁ ୫ଟା ପର୍ଯ୍ୟନ୍ତର ଅଫିସ୍ ଜୀବନ ଓ ତାହାର ପ୍ରସ୍ତୁତି ଦେଖାଉଛନ୍ତି। ତେବେ ଯେଉଁମାନେ ଏସବୁ ପ୍ରଦର୍ଶନ କରୁଛନ୍ତି, ସେମାନଙ୍କୁ କର୍ପୋରେଟ୍ ଇନଫ୍ଲୁଏନ୍‌ସର ବୋଲି କୁହାଯାଉଛି। ଏହାସହିତ ଏହି ଟ୍ରେଣ୍ଡର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି।**

ବିଶେଷଜ୍ଞ ଅନୁସାରେ, କର୍ପୋରେଟ୍ ଇନଫ୍ଲୁଏନ୍‌ସରଙ୍କ ବିଭିନ୍ନ ପ୍ରକାର ଭିଡିଓ ଟିମ୍ ଭାବନା ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏହାଦ୍ୱାରା ଅଫିସ୍ ପରିବେଶ ହାଲୁକା ଲାଗେ। ବର୍ତ୍ତମାନ ଏମିତି ହେଉଛି ଯେ, ଲୋକେ ଇନଫ୍ଲୁଏନ୍‌ସରଙ୍କ ଉପରେ ବ୍ରାଣ୍ଡଠାରୁ ଅଧିକ ଭରସା କରୁଛନ୍ତି। କାରଣ ସେମାନେ ନିତିଦିନର ଜୀବନକୁ ଅସଲ ଶୈଳୀରେ ଦେଖାଉଛନ୍ତି।

କର୍ପୋରେଟ୍ ଇନଫ୍ଲୁଏନ୍‌ସର ଅଫିସ୍ ଚ୍ୟାଲେଞ୍ଜ, ଚାପ, ମଜାକ ଆଦିକୁ ସାମ୍ନାକୁ ଆଣୁଛନ୍ତି। ଏହା ଦ୍ୱାରା ଲୋକେ ନିଜକୁ ସେହି ଘଟଣା ସହିତ ଜଡ଼ିତ କରୁଛନ୍ତି। କହିବାକୁ ଗଲେ, ସେମାନେ ଅଫିସ୍‌ର ବାସ୍ତବିକତାକୁ ପ୍ରତିଫଳିତ କରାଇଥାନ୍ତି। କମ୍ପାନିମାନେ ବି ସେମାନଙ୍କ ଗୁରୁତ୍ୱକୁ ବୁଝିଲେଣି। ସେଥିପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଗ୍ରାହକ ଏବଂ କର୍ମଚାରୀଙ୍କ ସହିତ ଜଡ଼ିତ ହେବା।

ସେହିପରି ଭାରତରେ କର୍ପୋରେଟ୍ ଇନଫ୍ଲୁଏନ୍‌ସର ସୋସିଆଲ ମିଡିଆରେ କଣ୍ଟେଣ୍ଟ ତିଆରି କରୁଥିବା ଲୋକଙ୍କ ମଧ୍ୟରେ ନାହାନ୍ତି। ସେମାନେ ବିଜନେସ ଲିଡର, ବ୍ରାଣ୍ଡ ଲିଡର, ପ୍ରେରକ ବ୍ୟକ୍ତିତ୍ୱ ହୋଇଗଲେଣି। ସେମାନଙ୍କ ବଢୁଥିବା ସଂଖ୍ୟା ଏହା ଦର୍ଶାଉଛି ଯେ, ଭବିଷ୍ୟତରେ କର୍ପୋରେଟ୍ କଲଚର ଏବଂ ମାର୍କେଟିଂ ରଣନୀତି ଇନଫ୍ଲୁଏନ୍‌ସରଙ୍କ ଭୂମିକାକୁ ଆହୁରି ଅଧିକ ମଜଭୁତ କରିବ।



## ଯୁକ୍ତ ଦୁଇ ପରୀକ୍ଷା ପ୍ରସ୍ତୁତି

**ଆରମ୍ଭ ହୋଇଛି ଯୁକ୍ତ ଦୁଇ ପରୀକ୍ଷା। ବିଦ୍ୟାର୍ଥୀମାନେ ପରୀକ୍ଷା ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏହି ପରୀକ୍ଷା ପ୍ରସ୍ତୁତି କିଭଳି ରହିବା ଦରକାର, ସେ ସମ୍ପର୍କରେ ଜାଣିବା।**



- ପଢ଼ା ସମୟରେ ନିଜ ପାଠକୁ ବୁଝି, ସେହି ଅନୁସାରେ ନିଜର ଏକ ନୋଟ୍ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ବିଷୟକୁ ମନେ ରଖିବା ଓ ରିଭିଜନ୍ କରିବା ସହଜ ହୁଏ।
- ଯୋଜନା ପ୍ରସ୍ତୁତ କରିବା ବେଳେ ଯେଭଳି ଗୋଟିଏ ବିଷୟ ଉପରେ ଅଧିକ ଧ୍ୟାନ ନ ଦେବେ, ସେଭଳି ପ୍ରସ୍ତୁତ କରିବା ଭଲ। କାରଣ ଗୋଟିଏ ବିଷୟ ଉପରେ ଅଧିକ ସମୟ ଦେବା ଆଦୌ ଠିକ୍ ନୁହେଁ।
- ପରୀକ୍ଷା ପାଇଁ କେତେ ସମୟ ଅଛି, ତାହାକୁ ଦୃଷ୍ଟିରେ ରଖି ନିଜ ପଢ଼ା ଯୋଜନା ପ୍ରସ୍ତୁତ କରିବା ଦରକାର।
- ପରୀକ୍ଷା ପୂର୍ବରୁ ପୂର୍ବ ବର୍ଷ ପରୀକ୍ଷା ପ୍ରଶ୍ନ ସହ ପରିଚିତ ହେବା ଜରୁରି। ଏହାଦ୍ୱାରା ପଢ଼ା ଯୋଜନା ଏବଂ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ ମିଳେ।
- ରାତିରେ ପଢ଼ିବା ବେଳେ ମଝିରେ ମଝିରେ ପାଣି, ଚା' କିମ୍ବା କଫି ପିଅନ୍ତୁ; ନିଦ ଲାଗିବ ନାହିଁ।

**ପ୍ରତ୍ୟେକ ଚାମ୍ପିଅନ ଖେଳାଳିଙ୍କୁ ମିଳିବ ୬ କୋଟି, ସମ୍ମାନିତ ହେବେ ୫ଚାମ୍ପିଅନ ଦଳ**

# ଟିମ୍ ଇଣ୍ଡିଆକୁ ୧୩୧ କୋଟି ଟଙ୍କା ପୁରସ୍କାର

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ପୁରୁଷ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୧୩୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଭାରତ ଚାମ୍ପିଅନ ହୋଇଥି ପାଖାପାଖି ୨୮ କୋଟି ଟଙ୍କା ପାଇଥିଲା। ଗତଥର ବା ୨୦୨୪ରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ୧୨୫ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ମଙ୍ଗଳବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଚାମ୍ପିଅନ ହୋଇଥିବା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୬ କୋଟି ଲେଖାଏଁ ଟଙ୍କା ଦିଆଯିବ। ଅବଶିଷ୍ଟ ୪୧ କୋଟି ଟଙ୍କା ସପୋର୍ଟ ଷ୍ଟାଫ୍ ବା ବିଭିନ୍ନ କୋଚ୍ ଓ ସହାୟକଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। ମାର୍ଚ୍ଚ ୧୫ରେ ବିସିସିଆଇର ବାର୍ଷିକ ପୁରସ୍କାର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସାଇକିଆ କହିଛନ୍ତି। ଗତ ଦୁଇ ବର୍ଷରେ ଆଇସିସି ଟାଇଟଲ ଜିତିଥିବା ଚାମ୍ପିଅନ୍ସ ଟ୍ରଫି ଦଳ, ମହିଳା ଦିନିକିଆ ଦଳ, ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳଙ୍କୁ ମଧ୍ୟ ଏହି ପୁରସ୍କାର ଉତ୍ସବରେ ସମ୍ମାନିତ କରାଯିବ ବୋଲି ଜଣାଯାଇଛି।

ଅହମ୍ମଦାବାଦ୍‌ରେ ଗତ ରବିବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତ ୯୬ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପ୍ରଥମ ଦଳ ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟଥର ଚାମ୍ପିଅନ ହୋଇଥିଲା। ଫଳରେ ଭାରତ ଏହି ଫର୍ମାଟରେ ବିଶ୍ୱର ସବୁଠାରୁ ସଫଳ ଟିମ୍ ଭାବେ ବିବେଚିତ ହୋଇଛି। ପୂର୍ବରୁ ୨୦୦୭ ଓ ୨୦୨୪ରେ ଭାରତ ପ୍ରଥମ ୨ଟି ଟାଇଟଲ ବିଜୟୀ ହୋଇଥିଲା। ୨୦୧୪ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏଣୁ ନିୟମିତ ବ୍ୟବଧାନରେ ଭାରତ ଶୀର୍ଷଦଳ ମଧ୍ୟରେ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇପାରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ଦଳ ଭାବେ ୩ଥର ଚାମ୍ପିଅନ ହେବା, ପ୍ରଥମ ଦଳ ଭାବେ ଟାଇଟଲ ବଜାୟ ରଖିବା ଓ ପ୍ରଥମ ଦଳ ଭାବେ ଘରୋଇ ମାଟିରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଚାମ୍ପିଅନ ହେବା ପରେ ଗତକାଲି ବିସିସିଆଇ ସଭାପତି ମିଥୁନ ମାନହାସ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱ ଓ ହେଡ କୋଚ୍ ଗୌତମ ଗମ୍ଭୀର ଦିଗଦର୍ଶନରେ ଭାରତୀୟ ଟିମ୍ ଟୁର୍ଣ୍ଣାମେଣ୍ଟ ସାରା ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଏହି ଦଳ ଟାଇଟଲ ଜିତିବା ପରେ ଦେଶର ଗର୍ବ ଓ ଗୌରବ ବୃଦ୍ଧି ପାଇଛି। ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତ ଏକ ଶକ୍ତିଶାଳୀ ଦେଶ ଭାବେ ନିଜକୁ ପ୍ରତିପାଦିତ କରିଛି ବୋଲି ମାନହାସ କହିଥିଲେ।



### ମହିଳା ବିଶ୍ୱକପ୍ ବିଜେତାଙ୍କୁ ୫୧ କୋଟି

ମାର୍ଚ୍ଚ ୧୫ ତାରିଖରେ ନୂଆଦିଲ୍ଲୀରେ ବିସିସିଆଇର ବାର୍ଷିକ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଗତ ଦୁଇବର୍ଷରେ ୫ଟି ଆଇସିସି ଟାଇଟଲ ଜିତିଥିବା ଦଳ ଗୁଡ଼ିକୁ ସମ୍ମାନିତ କରାଯିବ ବୋଲି ବିସିସିଆଇ ସୂଚନା ଦେଇଛି। ଭାରତୀୟ ପୁରୁଷ ଦଳ ୨୦୨୫ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଓ ୨୦୨୬ରେ ପୁରୁଷ ଟି-୨୦ ବିଶ୍ୱକପ୍, ୨୦୨୫ରେ ମହିଳା ଦଳ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ସେହିପରି ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ୫ଟି ଦଳକୁ ବିସିସିଆଇ ସମ୍ମାନିତ କରିବ ବୋଲି ସୂଚନା ଦିଆଯାଇଛି। ବିସିସିଆଇରୁ ମିଳିଥିବା ସୂଚନା ଅନୁଯାୟୀ ଚାମ୍ପିଅନ୍ସ ଟ୍ରଫି ବିଜେତାଙ୍କୁ ୫୮ କୋଟି, ମହିଳା ଦିନିକିଆ ବିଶ୍ୱକପ୍ ବିଜେତାଙ୍କୁ ୫୧ କୋଟି ଟଙ୍କା ପୁରସ୍କାର ବା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିପରି ୧୯ ବର୍ଷରୁ କମ୍ ଦୁଇ ଦଳକୁ ୭.୫ କୋଟି ଲେଖାଏଁ ଟଙ୍କା ଦିଆଯିବ ବୋଲି ଜଣାପଡ଼ିଛି। ଉତ୍ସବରେ ସମସ୍ତଙ୍କୁ ଏହି ଅର୍ଥ ରଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।



### ଅର୍ଶଦୀପ ସିଂହଙ୍କୁ ଜରିମାନା

**ଦୁବାଇ,୧୦।୩(ଏଜେନ୍ସି):** ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ପୁରୁଷ ଦଳର ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଜରିମାନା କରାଯାଇଛି। ଜରିମାନା ବାବଦରେ ତାଙ୍କୁ ଏକ ଡିମେରିଟ ପଏଣ୍ଟ ମିଳିଛି ତାଙ୍କ ୧୫ ଶତକଡ଼ା ମ୍ୟାଚ୍ ଫି କାଟି ନିଆଯାଇଛି। ଅହମ୍ମଦାବାଦ୍‌ରେ ରବିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ପ୍ରତିପକ୍ଷ ଦଳର ବ୍ୟାଟର ଡାରିଲ ମିଚେଲଙ୍କ ଉପରକୁ ବଲ୍ ପକାଇ ଆଇସିସି ଆଚରଣ ସଂହିତାର ଲେଭଲ-୧ ଅପରାଧ ଘଟାଇଛନ୍ତି। ଆଚରଣ ସଂହିତା ଅନୁଯାୟୀ ଏହା ଆକ୍ରମଣାତ୍ମକ ଓ ଅଶୋଭନୀୟ। ଗତ ୨୪ ମାସ ମଧ୍ୟରେ ଅର୍ଶଦୀପ୍ ସିଂହଙ୍କର ଏହା ପ୍ରଥମ ଅପରାଧ ହୋଇଥିବାରୁ ଅଧିକ ଦଣ୍ଡ ପ୍ରଦାନ କରାଯାଇନାହିଁ। ନ୍ୟୁଜିଲାଣ୍ଡ ଇନିଂସର ୧୧ତମ ଓଭରରେ ଏହି ଘଟଣା ଘଟିଥିଲା। ଯାହା ଫଳରେ ମିଚେଲ କ୍ଷୁବ୍ଧ ହୋଇଥିଲେ। ଅମ୍ପାୟାର ଓ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହସ୍ତକ୍ଷେପ ଫଳରେ ଏହାର ସମାଧାନ ହୋଇଯାଇଥିଲା। ପରେ ଅର୍ଶଦୀପ ମଧ୍ୟ କ୍ଷମା ମାଗିଥିଲେ। କିନ୍ତୁ ମ୍ୟାଚ୍ ପରିଚାଳନା କରୁଥିବା ସମସ୍ତ ଅମ୍ପାୟାର ଅର୍ଶଦୀପଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ ଆଇସିସି ଆଚରଣ ସଂହିତାର ଧାରା ୨.୯ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହାକୁ ସେ ମାନିନେବାରୁ ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଆଉ ଶୁଣାଣି କରିବାକୁ ପଡ଼ି ନ ଥିଲା।

## ଭାରତ ଭଲ ଖେଳିଲେ ପାକିସ୍ତାନର ମୁଣ୍ଡ ବିନ୍ଧା

**କରାଚି, ୧୦।୩ (ଏଜେନ୍ସି):** ବିଶ୍ୱର ବଡ଼ ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତଠାରୁ ହାରିଯିବା କିମ୍ବା ଭାରତ ସମ୍ପୃକ୍ତ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଲେ ପାକିସ୍ତାନ ଖେଳାଳିଙ୍କ ମୁଣ୍ଡ ବିନ୍ଧା ବଢ଼ିଯାଇଥାଏ। ଏହି ସମୟରେ ଭାରତ ବିରୋଧରେ ଗୁଜବ ପ୍ରସାରଣ ଖେଳାଳି ଓ ସମର୍ଥକଙ୍କର ମୁଖ୍ୟ କାମ ହୋଇଯାଇଥାଏ। ଭାରତ କ୍ୱାର୍ଟର ଫାଇନାଲ ଯିବ ନାହିଁ, ସେମିଫାଇନାଲ ଖେଳିପାରିବ ନାହିଁ, ଫାଇନାଲରେ ପ୍ରବେଶ କରିପାରିବ ନାହିଁ ଆଦି ଗୁଜବ ତଥା ଅଯଥା ମନ୍ତବ୍ୟ ପାକିସ୍ତାନୀ ଖେଳାଳିମାନେ ଦେଇଥାନ୍ତି। ଭାରତର ଅନେକ ଦୋଷ ତ୍ରୁଟିକୁ ମଧ୍ୟ ସେମାନେ ବାହାର କରିବାରେ ଆଦୌ ବିରତ ରୁହନ୍ତି ନାହିଁ। ସେମାନେ ଭାରତ ବିରୋଧରେ ଏଭଳି ଗୁଜବ ପ୍ରସାରଣ ଓ ଅଯଥା ମନ୍ତବ୍ୟରୁ ବିରତ ରହିବା ଉଚିତ ବୋଲି ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ମହମ୍ମଦ୍ ୱାସିମ କହିଛନ୍ତି। ଆମକୁ ମାନିନେବାକୁ ହେବ ବିଶ୍ୱରେ ଭାରତ ଏକ ଶ୍ରେଷ୍ଠ ଦଳ ଏବଂ ଆମେ ଆମ ତ୍ରୁଟିରୁ ଶିକ୍ଷା ଲାଭ କରିବାକୁ ଶିଖିବା ଉଚିତ ବୋଲି ସେ କହିଛନ୍ତି।


ମହମ୍ମଦ୍ ୱାସିମ (ପାକିସ୍ତାନ)

## ଆମ ଭୂମିକା ଗୁରୁତ୍ୱପୂର୍ଣ୍ଣ: ସିରାଜ

**ଅହମ୍ମଦାବାଦ୍,୧୦।୩(ଏଜେନ୍ସି):** ଟିମ୍ କମ୍ବିନେସନ ଯୋଗୁଁ ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଭାରତ ଖେଳିଥିବା ୯ଟି ମ୍ୟାଚ୍‌ରୁ କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ଗୋଟିଏ ଲେଖାଏଁ ଖେଳିଥିଲେ। ଭାରତ ଚାମ୍ପିଅନ ହେବା ପରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନର ଉତ୍ତରରେ ସିରାଜ ମଜାକ କରି କହିଲେ, ଆମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ପଡ଼ିଆ ବାହାରେ ବସୁଥିଲୁ, ଖେଳାଳିଙ୍କୁ ପାଣି, ଟାୱେଲ ଓ ବ୍ୟାଟ ଯୋଗାଉଥିଲୁ। ଏଭଳି ଉତ୍ତରରେ ସମସ୍ତେ ହସିଥିଲେ। ପରେ ସିରାଜ କହିଥିଲେ କୌଣସି ସଫଳତାରେ ଦଳ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ନୁହେଁ। ଏଣୁ ଆମର ଯୋଗଦାନ ସମ୍ପର୍କରେ ସମସ୍ତେ ଅବଗତ ଅଛନ୍ତି, ଏଭଳି ପ୍ରଶ୍ନ କାହିଁକି ପଚାରୁଛ ବୋଲି ସମ୍ପୃକ୍ତ ସାମ୍ବାଦିକଙ୍କୁ ସିରାଜ କହିଥିଲେ।

## ୧୪ରେ କୁଲଦୀପଙ୍କ ବାହାଘର

**ନୂଆଦିଲ୍ଲୀ,୧୦।୩(ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ମାର୍ଚ୍ଚ ୧୪ରେ ବାହା ହେବେ। ମୁସୌରୀରେ ସେ ତାଙ୍କ ବାଗ୍‌ଦତ୍ତା ବଂଶୀକାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ସୂଚନା ମିଳିଛି। ଗତମାସରେ ତାଙ୍କର ବିବାହ କରିବାର ଥିଲା। କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି କୁଲଦୀପଙ୍କୁ ଭାରତୀୟ ଦଳରେ ଚୟନ କରାଯିବା ପରେ ବିବାହକୁ ସ୍ଥଗିତ ରଖାଯାଇଥିଲା। ୨୦୨୫ ଜୁନ୍‌ରେ କୁଲଦୀପ ଓ ବଂଶିକାଙ୍କ ମଧ୍ୟରେ ନିର୍ବନ୍ଧ ହୋଇଥିଲା। ଏହି ବିଶ୍ୱକପ୍‌ରେ କୁଲଦୀପ ଗୋଟିଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଶ୍ରୀଲଙ୍କାର କଲମ୍ବୋରେ ସେ ପାକିସ୍ତାନ ବିପକ୍ଷରେ ଖେଳି ଗୋଟିଏ ୱିକେଟ ପାଇଥିଲେ। ଇଂଲଣ୍ଡର ଫାଷ୍ଟ ବୋଲର ଷ୍ଟିଭେନ୍ ଫିନ୍ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।



**● ଆଇସିସି ମହିଳା ଦିନିକିଆ ମାନ୍ୟତା**

## ଶୀର୍ଷରେ ରହିଲେ ମନ୍ଧାନା

**ଦୁବାଇ, ୧୦।୩ (ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ମାନ୍ୟତା ବଜାୟ ରଖିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‌ୟାଙ୍କିଙ୍ଗରେ ମନ୍ଧାନା ୭୯୦ ରେଟିଂ ପଏଣ୍ଟ ସହ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଟପ୍-୧୦ରେ ଦ୍ୱିତୀୟ ଭାରତୀୟ ଭାବେ ଅଧିନାୟିକା ହରମନପ୍ରୀତ୍ କୌର ୮ମ ସ୍ଥାନ ଲାଭ କରିଛନ୍ତି। ତେବେ ଅନ୍ୟତମ ବ୍ୟାଟର୍ ଜେମିମା ରୋଡ୍ରିଗ୍ସ ଗୋଟିଏ ପାହାଚ ତଳକୁ ଖସି ୧୨ତମ ସ୍ଥାନରେ ରହିଛନ୍ତି। ନିକଟରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆଠାରୁ ୩-୦ରେ ସିରିଜ ପରାଜୟ ହୋଇଥିଲେ ମଧ୍ୟ ଖେଳାଳିଙ୍କ ମାନ୍ୟତାରେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ। ବ୍ୟାଟିଂ ତାଲିକାରେ ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ (୭୮୨), ବେଥ୍ ମୁନୀ (୭୪୯), ଆସଲେ ଗାର୍ଡନର (୭୨୪) ଓ ନାଟାଲୀ ସ୍କିଭର-ବ୍ରଣ୍ଟ (୭୧୪) ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ନ୍ୟୁଜିଲାଣ୍ଡର ବ୍ରୁକ ହଲିଡେ ବ୍ୟାଟିଂ ତାଲିକାରେ ଏକାଥରକେ ୮ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରିଛନ୍ତି। ସଦ୍ୟ ର୍‌ୟାଙ୍କିଙ୍ଗରେ ସେ ୧୧ତମ ସ୍ଥାନ ଲାଭ କରିଛନ୍ତି।

## ଜାମାଇକା ଖେଳାଳିଙ୍କୁ ପ୍ରବେଶ ଅନୁମତି ଦେଲାନି ଆମେରିକା

**କାଲିଫୋର୍ନିଆ, ୧୦।୩ (ଏଜେନ୍ସି):** ଜାମାଇକାର ଫୁଟବଲ୍ କ୍ଲବ ମାଉଣ୍ଟ ପ୍ଲିଜାଣ୍ଟର ୧୦ଜଣ ଖେଳାଳିଙ୍କୁ ଆମେରିକାରେ ପ୍ରବେଶ ଅନୁମତି ମିଳିନାହିଁ। ଆମେରିକାର କାଲିଫୋର୍ନିଆରେ ଚାଲିଥିବା କନକାଫ ଚାମ୍ପିଅନସିପ୍ କପ୍‌ରେ ମାଉଣ୍ଟ ପ୍ଲିଜାଣ୍ଟ କ୍ଲବ ପଦାର୍ପଣ କରିବାର ଥିଲା। ଲା ଗାଲାକ୍ସି ବିପକ୍ଷରେ ମାଉଣ୍ଟ ପ୍ଲିଜାଣ୍ଟ ପ୍ରଥମ ମ୍ୟାଚ୍ ଖେଳିଥାନ୍ତା। କିନ୍ତୁ ଭିସାଜନିତ କାରଣ ଲାଗି କାରିବୀୟାନ କପ୍-୨୦୨୫ ଚାମ୍ପିଅନ ମାଉଣ୍ଟ ପ୍ଲିଜାଣ୍ଟର ୧୦ଜଣ ଖେଳାଳିଙ୍କୁ ଆମେରିକା କର୍ତ୍ତୃପକ୍ଷ ପ୍ରବେଶ କରିବାକୁ ଅନୁମତି ଦେଇ ନ ଥିଲେ। ଏହି ଖେଳାଳିଙ୍କ ମଧ୍ୟରେ କାରିବୀୟାନ ଆଇସଲାଣ୍ଡ ହାଇତିର ୭ଜଣ ଖେଳାଳି ରହିଛନ୍ତି। ଗତବର୍ଷ ଜୁନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହାଇତିର ନାଗରିକଙ୍କ ଉପରେ ଆଂଶିକ ପ୍ରତିବନ୍ଧକ ଲଗାଇଥିଲେ। ଯେଉଁଥି ପାଇଁ ଏହି ସମସ୍ୟା ଉପୁଜିଥିଲା। ଜୁନ ୧୧ରୁ ଆମେରିକା-ମେକ୍ସିକୋ ଓ କାନାଡାରେ ମିଳିତ ଭାବେ ଫିଫା ବିଶ୍ୱକପ୍ ଆରମ୍ଭ ହେବ। ଏହି ବିଶ୍ୱକପକୁ ହାଇତି ଯୋଗ୍ୟତା ଅର୍ଜନ କରିଛି।

**■ ଏଏଫ୍‌ସି ମହିଳା ଏସିଆ କପ୍**

## ହ୍ୟାଟ୍ରିକ ହାର୍ ସହ ଭାରତ ବିଦା

**ସିଡନୀ, ୧୦।୩ (ଏଜେନ୍ସି):** ଅଷ୍ଟ୍ରେଲିଆରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ପରାଜୟ ସହ ଭାରତ ବିଦାୟ ନେଇଛି। ମଙ୍ଗଳବାର ୱେଷ୍ଟର୍ଣ୍ଣ ସିଡନୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଚାଇନିଜ ତାଇପେଇ ୩-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା। ଚାଇନିଜ ତାଇପେଇ ପକ୍ଷରୁ ସୁ-ୟୁ ସୁୟାନ ଓ ଚେନ୍ ଚିନ୍ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ (୪୫+୯ତମ)ରେ ଗୋଲରକ୍ଷକ ପି. ଚାନୁଙ୍କ ତ୍ରୁଟି ଯୋଗୁ ଏକ ଆତ୍ମଘାତୀ ଗୋଲ୍ ହୋଇଥିଲା। ସେହିଭଳି ଭାରତ ପକ୍ଷରୁ ୩୯ତମ ମିନିଟରେ ମନୀଷା କଲ୍ୟାଣ ଏକମାତ୍ର ଗୋଲଟି ଶୁଝିଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୨ ଗୋଲରେ ଭିଏତ୍‌ନାମଠାରୁ ଏବଂ ଦ୍ୱିତୀୟ ମୁକାବିଲାରେ ୧୧-୦ ଗୋଲରେ ଜାପାନ ନିକଟରୁ ପରାସ୍ତ ହୋଇଥିଲା।

**● ମାର୍ଚ୍ଚ ୨୮ରୁ ଆଇପିଏଲ୍- ୧୯**

## ପ୍ରଥମ ୨୦ ଦିନର କାର୍ଯ୍ୟସୂଚୀ ଘୋଷଣା ହେବ

**ମୁମ୍ବଇ, ୧୦।୩ (ଏଜେନ୍ସି):** ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ତେବେ ଏହାର କାର୍ଯ୍ୟସୂଚୀକୁ ନେଇ ଜାରି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମାର୍ଚ୍ଚ ୧୩ ତାରିଖରେ ଆଇପିଏଲ୍‌ର ପ୍ରଥମ ୨୦ ଦିନର କାର୍ଯ୍ୟସୂଚୀ ଘୋଷଣା କରାଯିବ। ପରବର୍ତ୍ତୀ ସମୟରେ ବଳକା କାର୍ଯ୍ୟସୂଚୀ ପ୍ରକାଶ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଆଗକୁ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଖେଳାଳିଙ୍କ ସୁରକ୍ଷା ଓ ଲଜିଷ୍ଟିକ ଯେପରି ପ୍ରଭାବିତ ନ ହୁଏ ତେଣୁ ବିସିସିଆଇ ଏଥର ପର୍ଯ୍ୟାୟକ୍ରମେ ଆଇପିଏଲ୍ କାର୍ଯ୍ୟସୂଚୀ ଘୋଷଣା କରୁଛି। ନିର୍ବାଚନ ତାରିଖ ଘୋଷଣା ହୋଇଗଲେ ଦ୍ୱିତୀୟ ପର୍ଯ୍ୟାୟରେ ବଳକା ଥିବା ଆଇପିଏଲ୍ କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି ସାଇକିଆ ଗଣମାଧ୍ୟମକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆଗାମୀ ଆଇପିଏଲ୍ ସମୟରେ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳରେ ବିଧାନସଭା ନିର୍ବାଚନ ହେବ। ଯେଉଁଥି ପାଇଁ ବିସିସିଆଇକୁ ଭେନ୍ୟୁ ଓ ମ୍ୟାଚ୍‌ସୂଚୀ ଜାରି କରିବାରେ ସମସ୍ୟା ସୃଷ୍ଟି ହୋଇଛି।

### ହେଡେନ ଗୁଜରାଟର ବ୍ୟାଟିଂ କୋଚ୍

**ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି):** ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟର୍ ମାଥ୍ୟୁ ହେଡେନ ଆଇପିଏଲ୍ ଦଳ ଗୁଜରାଟ ଟାଇଟାନ୍ସର ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଆଗାମୀ ୧୯ତମ ସିଜନ ଲାଗି ଗୁଜରାଟ ଫ୍ରାଞ୍ଚାଇଜ ପକ୍ଷରୁ ହେଡେନଙ୍କୁ ଏହି ବଡ଼ ଦାୟିତ୍ୱ ଦିଆଯାଇଛି। 'କ୍ରିକେଟ କ୍ଷେତ୍ରରେ ହେଡେନଙ୍କ ଢେର ଅଭିଜ୍ଞତା ରହିଛି। ତାଙ୍କ ଯୋଗଦାନ ଫଳରେ ଦଳର କ୍ରିକେଟ ଇକୋସିଷ୍ଟମ ଆହୁରି ସୁଦୃଢ଼ ହେବ' ବୋଲି ଗୁଜରାଟର ଡିରେକ୍ଟର ଅଫ୍ କ୍ରିକେଟ୍ ବିକ୍ରମ ସୋଲାଙ୍କି କହିଛନ୍ତି। ୫୪ ବର୍ଷୀୟ ହେଡେନ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଅଷ୍ଟ୍ରେଲିଆ ପାଇଁ ୨୭୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଦୁଇ ଦୁଇଥର ଦିନିକିଆ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସେ ମଧ୍ୟ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ଆଇପିଏଲ୍‌ରେ ହେଡେନ ଚେନ୍ନାଇ ସୁପର କିଙ୍ଗ୍‌ସ ଫ୍ରାଞ୍ଚାଇଜ ପକ୍ଷରୁ ଦୁଇଟି (୨୦୦୯ ଓ ୨୦୧୦) ସିଜନରେ ପ୍ରତିନିଧିତ୍ୱ କରି ମୋଟ ୩୨ଟି ମ୍ୟାଚ୍ ଖେଳିଛନ୍ତି। ତାଙ୍କ ନାମରେ ୧୧୦୭ ରନ ଲିପିବଦ୍ଧ ରହିଛି।

**ଆଜି କଳାହାଣ୍ଡି କପ୍ ଫାଇନାଲ**

## କଟକ ଏ'-ସୁନ୍ଦରଗଡ଼ ଟାଇଟଲ୍ ମୁକାବିଲା

**ଭୁବନେଶ୍ୱର, ୧୦।୩ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଚଳିତ ସଂସ୍କରଣ ଅନ୍ତିମ ଚରଣରେ ପହଞ୍ଚିଛି। ବୁଧବାର କଟକ-ଏ ଓ ସୁନ୍ଦରଗଡ଼ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ବାରବାଟୀ ଷ୍ଟାଡିୟମରେ ସକାଳ ୯ଟାରେ ଏହି ମ୍ୟାଚ ଖେଳାଯିବ। ଗତକାଲି ଅନୁଷ୍ଠିତ ଦୁଇଟିଯାକ ସେମିଫାଇନାଲରେ କଟକ-ଏ ଓ ସୁନ୍ଦରଗଡ଼ ବିଜୟ ଲାଭ କରିଥିଲେ। କଟକ-ଏ ୨୫୪ ରନର ବୃହତ୍ ବ୍ୟବଧାନରେ ଅନୁଗୋଳକୁ ପରାସ୍ତ କରିଥିଲା। ସେହିଭଳି ସୁନ୍ଦରଗଡ଼ ୧୧୮ ରନରେ ରାଉରକେଲାକୁ ହରାଇ ଫାଇନାଲକୁ ଉଠିଥିଲା।



## ପଣ୍ଡିତ ରାମକୃଷ୍ଣ ସ୍ମାରକୀ କ୍ରିକେଟ ୨୪ରୁ



**ଭୁବନେଶ୍ୱର,୧୦।୩(ସମିସ):** ରାଜ୍ୟର ବଛା ବଛା ୧୦ଟି ଦଳକୁ ନେଇ ହାଇଟେକ୍ ମେଡିକାଲ କଲେଜ ପଡ଼ିଆରେ ପଣ୍ଡିତ ରାମକୃଷ୍ଣ ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ମାର୍ଚ୍ଚ୨୪ରୁ ଆରମ୍ଭ ହୋଇ ୩୧ରେ ଶେଷ ହେବ। ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩୦ ଓଭର ବିଶିଷ୍ଟ ପ୍ରଥମ ଦିନ ୨ଟି ମ୍ୟାଚ୍ ସକାଳ ୭ଟାରୁ ଆରମ୍ଭ ହେବ ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଆସୋସିଏସନର ସମ୍ପାଦକ ତଥା ଅମ୍ପାୟାର ଶରତକ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଲାଲ୍‌ବଲରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ ବୋଲି ସଭାପତି ଗୋଲକପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି।

**ଲିଗ୍ ପର୍ଯ୍ୟାୟ ଖେଳସୂଚୀ**

୨୪।୩: ସହିଦ୍ ସ୍ପୋର୍ଟିଂ-ଓସ୍କାର ସ୍ପୋର୍ଟିଂ, ଟାଉନ୍ କ୍ଲବ୍-କ୍ଲବ୍ ଦି ରେଡ ଷ୍ଟାର, ୨୫।୩: ରାମେଶ୍ୱର ସ୍ପୋର୍ଟିଂ-ପ୍ରଗତି ସ୍ପୋର୍ଟିଂ, ୨୬।୩: ମୁକ୍ତେଶ୍ୱର - ପାରାମାଉଣ୍ଟ ସ୍ପୋର୍ଟିଂ, ୨୭।୩: ଭାରତ ଭୂଷଣ କ୍ରିକେଟ ଏକାଡେମୀ - ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ। ୩୧।୩- ଫାଇନାଲ।

**ବିଳାସ ରାଉତରାୟ ସ୍ମାରକୀ ଫୁଟବଲ**

## ସେମିରେ ପ୍ରତାପ ନଗରୀ, ଜାରକା

**ଭୁବନେଶ୍ୱର,୧୦।୩(ସମିସ):** କଟକର ପ୍ରତାବ ନଗରୀ ଫୁଟବଲ କ୍ଲବ୍ ଓ ଜାରକା ଟିମ୍ ଏଠାରେ ଚାଲିଥିବା ଦଶମ ବିଳାସ ରାଉତରାୟ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜିର ପ୍ରଥମ ସେମିଫାଇନାଲରେ ପ୍ରତାପ ନଗରୀ ଫୁଟବଲ କ୍ଲବ୍ ୨-୧ ଗୋଲରେ ଭଦ୍ରକ ୟୁନାଇଟେଡ୍ ଫୁଟବଲ କ୍ଲବ୍‌କୁ ହରାଇ ପ୍ରଥମ ଦଳ ଭାବେ ସେମିକୁ ଯାଇଥିଲା। ଆଜିର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଜାରକା ସହ ଢେଙ୍କାନାଳ



ପପୁଲାର ଫୁଟବଲ କ୍ଲବ୍‌ର ମୁକାବିଲା ଡ୍ର ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜାରକା ୬-୫ ଟାଇବ୍ରେକର ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆଜି ମାନ ବିଶ୍ୱାଳ, ବିରଜ ପାତ୍ର, କୃଷ୍ଣ ସାମନ୍ତରାୟ, ସୁଧୀର ସାମନ୍ତରାୟ, ହେମନ୍ତ ସାମନ୍ତରାୟ, ଟୁକୁନା ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS